# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୫/୨୦୨୨ (୧୪ ପୃଷ୍ଠା) | Bhubaneswar, Tuesday, April 5/2022 | Page 14 | ₹ 7.00 | ★★★★★★

୪୮ଶ ଭାଗ ୧୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅନନ୍ୟାଙ୍କ ବ୍ରେକ୍‌ଅପ୍‌**

୩ ବର୍ଷ ଧରି ରିଲେସନଶିପ୍‌ରେ ରହିବା ପରେ ପ୍ରେମିକ ଇଶାନ ଖଟ୍ଟରଙ୍କ ସହ ବ୍ରେକ୍‌ଅପ୍‌ କରିଛନ୍ତି ବଲିଉଡ୍‌ ଅଭିନେତ୍ରୀ ଅନନ୍ୟା ପାଣ୍ଡେ। ୧୧

୧୪ **କେଶବ ମହାରାଜଙ୍କୁ ୭ ଉଇକେଟ**

ଡର୍ବାନରେ ଅନୁଷ୍ଠିତ ବାଂଲାଦେଶ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟର ଦ୍ୱିତୀୟ ଇନିଂସରେ ୭ ଉଇକେଟ ନେଇଛନ୍ତି ଦକ୍ଷିଣ ଆଫ୍ରିକା ସ୍ପିନର କେଶବ ମହାରାଜ।



# ରାଜଧାନୀରେ ସିରିଜ୍‌ ଦୁର୍ଘଟଣା

## ହାଇୱା ଧକ୍କାରେ କାର୍‌ ଚୂର୍‌ମାର, ଜଣେ ମୃତ

ଭୁବନେଶ୍ୱର,୪।୪ (ବ୍ୟୁରୋ)

ରାଜଧାନୀରେ ସୋମବାର ସକାଳେ ଭୟଙ୍କର ଦୁର୍ଘଟଣା ଘଟିଛି। ମଞ୍ଚେଶ୍ୱର ଥାନା ପଳାଶୁଣି ନିକଟ ଜାତୀୟ ରାଜପଥରେ ସିରିଜ୍‌ ଦୁର୍ଘଟଣା ଯୋଗୁ ଗୋଟିଏ କାର୍‌ ଚୂର୍‌ମାର ହୋଇଯାଇଥିବାବେଳେ ଅନ୍ୟ ୩ରୁ ଊର୍ଦ୍ଧ୍ୱ କାର୍‌, ବାଇକ୍‌ କ୍ଷତିଗ୍ରସ୍ତ ହୋଇଛି। ଏଥିରେ ଜଣେ କାର୍‌ ଚାଳକଙ୍କ ମୃତ୍ୟୁ ଘଟିବା ସହ ୫ରୁ ଊର୍ଦ୍ଧ୍ୱ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଟ୍ରାଫିକ୍‌ ଜାମ୍‌ ଯୋଗୁ ବହୁ ଗାଡ଼ି ପଛକୁ ପଛ ରହିଥିବା ସମୟରେ ରସୁଲଗଡ଼ ଓଭରବ୍ରିଜ୍‌ରୁ କଟକ ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଏକାଧିକ ଗାଡ଼ିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା କାର୍‌ ଚାଳକ ହେଲେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳରେ ରହୁଥିବା କେନ୍ଦ୍ରାପଡ଼ା ରାଜକନିକା ଥାନା ଲହୁଣି ଗ୍ରାମର ଶ୍ରୀମନ୍ତ କୁମାର ଦାସ (୩୭)। ସେ ଯାଜପୁର ଜିଲା ଜାରକା ବିଦ୍ୟୁତ୍‌ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରନ୍ତି। ସୋମବାର ସକାଳୁ ଶ୍ରୀମନ୍ତ ନିଜ ଅଲ୍‌ଟୋ କାର୍‌ (ଓଆର୍‌ ୧୪ ଏମ୍‌ ୭୬୯୭) ଯୋଗେ ଜାରକା ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାରେ ଶିକାର ହୋଇଥିଲେ। ଦୁଇ ହାଇୱା ମଧ୍ୟରେ ଚାପି ହୋଇଯିବାରୁ ଅଗ୍ନିଶମ ବାହିନୀ ଓ ପୋଲିସ ଗ୍ୟାସ୍‌ କଟର୍‌ ସହାୟତାରେ କାରକୁ କାଟି ଶ୍ରୀମନ୍ତଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ କଟକ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଦୁର୍ଘଟଣାରେ ଆହତ ଜଣେ ବାଇକ ଚାଳକ ଓ ଅନ୍ୟଏକ କାର୍‌ରେ ଥିବା ୪ଜଣଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ହାଇୱା ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ହାଇୱାକୁ ଜବତ କରି ☞ପୃଷ୍ଠା–୪




ହାଇୱା ଚାପାରେ ଚୂର୍‌ମାର ହୋଇଯାଇଥିବା କାର୍‌କୁ କଟର୍‌ ସାହାଯ୍ୟରେ କାଟି ଅଗ୍ନିଶମ କର୍ମଚାରୀ ଚାଳକଙ୍କୁ ଉଦ୍ଧାର କରୁଛନ୍ତି। ମୃତକ ଶ୍ରୀମନ୍ତ କୁମାର ଦାସ (ଇନ୍‌ସେଟ୍‌)

# ‘ରୋଷଘରେ ଲୁଚି ରହି ଚୁଲି ଭାଙ୍ଗିଛନ୍ତି’

## ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟ ଶାସନ ସଚିବ, ଡିଜିପି

- ସବୁଠି ଲାଗିବ ସିସିଟିଭି, ରାତିରେ ମନ୍ଦିର ପରିସର ଖାଲି ହେବ
- ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏତଲା ପରେ ତଦନ୍ତ ଆରମ୍ଭ
- ସୁଆର ମହାସୁଆର ନିଯୋଗ ସହ ଜିଲାପାଳଙ୍କ ଆଲୋଚନା

ପୁରୀ ଅଫିସ, ୪।୪

ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗା ଘଟଣାକୁ ୪୮ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଦୋଷୀଙ୍କୁ ଚିହ୍ନଟ କରିବାରେ ଶ୍ରୀମନ୍ଦିର ପ୍ରଶାସନ ବିଫଳ ହୋଇଛି। ତେବେ ଏ ନେଇ ସୋମବାର ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକଙ୍କ ପକ୍ଷରୁ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ପାଞ୍ଚଜଣିଆ ଟିମ୍‌ ଗଠନ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜି) ସୁନିଲ ବଂଶଲ ସୋମବାର ସନ୍ଧ୍ୟାରେ ଶ୍ରୀମନ୍ଦିର ଆସି ସ୍ଥିତି ଅନୁଧ୍ୟାନ କରିବା ସହ ସେବାୟତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

ମୁଖ୍ୟ ଶାସନ ସଚିବ ସ୍ଥିତି ଅନୁଧ୍ୟାନ କରି ଫେରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସେ ଏବଂ ଡିଜିପି ଶ୍ରୀମନ୍ଦିର ରୋଷଘର ନିକଟ



ଅଗଣାକୁ ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାତିରେ ରୋଷଘରେ କେହି ଲୁଚି ରହି ଚୁଲି ଭାଙ୍ଗିଥିବା ଅନୁମାନ କରାଯାଉଛି। ଯାହା ଜଣାପଡୁଛି, ଚୁଲି ଭାଙ୍ଗିବା ଭିତରେ ସେମିତି କିଛି ଉଦ୍ଦେଶ୍ୟ ନାହିଁ। ସୁଆର ମହାସୁଆର ସେବାୟତଙ୍କ ମଧ୍ୟରେ କୌଣସି ବିବାଦ ନାହିଁ। ଘଟଣା ସମ୍ପର୍କରେ ଜେଟିପି ଷ୍ଟାଫଙ୍କୁ ପଚରାଉଚରା ଚାଲିଛି। ସିସିଟିଭି ଫୁଟେଜ୍‌ରୁ କିଛି ସୁରାକ ମିଳିଛି। ☞ପୃଷ୍ଠା–୪

# ଚାଷକୁ ନାହିଁ, ଶୋଷୁଛନ୍ତି ଶିଳ୍ପ

## ୧୪୪୧.୮୩ କୋଟି ରାଜସ୍ୱ ହାନି

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ ଚାଷଜମିକୁ ସମ୍ପୂର୍ଣ୍ଣ ଜଳସେଚନ ସୁବିଧା ଯୋଗାଇଦେବା ରାଜ୍ୟ ସରକାରଙ୍କ ପକ୍ଷେ କାଠିକର ପାଠ ହେଉଛି। ଏ ବାବଦରେ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଜମିକୁ ଜଳସେଚନ ସୁବିଧା ମିଳିପାରୁନାହିଁ। ଭୁଲ୍‌ ଡିଜାଇନ, ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ(ଡିପିଆର)ରେ ତ୍ରୁଟି, ଜମି ଅଧିଗ୍ରହଣରେ ବିଳମ୍ବ, ଆର୍ଥିକ ପରିଚାଳନାରେ ଅନିୟମିତତା ଯୋଗୁ ପ୍ରକଳ୍ପ ନିର୍ମାଣରେ ୧୩ରୁ ୪୩ ବର୍ଷ ପର୍ଯ୍ୟନ୍ତ ଲାଗି ଯାଇଛି। ୨୦୧୪ରୁ ୨୦୧୯ ମଧ୍ୟରେ ଜଳସେଚନ ପାଇଁ ୧୨,୭୪୨.୧୧ କୋଟି ଟଙ୍କା ବ୍ୟୟରେ ୫,୦୨,୮୪୨ ହେକ୍ଟର ଜମିରେ ଜଳସେଚନ କରିବା ଲକ୍ଷ୍ୟ ରଖାଯାଇଥିବା ବେଳେ ମାତ୍ର ୨,୨୨,୪୧୮ ହେକ୍ଟର ଅର୍ଥାତ୍‌ ୨୪ ପ୍ରତିଶତ ଜଳସେଚନ ସମ୍ଭବ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା, ଜଳସେଚନ ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପରୁ ଜମିକୁ ଜଳଯୋଗାଣ ସମ୍ଭବ ହୋଇ ନ ଥିବା ବେଳେ ଶିଳ୍ପସଂସ୍ଥା ଜଳ ଶୋଷି ନେଉଛନ୍ତି। କୌଣସି ଚୁକ୍ତି ନ ଥାଇ ଶିଳ୍ପସଂସ୍ଥା ଜଳ ଉତ୍ତୋଳନ କରୁଥିବା ଯୋଗୁ ସରକାରଙ୍କୁ ବହୁ କୋଟି ଟଙ୍କାର ରାଜସ୍ୱ ଫାଙ୍କି ଦେଉଛନ୍ତି। ନିକଟରେ



ବିଧାନସଭାରେ ଉପସ୍ଥାପିତ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟରୁ ଏଭଳି ତଥ୍ୟ ପ୍ରଘଟ ହୋଇଛି।

ସିଏଜି ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ, ରେଙ୍ଗାଳି ବହୁମୁଖୀ ଜଳସେଚନ ପ୍ରକଳ୍ପ ଚାଷଜମିକୁ ଜଳସେଚିତ କରିବାକୁ ଉଦ୍ଦିଷ୍ଟ ଥିବାବେଳେ ଚଞ୍ଚକତା କରାଯାଇ ଶିଳ୍ପଗୁଡ଼ିକୁ ଜଳ ପାଇଁ ଅନୁମତି ଦିଆଯାଇଛି। ଏହି ପ୍ରକଳ୍ପରୁ ଶିଳ୍ପକୁ ଜଳ ଯୋଗାଇଦେବା ସକାଶେ ପ୍ରସ୍ତୁତ ଡିପିଆର୍‌ରେ କୌଣସି ବିଷୟ ଉଲ୍ଲେଖ କରାଯାଇନାହିଁ। କେନାଲ ନିର୍ମାଣରେ ବିଳମ୍ବ ଯୋଗୁ ପରିକଳ୍ପିତ କ୍ଷେତ୍ରକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିନାହିଁ। ତେବେ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପରୁ ଶିଳ୍ପକୁ ଜଳ ବ୍ୟବହାର ଲାଗି ଅନୁମତି ଦିଆଯାଇଥିଲା। କେବଳ ସେତିକି ନୁହେଁ, ☞ପୃଷ୍ଠା–୪

# ଥମୁନି ତୈଳ ଦର ବୃଦ୍ଧି

## ପୁଣି ବଢ଼ିଲା ପେଟ୍ରୋଲ, ଡିଜେଲ



**ଭୁବନେଶ୍ୱର,୪।୪:** ଅନ୍ତର୍ଜାତୀୟ ବଜାରରେ କ୍ରମାଗତ ଭାବେ ଅଶୋଧିତ ତୈଳ ଦର ପରିବର୍ତ୍ତନ ହେବାରୁ ଭାରତ ବଜାର ଉପରେ ତା’ର ପ୍ରଭାବ ଦେଖିବାକୁ ମିଳୁଛି। ଏପରିକି ଦୀର୍ଘ ୧୩ଦିନ ପରେ ଉଭୟ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ବୃଦ୍ଧି ଖସିଥିଲେ ମଧ୍ୟ ଦର ବୃଦ୍ଧିରେ କୌଣସି ପରିବର୍ତ୍ତନ ହେଉନାହିଁ। କ୍ରମାଗତ ୩ୟ ଦିନ ଲାଗି ସାରା ଦେଶରେ ତୈଳ ଦର ବୃଦ୍ଧି ଘଟିଛି। ଗତ ୧୪ ଦିନ ମଧ୍ୟରେ ୧୨ଥର ତୈଳ ଦର ପରିବର୍ତ୍ତନ ହୋଇଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ସୋମବାର ଭୁବନେଶ୍ୱରରେ ପେଟ୍ରୋଲ ୪୩ ପଇସା ଏବଂ ଡିଜେଲ ୪୨ ପଇସା ବୃଦ୍ଧି ଘଟିଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୧୦.୭୯ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୧୦୦.୫୪ ଟଙ୍କାରେ କାରବାର ହେଉଛି। ଗତ ୧୨ ଥରରେ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଶ୍ରୀଲଙ୍କା ସଙ୍କଟ

# ‘ଯୌତୁକ ଯୋଗୁ ବାହା ହୋଇପାରୁଛନ୍ତି ଅସୁନ୍ଦରୀ’

ନୂଆଦିଲ୍ଲୀ,୪।୪

ଭାରତରେ ଯୌତୁକକୁ ଅପରାଧ କୁହାଯାଉଥିବା ବେଳେ ପାଠ୍ୟପୁସ୍ତକରେ ଏହାର ଉପଯୋଗିତା ସମ୍ପର୍କରେ ପିଲାମାନଙ୍କୁ ପଢ଼ାଯାଉଥିବାରୁ ଏହାକୁ ନେଇ ବିବାଦ ଦେଖାଦେଇଛି। ବହିରେ ଯୌତୁକର ଉପଯୋଗିତା ବିଷୟରେ ଉଲ୍ଲେଖ ରହିଥିବା ପୃଷ୍ଠାର ଫଟୋ ଭାଇରାଲ ହେବା ପରେ ସୋସିଆଲ ମିଡିଆ ୟୁଜର୍ସଙ୍କ ମଧ୍ୟରେ ଆଲୋଡନ ସୃଷ୍ଟି କରିଛି। ଏହା ଆଇଏନ୍‌ସି (ଭାରତୀୟ ନର୍ସିଂ କାଉନସିଲ୍‌) ପାଠ୍ୟକ୍ରମରେ ସାମିଲ ହୋଇଥିବା ଟି.କେ. ଇନ୍ଦ୍ରାଣୀଙ୍କ ଲିଖିତ ସୋସିଓଲଜି ବହି ବୋଲି କେତେଜଣ ଇଣ୍ଟରନେଟ ୟୁଜର କହିଛନ୍ତି। ନର୍ସିଂ ଛାତ୍ରୀଛାତ୍ର ପଢୁଥିବା ଉକ୍ତ ବହିରେ ଡାଉରିର ଭଲ ଗୁଣ ସମ୍ପର୍କରେ ଉଲ୍ଲେଖ ରହିଛି। ସେଥିରେ ଲେଖାଅଛି ଯୌତୁକ ବାବଦରେ ଘରକୁ ନୂଆ




**ବିବାଦରେ ପାଠ୍ୟପୁସ୍ତକ**

ଆସବାବପତ୍ର, ଫ୍ରିଜ୍‌, ଗାଡ଼ି ଆଦି ଆସୁଥିବାବେଳେ ଏହାଦ୍ୱାରା ପୈତୃକ ସମ୍ପତ୍ତିରୁ ଝିଅ ନିଜ ଭାଗ ଆଣିପାରୁଛନ୍ତି। ସେହିପରି ଯୌତୁକ ଯୋଗୁ ଅସୁନ୍ଦର ଝିଅମାନେ ବାହା ହୋଇପାରୁଥିବା ଉକ୍ତ ପୃଷ୍ଠାରେ ଉଲ୍ଲେଖ କରାଯାଇଛି।

ଉକ୍ତ ବିବାଦୀୟ ପୃଷ୍ଠାର ଏକ ଫଟୋ ଶିବସେନା ନେତ୍ରୀ ତଥା ରାଜ୍ୟସଭା ସଦସ୍ୟା ପ୍ରିୟଙ୍କା ଚତୁର୍ବେଦୀ ଟୁଇଟରରେ ଶେୟାର କରିଛନ୍ତି। ଦେଶରେ ଯୌତୁକ ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସରକାର ବିଭିନ୍ନ ଆଇନ କାର୍ଯ୍ୟକାରୀ କରିଥିଲେ ହେଁ ଏହା ପୂର୍ବ ପ୍ରକାରେ ଜାରି ରହିଛି। ଆଜିର ଦିନରେ ଯୌତୁକ ଦାବି ବଢ଼ିବାରେ ଲାଗିଛି। ☞ପୃଷ୍ଠା–୪





| ପୋଷକ ତତ୍ତ୍ୱ | ଅଭାବ କାରଣରୁ ରୋଗ |
|---|---|
| ଭିଟାମିନ୍‌ ଏ | ଭିଟାମିନ୍‌ ଏ ଅଭାବ କାରଣରୁ ଦୁର୍ବଳ ଦୃଷ୍ଟିଶକ୍ତି, କ୍ଳାନ୍ତି, ଚର୍ମର ଶୁଷ୍କତା ଏବଂ ବାରମ୍ବାର ଅସୁସ୍ଥତା ଭଳି ସମସ୍ୟା ଦେଖାଦେଇପାରେ। |
| ଭିଟାମିନ୍‌ ସି | ଭିଟାମିନ୍‌ ସି’ର ଅଭାବ ମାଂସପେଶୀ ଦୁର୍ବଳତା, ଗଣ୍ଠି ଓ ମାଂସପେଶୀ ବ୍ୟଥା, ମାଢ଼ିରୁ ରକ୍ତକ୍ଷରଣ ଆଦି ସମସ୍ୟା ସୃଷ୍ଟି କରିପାରେ। |
| ଭିଟାମିନ୍‌ ଡି | ଶରୀରରେ କ୍ୟାଲ୍‌ସିୟମ୍‌ ଏବଂ ଫସ୍‌ଫେଟ୍‌ର ନିୟନ୍ତ୍ରଣରେ ସହାୟକ। ଏହାର ଅଭାବ କାରଣରୁ କ୍ଳାନ୍ତି ଏବଂ ଅସ୍ଥି ଦୁର୍ବଳତା ଦେଖାଦେଇପାରେ। |
| ଭିଟାମିନ୍‌ ଇ | ଉପାଦେୟ ଆଣ୍ଟିଅକ୍ସିଡାଣ୍ଟସ୍‌ ଏବଂ କୋଷିକା ଝିଲ୍ଲୀର ସ୍ଥିରତା ବଜାୟ ରଖିବାରେ ସହାୟକ। ଏହାର ଅଭାବ କାରଣରୁ ଚର୍ମ ସମସ୍ୟା ଏବଂ କେଶହାନି ଘଟିପାରେ। |
| ଭିଟାମିନ୍‌ କେ | ଭିଟାମିନ୍‌ କେ ରକ୍ତ ସଞ୍ଚାଳନ ପାଇଁ ଉପାଦେୟ ଅଟେ। ଏହାର ଅଭାବ କାରଣରୁ ଅସ୍ଥି ଘନତ୍ୱ ହ୍ରାସ ପାଇଥାଏ। |
| ଭିଟାମିନ୍‌ ବି1 | ଭିଟାମିନ୍‌ ବି1 ଖାଦ୍ୟକୁ ଶକ୍ତିରେ ରୂପାନ୍ତରିତ କରିଥାଏ। ଏହାର ଅଭାବ ଡିମେନ୍ସିଆ, ଆଲ୍‌ଜାଇମର୍ସ, କ୍ୟାନ୍‌ସର୍‌ ଏବଂ ମେଟାବଲିଜିମ୍‌ ସମ୍ବନ୍ଧୀୟ ସମସ୍ୟାର କାରଣ ସାଜିପାରେ। |
| ଭିଟାମିନ୍‌ ବି2 | ଭିଟାମିନ୍‌ ବି2 ଇମ୍ୟୁନିଟି ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାର ଅଭାବ କାରଣରୁ ସ୍ନାୟବିକ ରୋଗ, ରକ୍ତହୀନତା ଏବଂ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଦେଖାଦେଇପାରେ। |
| ଭିଟାମିନ୍‌ ବି12 | ଭିଟାମିନ୍‌ ବି12 ଅଭାବ ଦ୍ୱାରା ମସ୍ତିଷ୍କ, ସ୍ନାୟୁତନ୍ତ୍ର ଏବଂ ରକ୍ତଚାପ ପ୍ରଭାବିତ ହୋଇପାରେ। ଏହା ଶରୀରରେ ଲୋହିତ ରକ୍ତକୋଷିକା ଗଢ଼ିବାରେ ସହାୟତା କରିଥାଏ। |

## ଅଷ୍ଟ୍ରେଲିଆରେ ଭୂସ୍ଖଳନ : ୨ ମୃତ

ଅଷ୍ଟ୍ରେଲିଆର ୱେନ୍ଥଓର୍ଥରେ ସୋମବାର ଭୂସ୍ଖଳନ କାରଣରୁ ବ୍ଲୁ ମାଉଣ୍ଟେନସ୍ ନ୍ୟାଶନାଲ ପାର୍କରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ସୂଚନାନୁସାରେ ଭୂସ୍ଖଳନ କାରଣରୁ ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରତିବର୍ଷ ୪୦ ଲକ୍ଷରୁ ଅଧିକ ଲୋକ ବ୍ଲୁ ମାଉଣ୍ଟେନ୍ସ ବୁଲିବା ପାଇଁ ଆସିଥାନ୍ତି।

## ସଂକ୍ଷେପରେ

### ଆତଙ୍କବାଦୀଙ୍କ ଗୁଳିରେ ଯବାନ ଶହୀଦ

**ଶ୍ରୀନଗର,୪।୪:** ଆତଙ୍କବାଦୀଙ୍କ ଆକ୍ରମଣରେ ସୋମବାର ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଜଣେ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି। ଅନ୍ୟଜଣେ ଯବାନ ଆହତ ହୋଇଛନ୍ତି। ଆତଙ୍କବାଦୀ ଘଟଣା ସ୍ଥଳରୁ ଫେରାର୍ ହୋଇଯାଇଥିବାବେଳେ ସ୍ଥାନୀୟ ପୋଲିସ ପ୍ରଶାସନ ଓ ସେନା ମିଳିତ ଭାବେ ସର୍ଚ୍ଚ ଅପରେଶନ୍ ଜାରି ରଖିଛି। ସେହିପରି ଶୋପିଆନ୍ ଜିଲା ଅନ୍ତର୍ଗତ ଚୋଟୋଗାମ୍ ଅଞ୍ଚଳରେ ଦୋକାନ କରିଥିବା ଜଣେ କଶ୍ମୀରୀ ପଣ୍ଡିତଙ୍କୁ ସୋମବାର ସନ୍ଧ୍ୟାରେ ଆତଙ୍କବାଦୀମାନେ ଗୁଳି କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଶ୍ରୀନଗରସ୍ଥିତ ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲ୍‌ୱାମାରେ ୪ ବାହାର ଶ୍ରମିକ ଏବଂ ଶ୍ରୀନଗରରେ ୨ ସିଆର୍‌ପିଏଫ୍ ଯବାନଙ୍କ ସମେତ ୨୪ ଘଣ୍ଟା ମଧ୍ୟରେ ୭ ଜଣଙ୍କୁ ଗୁଳି କରାଗଲାଣି।

### ବିନୟ୍ କ୍ୱାତ୍ରା ନୂଆ ବହିର୍ବ୍ୟାପାର ସଚିବ



**ନୂଆଦିଲ୍ଲୀ,୪।୪:** ନେପାଳରେ ଭାରତର ରାଷ୍ଟ୍ରଦୂତ ଥିବା ବିନୟ୍ କ୍ୱାତ୍ରାଙ୍କୁ ସୋମବାର କେନ୍ଦ୍ର ସରକାର ନୂଆ ବହିର୍ବ୍ୟାପାର ସଚିବ ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ବର୍ତ୍ତମାନର ବହିର୍ବ୍ୟାପାର ସଚିବ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା ଏପ୍ରିଲ ୩୦ରେ ଅବସର ଗ୍ରହଣ କରିବା ପରେ ତାଙ୍କ ସ୍ଥାନରେ କ୍ୱାତ୍ରା ମେ' ମାସରେ ଦାୟିତ୍ୱ ଗ୍ରହଣ କରିବେ। କ୍ୱାତ୍ରାଙ୍କ ନିଯୁକ୍ତିକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ନେପାଳରେ ଭାରତର ରାଷ୍ଟ୍ରଦୂତ ହେବା ପୂର୍ବରୁ ସେ ଫ୍ରାନ୍ସରେ ରାଷ୍ଟ୍ରଦୂତ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିଥିଲେ।

### ଆଧାରକାର୍ଡ ନାଁ 'ବେବି ଫାଇଭ୍ ଅଫ୍ ମଧୁ'

**ଲକ୍ଷ୍ନୌ,୪।୪:** ଉତ୍ତର ପ୍ରଦେଶ ବଦାଉନରେ ଏକ ଅସ୍ୱାଭାବିକ ଘଟଣା ଦେଖିବାକୁ ମିଳିଛି। ଆଧାର କାର୍ଡରେ ନିଜର ଅଜବ ନାଁ ପାଇଁ ଆରତୀ ନାମ୍ନୀ ବାଳିକା ସ୍କୁଲ ନାମ ଲେଖାରୁ ବଞ୍ଚିତ ହୋଇଛନ୍ତି। ୟୁପି ବିଲସି ତହସିଲ ଅନ୍ତର୍ଗତ ରାଇପୁର ଗ୍ରାମରେ ଆରତୀଙ୍କ ପିତା ଦିନେଶଙ୍କ ଘର। ଶନିବାର ସେ ତାଙ୍କ ଝିଅଙ୍କ ନାମ ଲେଖାଇବା ପାଇଁ ନିକଟସ୍ଥ ସରକାରୀ ବିଦ୍ୟାଳୟକୁ ଯାଇଥିଲେ। ଆଧାରକାର୍ଡରେ ଆରତୀଙ୍କ ନାମ ବଦଳରେ 'ବେବି ଫାଇଭ୍ ଅଫ୍ ମଧୁ' ଲେଖାଥିବା କାରଣରୁ ସ୍କୁଲ ଶିକ୍ଷୟିତ୍ରୀ ଏକତା ଭର୍ସନୀ ଆରତୀଙ୍କ ନାମ ଲେଖିବା ପାଇଁ ମନା କରିଥିଲେ। ତେବେ ଆଧାର କାର୍ଡର କୌଣସି ନମ୍ବର ନ ଥିବା ମଧ୍ୟ ଅଭିଯୋଗ ହୋଇଛି। ସ୍ଥାନୀୟ ପୋଷ୍ଟ ଅଫିସ ଏବଂ ବ୍ୟାଙ୍କରେ ଆଧାର କାର୍ଡ କରାଯାଉଥିବାବେଳେ ଏହା ଏକ ବଡ଼ ଧରଣର ତ୍ରୁଟି ବୋଲି ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ଦୀପା ରଞ୍ଜନ କହିଛନ୍ତି। ଏ ନେଇ ଯେଉଁମାନେ ଦାୟୀ ,ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଆଧାରକାର୍ଡର ଫଟୋ ଏବେ ସୋସିଆଲ ମିଡିଆରେ ଘୂରିବୁଲୁଛି।

### ପୋଲିସକୁ ଆଇଆଇଟି ସ୍ନାତକଙ୍କ ଆକ୍ରମଣ

**ଲକ୍ଷ୍ନୌ,୪।୪:** ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗୋରଖନାଥ ମନ୍ଦିର ବାହାରେ ରବିବାର ସନ୍ଧ୍ୟାରେ ଦୁଇଜଣ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଜଣେ ଆଇଆଇଟି ସ୍ନାତକ ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିବା ସହ ଧର୍ମୀୟ ସ୍ଲୋଗାନ ଦେଇଥିଲେ। ଅନ୍ୟମାନେ ଉକ୍ତ ଯୁବକଙ୍କୁ କାବୁ କରିନେଇଥିଲେ। ଏହା ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ୟୁପି ପୋଲିସ କହିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଗୋରଖନାଥ ମଠ ମୁଖ୍ୟାଳୟ ବାହାରେ ଏଭଳି ଆକ୍ରମଣ ହୋଇଛି। ଅହମଦ ମୁର୍ତାଜା ଆବ୍ବାସି ନାମକ ଯୁବକ ଏକ ଧାରୁଆ ଅସ୍ତ୍ର ଧରି ସ୍ଲୋଗାନ ଦେଉଥିବା ଭିଡିଓରେ ଦେଖିବାକୁ ମିଳିଛି। ମୁର୍ତାଜା ଗୋରଖପୁରର ବାସିନ୍ଦା। ସେ ୨୦୧୫ରେ ବମ୍ବେ ଆଇଆଇଟିରୁ ସ୍ନାତକ କରିଛନ୍ତି। ତାଙ୍କ ନିକଟରୁ ଲାପ୍‌ଟପ, ଫୋନ୍ ଓ ଏକ ଟିକେଟ ମିଳିଛି। ଆକ୍ରମଣ ପଛରେ ବଡ଼ ଷଡ଼ଯନ୍ତ୍ର ଥିବା ସନ୍ଦେହ କରାଯାଉଛି ବୋଲି ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ପ୍ରଶାନ୍ତ କୁମାର କହିଛନ୍ତି। ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି।

# ଶ୍ରୀଲଙ୍କା ମନ୍ତ୍ରୀଙ୍କ ସମୂହ ଇସ୍ତଫା

**କଲମ୍ବୋ,୪।୪**

ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ କାରଣରୁ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଏବଂ ବିଦ୍ୟୁତ୍ କାଟ୍‌କୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ କର୍ଫ୍ୟୁ ସତ୍ତ୍ୱେ ଆନ୍ଦୋଳନ ଜାରି ରହିଛି। ସରକାର ବଞ୍ଚାଇବା ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଉଦ୍ୟମ ଚଳାଇଥିବାବେଳେ ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବ୍ୟତୀତ ସମସ୍ତ ୨୬ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି। ମିଳିତ ମନ୍ତ୍ରିମଣ୍ଡଳରେ ସାମିଲ ହେବା ଲାଗି ରାଷ୍ଟ୍ରପତି ବିରୋଧୀ ଦଳଗୁଡ଼ିକୁ ଆମନ୍ତ୍ରଣ କରିଥିଲେ। ଦୁଇ ବିରୋଧୀ ଦଳ ସାମାଗି ଜନ ବଲଭେଗାୟ (ଏସ୍‌ଜେବି) ଏବଂ ଜନଥା ବିନୁକ୍ତି ପେରାମୁନା (ଜେଭିପି) ରାଷ୍ଟ୍ରପତିଙ୍କ ଆମନ୍ତ୍ରଣଙ୍କୁ ଅଗ୍ରାହ୍ୟ କରିଦେଇଛନ୍ତି। ଏହା ବଦଳରେ ରାଷ୍ଟ୍ରପତି ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ରବିବାର ବିଭିନ୍ନ ସହରରେ ସରକାର ବିରୋଧୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଆନ୍ଦୋଳନକାରୀମାନେ ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବି କରିଛନ୍ତି। ଦେଶର ଗମ୍ଭୀର ଆର୍ଥିକ ସ୍ଥିତି ଲାଗି ରାଷ୍ଟ୍ରପତି ଓ ତାଙ୍କ ପରିବାରକୁ ଆନ୍ଦୋଳନକାରୀମାନେ ଦାୟୀ କରିଛନ୍ତି।

ସୋମବାର ଇସ୍ତଫା ଦେଇଥିବା ୨୬ ମନ୍ତ୍ରୀଙ୍କ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କ ପୁଅ ନମଲ ରାଜପାକ୍‌ସେ ଅଛନ୍ତି। ସେମାନଙ୍କ ଇସ୍ତଫା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ସ୍ଥିର ସରକାର ଗଠନରେ ସହାୟକ ହେବ ବୋଲି ନମଲ ଟୁଇଟ୍ କରି ଆଶାବ୍ୟକ୍ତ କରିଛନ୍ତି। ରାଷ୍ଟ୍ରପତିଙ୍କ ଭାଇ ବାସିଲ ରାଜପାକ୍‌ସେଙ୍କ ସ୍ଥାନରେ ପୂର୍ବ ସରକାରରେ ଆଇନମନ୍ତ୍ରୀ ଥିବା ସାବ୍ରିଙ୍କୁ ଅର୍ଥମନ୍ତ୍ରୀ ନିଯୁକ୍ତ କରାଯାଇଛି। ଋଣ ପାଇଁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ସହ କଥା ହେବା ନିମନ୍ତେ ବାସିଲ୍ ୱାଶିଂଟନ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ସେହିପରି ପୂର୍ବରୁ ବିଭିନ୍ନ ବିଭାଗରେ ଯେଉଁମାନେ ମନ୍ତ୍ରୀ ଥିଲେ ସେମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ଗୁରୁବାର ରାତିରେ ରାଷ୍ଟ୍ରପତିଙ୍କ ବାସଭବନ ବାହାରେ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ଦେଶରେ ଜରୁରୀ ସ୍ଥିତି ଜାରି ହୋଇଥିଲା। ରବିବାର ଆନ୍ଦୋଳନକୁ ରୋକିବା ପାଇଁ କର୍ଫ୍ୟୁ ଜାରି ହେବା ସହ ସୋସିଆଲ ମିଡିଆକୁ ନିଷିଦ୍ଧ କରାଯାଇଥିଲା। ଏହା ସତ୍ତ୍ୱେ ଲକ୍ଷ ଲକ୍ଷ ଲୋକ କର୍ଫ୍ୟୁକୁ ଖାତିର ନ କରି ରାସ୍ତାକୁ ଓହ୍ଲାଇଥିଲେ।

ଶ୍ରୀଲଙ୍କାରେ ବିଦେଶୀ ମୁଦ୍ରା ସଙ୍କଟ ଉତ୍କଟ ହୋଇଛି। ଫଳରେ ବିଦେଶରୁ ଇନ୍ଧନ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀ କରିବାରେ ସମସ୍ୟା ଦେଖାଦେଇଛି। ୧୯୪୮ରେ




ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି ତାଙ୍କ ଇସ୍ତଫା ଦାବିରେ ବିକ୍ଷୋଭ।

### ମନ୍ତ୍ରିମଣ୍ଡଳରେ ସାମିଲ ଆମନ୍ତ୍ରଣକୁ ବିରୋଧୀଙ୍କ ଅଗ୍ରାହ୍ୟ

ବ୍ରିଟିଶ୍ ଶାସନରୁ ଶ୍ରୀଲଙ୍କା ମୁକ୍ତ ହେବା ପରେ କେବେ ଏଭଳି ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇ ନ ଥିଲା। ଇନ୍ଧନ ଅଭାବରୁ ଗାଡ଼ିମୋଟର ଚଳାଚଳ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍ ଉତ୍ପାଦନ ହ୍ରାସ ପାଇଛି। ଫଳରେ ଦୈନିକ ୧୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଦ୍ୟୁତ୍ କାଟ ହେଉଛି। ଏହା ବ୍ୟତୀତ ଖାଦ୍ୟ, ଔଷଧ ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଦୁଷ୍ପ୍ରାପ୍ୟ ହୋଇଛି। ଏହାକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି।

ସଙ୍କଟରେ ଥିବା ଶ୍ରୀଲଙ୍କାକୁ ଭାରତ ଚାଉଳ ଓ ଡିଜେଲ ଯୋଗାଇଦେଇଛି। ଏଥିସହିତ ୧ ବିଲିୟନ ଡଲାର ଋଣ ସହାୟତା ଯୋଗାଇ ଦେବା ଲାଗି ନିକଟରେ ନୂଆଦିଲ୍ଲୀ ଘୋଷଣା କରିଥିଲା। ସେଠାର ଆର୍ଥିକ ସ୍ଥିତିରେ ସୁଧାର ଲାଗି ଭାରତ ପକ୍ଷରୁ ସହାୟତା ଜାରି ରହିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଥିଲେ।

### ପଦ ଛାଡ଼ିଲେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର

ଶ୍ରୀଲଙ୍କା ଗୁରୁତର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଏହାର କେନ୍ଦ୍ରୀୟ ବ୍ୟାଙ୍କ ମୁଦ୍ରାନୀତି ସମ୍ପର୍କିତ ନିଷ୍ପତ୍ତି ନେବାର ଦିନକ ପୂର୍ବରୁ ଗଭର୍ଣ୍ଣର ଅଜିଥ ନିଭାର୍ଡ କାବ୍ରାଲ୍ ଇସ୍ତଫା ଦେଇଛନ୍ତି। ଦେଶର ସମସ୍ତ କ୍ୟାବିନେଟ ମନ୍ତ୍ରୀ ଇସ୍ତଫା ଦେବା ପରେ ସେ ଏଭଳି ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ମୁଦ୍ରାନୀତି ଘୋଷଣା ବେଳେ ଶ୍ରୀଲଙ୍କା ମୁଦ୍ରାକୁ ସ୍ଥିର ରଖିବା ଲାଗି ମୁଖ୍ୟ ସୁଧ ହାର ୨ ପ୍ରତିଶତ ବଢ଼ାଯାଇପାରେ ବୋଲି ଆଶା କରାଯାଉଛି। ଗତ ମାସଠାରୁ ଶ୍ରୀଲଙ୍କା ମୁଦ୍ରା ମୂଲ୍ୟ ଆମେରିକା ଡଲାର ମୂଲ୍ୟ ତୁଳନାରେ ୩୦ ପ୍ରତିଶତରୁ ଅଧିକ ହ୍ରାସ ପାଇଲାଣି। ଅଜିଥଙ୍କ ଇସ୍ତଫା ପରେ ବର୍ତ୍ତମାନର ଘଡ଼ିସନ୍ଧି ମୁହୂର୍ତ୍ତରେ କିଏ କେନ୍ଦ୍ରୀୟ ବ୍ୟାଙ୍କର ପରବର୍ତ୍ତୀ ମୁଖ୍ୟ ହେବେ ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ମହିନ୍ଦାଙ୍କ ଘର ଆଗରେ ବିକ୍ଷୋଭ

ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ବାସଭବନ ବାହାରେ ୨,୦୦୦ରୁ ଊର୍ଦ୍ଧ୍ୱ ଲୋକ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କ ଇସ୍ତଫା ଦାବି କରିଥିଲେ। ସେମାନେ ରାଜପାକ୍‌ସେ ବିରୋଧୀ ସ୍ଲୋଗାନ ଦେବା ସହ ବାରିକେଡ୍ ଭାଙ୍ଗିଦେଇଥିଲେ। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣି ମାଡ଼ କରିଥିଲା। ଉତ୍ତ୍ୟକ୍ତ ଲୋକେ ରାଜପାକ୍‌ସେଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଇ ତାଙ୍କ ଗେଟ୍ ନିକଟକୁ ଦୌଡ଼ୁଥିବା ଦେଖାଯାଇଥିଲା। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରିଚାଳନା ନୀତି ଯୋଗୁ ଦେଶରେ ଗୁରୁତର ଆର୍ଥିକ ସଙ୍କଟ ଦେଖାଦେଇଛି, ଯେଉଁଥିପାଇଁ ଲୋକଙ୍କୁ ଅନ୍ଧାରରେ ରହିବାକୁ ପଡୁଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଦେଖାଦେଇଛି। ଏହାକୁ ନେଇ ଜନଅସନ୍ତୋଷ ବଢ଼ିବା ସହ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି।

## ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୪।୪**

ଆପରାଧିକ ପ୍ରକ୍ରିୟା (ପରିଚୟ) ବିଲ୍, ୨୦୨୨ ସୋମବାର ଲୋକ ସଭାରେ ଧ୍ୱନିମତରେ ଗୃହୀତ ହୋଇଛି। ଏହି ବିଲ୍ ପୋଲିସ ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ଅପରାଧୀଙ୍କଠାରୁ ଦୁଇପାଦ ଆଗରେ ରଖିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଥିଲେ। ବିରୋଧୀ ଦଳଗୁଡ଼ିକ ବିଲ୍‌କୁ ବିରୋଧ କରିବା ସହ ମାନବାଧିକାର ପ୍ରସଙ୍ଗ ଉଠାଇଥିଲେ। ଅନ୍ୟପକ୍ଷରେ ଏହା ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ଆଇନ ଶୃଙ୍ଖଳାକୁ ମଜଭୁତ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଚିଠା ବିଧେୟକରେ ମାନବୀୟ ଏବଂ ବ୍ୟକ୍ତିଗତ ଅଧିକାରର ସୁରକ୍ଷା ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇଥିବା ଶାହା କହିଛନ୍ତି। ପ୍ରସ୍ତାବିତ ଆଇନ ପୋଲିସକୁ ଅପରାଧୀ ଓ ଅଭିଯୁକ୍ତମାନଙ୍କ ଶାରୀରିକ ଓ ଜୈବିକ ନମୁନା ସଂଗ୍ରହ କରିବା ଲାଗି କ୍ଷମତା ପ୍ରଦାନ କରିବ।

## ମସ୍‌ଜିଦରେ ଡାକବାଜି ଯନ୍ତ୍ର ବନ୍ଦ ଦାବି

**ବେଙ୍ଗାଲୁରୁ,୪।୪**

କର୍ନାଟକର ମସ୍‌ଜିଦଗୁଡ଼ିକରେ ଡାକବାଜି ଯନ୍ତ୍ର ବନ୍ଦ କରିବା ଲାଗି ବଜରଙ୍ଗ ଦଳ ଓ ଶ୍ରୀରାମ ସେନା ପକ୍ଷରୁ ଦାବି ହୋଇଛି। ମହାରାଷ୍ଟ୍ର ନବନିର୍ମାଣ ସେନା ମୁଖ୍ୟ ରାଜ ଠାକ୍‌ରେ ମସ୍‌ଜିଦରେ ମାଇକ୍ ବନ୍ଦ କରିବା ପାଇଁ ଶନିବାର ଦାବି କରିଥିବା ବେଳେ ଏହାକୁ ଦକ୍ଷିଣପନ୍ଥୀ ସଂଗଠନଗୁଡ଼ିକ ସମର୍ଥନ ଜଣାଇଛନ୍ତି। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ସୁପ୍ରିମକୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ମସ୍‌ଜିଦଗୁଡ଼ିକରେ ଡାକବାଜି ଯନ୍ତ୍ର ବନ୍ଦ କରିବା ପାଇଁ ଶ୍ରୀରାମ ସେନାର ଆବାହକ ପ୍ରମୋଦ ମୁଥାଲିକ୍ ଏକ ଭିଡିଓ ବାର୍ତ୍ତାରେ ଦାବି କରିଛନ୍ତି।

## ନିର୍ବାଚନ ଲଢ଼ିବେନି କ୍ୟାରି ଲାମ୍

**ହଂକଂ, ୪।୪**

ହଂକଂ ଲିଡର କ୍ୟାରି ଲାମ୍ ଦ୍ୱିତୀୟ ଥର ଶାସନରେ ରହିବା ନିମନ୍ତେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ସୋମବାର ଘୋଷଣା କରିଛନ୍ତି। ଜୁନ୍ ୩୦ରେ ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ଏଥିସହ ୪୨ ବର୍ଷ ଧରି ଜନସାଧାରଣଙ୍କ ସେବାରୁ ବିରତି ନେବେ ବୋଲି ୬୪ ବର୍ଷୀୟା ଲାମ୍ କହିଛନ୍ତି। ଆସନ୍ତା ମେ'ରେ ପରବର୍ତ୍ତୀ ମୁଖ୍ୟ କାର୍ଯ୍ୟନିର୍ବାହୀ ପଦବୀ ପାଇଁ ନିର୍ବାଚନ ହେବ। ହଂକଂର ଚିଫ୍



ଏକ୍‌ଜିକ୍ୟୁଟିଭ୍ ନିର୍ବାଚନ ପ୍ରତ୍ୟକ୍ଷ ଭାବେ କରିବା ଦାବିରେ ୨୦୧୯ରେ ତାଙ୍କ ସରକାର ବିରୋଧରେ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବେଜିଂ ସେଠାରେ କଠୋର ଜାତୀୟ ସୁରକ୍ଷା କାନୁନ ଲାଗୁ କରି ବିରୋଧକୁ ଚପାଇବାକୁ ଉଦ୍ୟମ କରିଥିଲା। ହଂକଂ ମିଡିଆ ରିପୋର୍ଟ ଅନୁସାରେ, ତାଙ୍କ ପରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଅଧିକାରୀ ତଥା ମୁଖ୍ୟ ଶାସନ ସଚିବ ଜନ୍ ଲି ପରବର୍ତ୍ତୀ ନେତା ଦୌଡ଼ରେ ସାମିଲ ହୋଇପାରନ୍ତି। ୨୦୧୯ ଆନ୍ଦୋଳନ ବେଳେ ଲି ସହରର ସୁରକ୍ଷା ପ୍ରମୁଖ ଥିଲେ। ସୂଚନାଯୋଗ୍ୟ, ହଂକଂ ନେତାଙ୍କ ନିର୍ବାଚନ ଏକ କମିଟି ଦ୍ୱାରା ହୋଇଥାଏ। ଏଥିରେ ଏମ୍‌ପି, ବିଭିନ୍ନ ଉଦ୍ୟୋଗର ପ୍ରତିନିଧି, ବେଜିଂ ସମର୍ଥକଙ୍କ ପ୍ରତିନିଧି ରହିଥାନ୍ତି।

## ଦୁଇ ଭାରତୀୟଙ୍କୁ ଗ୍ରାମୀ ଆୱାର୍ଡ

**ୱାଶିଂଟନ, ୪।୪**

ସଙ୍ଗୀତର ସବୁଠାରୁ ବଡ଼ ଆୱାର୍ଡ ସମାରୋହ 'ଗ୍ରାମୀ ଆୱାର୍ଡ୍ସ' ରବିବାର ଲାସ୍ ଭେଗାସ୍‌ର ଏମ୍‌ଜିଏମ୍ ଗ୍ରାଣ୍ଡ ଗାର୍ଡେନ୍ ଏରେନାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୁଇ ଭାରତୀୟଙ୍କୁ ଗ୍ରାମୀ ଆୱାର୍ଡ ପ୍ରଦାନ କରାଯାଇଛି। ଭାରତୀୟ ମ୍ୟୁଜିକ୍ କମ୍ପୋଜର୍ ରିକି କେଜ୍‌ଙ୍କ 'ଡିଭାଇନ୍ ଟାଇଡ୍'କୁ ବେଷ୍ଟ ନ୍ୟୁ-ଏଜ୍ ଆଲବମ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରିକିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଫାଲଗୁନୀ ଶାହା



ରିକି କେଜ୍

୨୦୧୫ରେ ରିକି ପ୍ରଥମ ଗ୍ରାମୀ ଆୱାର୍ଡ ଗ୍ରହଣ କରିଥିଲେ। ରିକିଙ୍କ ଜନ୍ମ ଆମେରିକାରେ ହୋଇଥିବାବେଳେ ବର୍ତ୍ତମାନ ସେ ବେଙ୍ଗାଲୁରୁରେ ରହୁଛନ୍ତି। ସେହିପରି ବେଷ୍ଟ ଚିଲ୍‌ଡ୍ରେନ୍ ଆଲବମ୍ ସମ୍ମାନରେ ଫାଲଗୁନୀ ଶାହାଙ୍କ 'ଏ କଲର୍‌ଫୁଲ୍ ୱାର୍ଲ୍ଡ' ପୁରସ୍କୃତ ହୋଇଛି। ମୁମ୍ବାଇରେ ଜନ୍ମିତ ଫାଲଗୁନୀ ନ୍ୟୁୟର୍କରେ ରହୁଛନ୍ତି । 'ଲିଭ୍ ଦ ଡୋର୍ ଓପନ୍'କୁ ମିଳିଛି ସଙ୍ଗ୍ ଅଫ୍ ଦି ଇୟର୍ ସମ୍ମାନ।



ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି କରିବା ପୂର୍ବରୁ ସିଜେଆଇ ଜଷ୍ଟିସ୍ ଏନ୍.ଭି. ରମନା ସହକର୍ମୀଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

## ୨ ବର୍ଷ ପରେ ସୁପ୍ରିମକୋର୍ଟରେ ପ୍ରତ୍ୟକ୍ଷ ଶୁଣାଣି

**ନୂଆଦିଲ୍ଲୀ,୪।୪**

ପ୍ରାୟ ୨ ବର୍ଷ ହେଲା ସୁପ୍ରିମକୋର୍ଟରେ ବନ୍ଦ ଥିବା ପୂର୍ଣ୍ଣ ପ୍ରତ୍ୟକ୍ଷ ଶୁଣାଣି ସୋମବାର ଆରମ୍ଭ ହୋଇଛି। କୋଭିଡ୍ ମହାମାରୀ ଯୋଗୁ ୨୦୨୦ ମାର୍ଚ୍ଚଠାରୁ ଭର୍ଚୁଆଲ୍ ମୋଡ୍‌ରେ ବିଭିନ୍ନ ମାମଲାର ଶୁଣାଣି କରାଯାଉଥିଲା। ତେବେ ଗତବର୍ଷ ଅକ୍ଟୋବରରୁ ସର୍ବୋଚ୍ଚ ଅଦାଲତରେ ଆଂଶିକ ଭାବେ ପ୍ରତ୍ୟକ୍ଷ ଶୁଣାଣି ଚାଲିଥିଲା। କରୋନା ସଂକ୍ରମଣ କମିବା ପରେ ଏପ୍ରିଲ ୪ରୁ ଫିଜିକାଲ୍ ହିଅରିଂ ପାଇଁ ସୁପ୍ରିମକୋର୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସିଡ୍ୟୁଓର (ଏସ୍‌ଓପି) ଜାରି କରିଥିଲେ। ଏକ ମାମଲାର ଶୁଣାଣି କରିବା ପୂର୍ବରୁ ସକାଳେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମନା ଅଦାଲତ ଚାରିପାର୍ଶ୍ୱ ବୁଲି ସହକର୍ମୀ ତଥା କୋର୍ଟ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

ମାର୍ଚ୍ଚ ୨୦୨୦ ପରଠାରୁ ଦେଶରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଏସ୍‌ଓପିରେ ଏକାଧିକ ଥର ପରିବର୍ତ୍ତନ କରିଥିଲେ। କେବଳ ବୁଧବାର ଏବଂ ଗୁରୁବାର ପାଇଁ ତାଲିକାଭୁକ୍ତ ହୋଇଥିବା ମାମଲାଗୁଡ଼ିକର ପ୍ରତ୍ୟକ୍ଷ ଶୁଣାଣି ପାଇଁ ଗତ ଫେବୃୟାରୀ ୭ରେ କୋର୍ଟ ଏସ୍‌ଓପି ଜାରି କରିଥିଲେ। ଏହା ପୂର୍ବରୁ ଓମିକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ସମସ୍ତ ଶୁଣାଣି ଭର୍ଚୁଆଲ ମୋଡ୍‌ରେ ହେବା ନିମନ୍ତେ ଗତ ଜାନୁୟାରୀରେ ସର୍ବୋଚ୍ଚ ଅଦାଲତ ସ୍ଥିର କରିଥିଲେ। ଏବେ ସୁପ୍ରିମକୋର୍ଟରେ ହେବାକୁ ଥିବା ସମସ୍ତ ମାମଲାର ଶୁଣାଣି ପ୍ରତ୍ୟକ୍ଷ ଭାବରେ କରାଯିବ।

## ପୂର୍ବତନ ସିଜେପି ହୋଇପାରନ୍ତି କାମଚଳା ପ୍ରଧାନମନ୍ତ୍ରୀ

**ଇସ୍‌ଲାମାବାଦ,୪।୪**

ପାକିସ୍ତାନର କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ଲାଗି ପାକିସ୍ତାନ ତେହେରିକ୍-ଇ-ଇନ୍‌ସାଫ (ପିଟିଆଇ) ପାର୍ଟି ମୁଖ୍ୟ ଇମ୍ରାନ୍ ଖାନ୍ ପୂର୍ବତନ ପ୍ରଧାନ ବିଚାରପତି (ସିଜେପି) ଗୁଲ୍‌ଜାର ଅହମଦଙ୍କ ନାଁ ସୁପାରିସ କରିଛନ୍ତି। ତେବେ ବିରୋଧୀ ଦଳ ନେତା ଶେହବାଜ ସରିଫ କେୟାରଟେକର ପ୍ରଧାନମନ୍ତ୍ରୀ ନିଯୁକ୍ତି ପ୍ରକ୍ରିୟାରେ ସାମିଲ ହେବାକୁ ମନା କରିଦେଇଛନ୍ତି। କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ ହେବା ପର୍ଯ୍ୟନ୍ତ ଇମ୍ରାନ୍ ଏହି ଦାୟିତ୍ୱରେ ରହିବେ ବୋଲି ରାଷ୍ଟ୍ରପତି ଆରିଫ୍ ଅଲ୍‌ଭିଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରେ କୁହାଯାଇଛି।



ଗୁଲ୍‌ଜାର ଅହମଦ

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲି ଓ ସଂଘୀୟ କ୍ୟାବିନେଟକୁ ଭଙ୍ଗ କରାଯାଇଥିବାରୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତି ଲାଗି ନାମ ପ୍ରସ୍ତାବ ଦେବାକୁ ରାଷ୍ଟ୍ରପତି ପିଟିଆଇ ନେତା ଇମ୍ରାନ୍ ଏବଂ ପୂର୍ବତନ ବିରୋଧୀ ଦଳ ନେତା



ଇମ୍ରାନ୍ ଖାନ୍

ଶେହବାଜ ସରିଫ୍‌ଙ୍କୁ ପତ୍ର ଲେଖିଥିଲେ। ପାର୍ଲାମେଣ୍ଟ ଭଙ୍ଗର ୩ ଦିନ ମଧ୍ୟରେ ଯଦି ସେମାନେ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବାକୁ ରାଜି ନ ହୁଅନ୍ତି, ସେମାନେ ଦୁଇଜଣଙ୍କ ନାମ ବାଚସ୍ପତିଙ୍କ ଦ୍ୱାରା ନିଯୁକ୍ତ ୮ ଜଣିଆ କମିଟି ନିକଟକୁ ପଠାଇବେ। ରାଷ୍ଟ୍ରପତି ମଧ୍ୟ ପୂର୍ବ ନ୍ୟାଶନାଲ ଆସେମ୍ବ୍ଲିର ପ୍ରଧାନମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ସହ ପରାମର୍ଶ କରି କେୟାରଟେକର ପ୍ରଧାନମନ୍ତ୍ରୀ ନିଯୁକ୍ତି ଦେଇପାରିବେ ବୋଲି ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ କୁହାଯାଇଛି। ଶେହବାଜ କହିଛନ୍ତି, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଆଇନକୁ ଭଙ୍ଗ କରିଛନ୍ତି। ତେଣୁ ବେଆଇନ କାର୍ଯ୍ୟରେ ସାମିଲ ହେବାକୁ ସେ ଚାହାନ୍ତି ନାହିଁ ବୋଲି ବିରୋଧୀ ଦଳ ନେତା କହିଛନ୍ତି।

### ଗୁଲ୍‌ଜାର ଅହମଦଙ୍କ ନାମ ସୁପାରିସ କଲେ ଇମ୍ରାନ୍

## ବାଚସ୍ପତିଙ୍କ ରୁଲିଂ ଉପରେ ଶୁଣାଣି ସ୍ଥଗିତ

**ଇସ୍‌ଲାମାବାଦ,୪।୪**

### ବିଦେଶୀ ଶକ୍ତି ପ୍ରାୟୋଜିତ କହି ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଥିଲେ

ପାକିସ୍ତାନ ନ୍ୟାଶନାଲ ଆସେମ୍ବ୍ଲିରେ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ବିଦେଶୀ ଶକ୍ତି ପ୍ରାୟୋଜିତ ବୋଲି ଦର୍ଶାଇ ଉପବାଚସ୍ପତି ଏହାକୁ ଖାରଜ କରିଦେଇଥିବାରୁ ସୁପ୍ରିମକୋର୍ଟ ନିଜ ଆଡୁ ଏହାକୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଏହାର ଶୁଣାଣିକୁ ମଙ୍ଗଳବାରକୁ ସ୍ଥଗିତ ରଖାଯାଇଛି। ସୁପ୍ରିମକୋର୍ଟ ଏହି ମାମଲାରେ ଏକ ତର୍କସଙ୍ଗତ ରାୟ ଘୋଷଣା କରିବେ ବୋଲି ପ୍ରଧାନ ବିଚାରପତି ଉମର ଅତା ବନ୍ଦିଆଲ କହିଛନ୍ତି। ଉଭୟ ପକ୍ଷଙ୍କୁ ନ ଶୁଣି ମାମଲା ଉପରେ ରାୟ ପ୍ରଦାନ କରାଯାଇପାରିବ ନାହିଁ କହି ପ୍ରଧାନ ବିଚାରପତି ଶୁଣାଣିକୁ ସ୍ଥଗିତ ରଖିଥିଲେ। ସୋମବାର ପାକିସ୍ତାନ ପିପୁଲ୍ସ ପାର୍ଟିର ଓକିଲ ଫାରୁକ୍ ଏଚ୍ ନାଏକ ଦୁଇଘଣ୍ଟା ଧରି ଅଦାଲତରେ ଯୁକ୍ତି ଉପସ୍ଥାପନ କରିଥିଲେ ହେଁ ପ୍ରତିପକ୍ଷ ଓକିଲ ରାଜା ରବାନି ଏବଂ ମଖଦୁମ୍ ଅଲି ଖାନ୍ ସେମାନଙ୍କ ଯୁକ୍ତି ଉପସ୍ଥାପନ କରି ନ ଥିଲେ।

ଉପବାଚସ୍ପତି ପ୍ରଧାନମନ୍ତ୍ରୀ ଅନାସ୍ଥା ପ୍ରସ୍ତାବକୁ ଖାରଜ କରିଦେବା ପରେ ଏହାକୁ ନେଇ ସାମ୍ବିଧାନିକ ସଙ୍କଟ ଦେଖାଦେଇଛି। ଆସେମ୍ବ୍ଲି ନିୟମାବଳୀ ଅନୁଯାୟୀ ବାଚସ୍ପତି ପ୍ରସ୍ତାବକୁ ଖାରଜ କରିପାରିବେ ବୋଲି ବିଚାରପତି ମୁନୀବ ଅଖତର କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୯,୨୦,୮୪,୫୩୬ | ୬୧,୬୭,୩୨୫ | ୪୨,୭୦,୭୮,୩୪୫ |
| ଭାରତ | ୪,୩୦,୨୯,୦୪୪ | ୫,୨୧,୩୮୮ | ୪,୨୪,୯୫,୦୮୯ |
| ଓଡ଼ିଶା | ୧୨,୮୭,୭୪୨ | ୯୧୨୧(+୫୩) | ୧୨,୭୮,୩୨୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବାବୁ ବି କଲେଣି ରାଜନୀତି

**ଲୋକପ୍ରିୟ ଯୋଜନା ମାଧମରେ ରାଜ୍ୟ ସରକାରଗୁଡ଼ିକ ଲୋକମାନଙ୍କୁ ଦେଉଥିବା ମାଗଣା ସୁବିଧା ଉପରେ କେନ୍ଦ୍ର ସରକାରଙ୍କ କେତେଜଣ ବରିଷ୍ଠ ସଚିବ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ଏଭଳି ସ୍ଥିତି ଜାରି ରହିଲେ ଶ୍ରୀଲଙ୍କା ଭଳି ଆର୍ଥିକ ଦୁଃସ୍ଥିତି ଦେଖାଦେବ। ଏହି ଅମଲାତନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କୁ ଦେଇଥିବା ପ୍ରସ୍ତାବରେ ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ନାମ ଉଲ୍ଲେଖ କରିଛନ୍ତି। ଦେଖିବାକୁ ଗଲେ ଏ ସବୁ ଅଣଭାଜପା ରାଜ୍ୟ। ସଦ୍ୟ ସମାପ୍ତ ଉତ୍ତରପ୍ରଦେଶ ଓ ଗୋଆ ବିଧାନସଭା ନିର୍ବାଚନ ବେଳେ ଭାଜପା ମାଗଣା ଏଲପିଜି ଓ ଲୋଭନୀୟ ଘୋଷଣା କରି ଶାସନ ଗାଦିକୁ ଫେରିଛି। କେନ୍ଦ୍ର ସରକାର ମଧ ଉଜ୍ଜ୍ୱଳା ଏବଂ ପିଏମ୍‌କିଷାନ ଭଳି କାର୍ଯ୍ୟକ୍ରମ ମାଧମରେ ଭୋଟରଙ୍କୁ ଆକୃଷ୍ଟ କରିବାରେ ଲାଗିଛି। କିନ୍ତୁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିବା ଏହି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉତ୍ତରପ୍ରଦେଶର ନାମ ଆଲୋଚନାବେଳେ ନ ଆଣିବା ସୂଚାଇ ଦେଉଛି ଯେ, ବାବୁ ବି କଲେଣି ରାଜନୀତି।**

ନୂଆଦିଲ୍ଲୀ,୪।୪

ରଣବୋଝରେ ବୁଡ଼ି କାଙ୍ଗାଳ ହୋଇଯାଇଥିବା ଶ୍ରୀଲଙ୍କା ଭଳି ସ୍ଥିତି ଭାରତରେ ମଧ ଉପୁଜିପାରେ। ଭାରତର କେତେକ ରାଜ୍ୟ ଲୋକଙ୍କୁ ମାଗଣା ଯୋଜନାରେ ବିପୁଳ ସୁବିଧା ପ୍ରଦାନ କରିବା ଜାରି ରଖିଲେ ଏପରି ସ୍ଥିତି ବେଶି ଦୂର ନୁହେଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସତର୍କ କରାଇଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ। ମାଗଣା ଯୋଜନା ଅସ୍ଥାୟୀ ଏବଂ ଏହା ଦ୍ୱାରା ସମ୍ପୃକ୍ତ ରାଜ୍ୟର ଅର୍ଥନୀତି ଭୁଶୁଡ଼ି ଯାଇପାରେ ବୋଲି ଶନିବାର ୭-ଲୋକ କଲ୍ୟାଣ ମାର୍ଗସ୍ଥିତ କାର୍ଯ୍ୟାଳୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦୀର୍ଘ ୪ ଘଣ୍ଟାର ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ଚିନ୍ତା ବ୍ୟକ୍ତ କରିଛନ୍ତି। ଏହି ବୈଠକରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି. କେ. ମିଶ୍ର ଏବଂ କ୍ୟାବିନେଟ ସଚିବ ରାଜୀବ ଗୌବାଙ୍କ ସମେତ କେନ୍ଦ୍ର ସରକାରଙ୍କ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଉପସ୍ଥିତ ଥିବା ଅନେକ ସଚିବ ତଥା ପ୍ରଶାସନିକ ଅଧିକାରୀ କେନ୍ଦ୍ରକୁ ଆସିବା ପୂର୍ବରୁ ବିଭିନ୍ନ ରାଜ୍ୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଏବେ ଭାରତର ଅନେକ ରାଜ୍ୟର ଆର୍ଥିକ ସ୍ଥିତି ଖରାପ ରହିଛି। ସେହି ରାଜ୍ୟ ସରକାରଗୁଡ଼ିକ ରାଜକୋଷକୁ ସୁହାଇଲା ଭଳି ପଦକ୍ଷେପ ନେଇ ଆର୍ଥିକ ସ୍ଥିତିରେ ସନ୍ତୁଳନ ରକ୍ଷା କରିବା ଆବଶ୍ୟକ ଥିଲା। କିନ୍ତୁ ତାହା ହୋଇପାରିନାହିଁ। ଯଦି ସମ୍ପୃକ୍ତ ରାଜ୍ୟଗୁଡ଼ିକ ଭାରତର ଅଂଶ ହୋଇ ନ ଥାନ୍ତେ ତେବେ ଏତେବେଳକୁ ସେଗୁଡ଼ିକ ଦେବାଳିଆ ହୋଇସାରନ୍ତେଣି। ବିଶେଷକରି ପଞ୍ଜାବ, ଦିଲ୍ଲୀ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ସରକାରଗୁଡ଼ିକ ଘୋଷଣା କରିଥିବା ଯୋଜନା ସବୁ ଦୀର୍ଘସ୍ଥାୟୀ ନୁହେଁ। ଏହି ରାଜ୍ୟଗୁଡ଼ିକରେ ରଣବୋଝ ବଢ଼ିବା ସହ ଆର୍ଥିକ ସ୍ଥିତି ଦୁର୍ବଳ ରହିଛି। ଏହି ରାଜ୍ୟଗୁଡ଼ିକୁ ଯଥାଶୀଘ୍ର ଉକ୍ତ ସମସ୍ୟାରୁ ମୁକୁଳିବା ପାଇଁ ରାସ୍ତା ବାହାରିବା ଜରୁରୀ ବୋଲି ବରିଷ୍ଠ ଅଧିକାରୀମାନେ ଗୁରୁତ୍ୱାରୋପ କରିଛନ୍ତି। ପ୍ରତ୍ୟେକ ନିର୍ବାଚନରେ ଜନସାଧାରଣଙ୍କୁ ମାଗଣା ସୁବିଧା ଦେବା ପାଇଁ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଲାଗି ରହିଥିବା ପ୍ରତିଯୋଗିତା ଦୀର୍ଘକାଳ ଭିତ୍ତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ବୋଝ ବଢ଼ାଇବ ବୋଲି ବରିଷ୍ଠ ଅଧିକାରୀମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ରାଜ୍ୟଗୁଡ଼ିକ କେନ୍ଦ୍ରୀୟ ଟିକସ ଏବଂ ଜିଏସ୍‌ଟିରୁ ଭାଗ ନେଇଥାନ୍ତି। ଏହାବ୍ୟତୀତ ଅବକାରୀ ଟିକସ, ପେଟ୍ରୋଲ ଓ ଡିଜେଲରୁ ଭାଟ୍, ଜମିବାଡ଼ି ଟିକସ, ଯାନବାହନ ପଞ୍ଜୀକରଣ ଆଦିରୁ ରାଜ୍ୟଗୁଡ଼ିକ ଆୟ କରିଥାନ୍ତି। ଅର୍ଥାତ୍ ରାଜ୍ୟଗୁଡ଼ିକର ଆୟ ଉତ୍ସ ସୀମିତ ହୋଇଥିବାରୁ ସେମାନେ ଏଭଳି ମାଗଣା ସୁବିଧା ଘୋଷଣା କମାଇବା ଉପରେ ପ୍ରମୁଖ ଅଧିକାରୀମାନେ ଆଲୋକପାତ କରିଛନ୍ତି।

ଅନ୍ୟପକ୍ଷରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପାଇଁ କାର୍ଯ୍ୟ କରିଥିବାରୁ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ ଅଭିଜ୍ଞତାର ପୂର୍ଣ୍ଣ ବ୍ୟବହାର କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ସମ୍ବଳ ଅଭାବର ବାହାନା ନ କରି ସେମାନେ ଅଭିନବ ଚିନ୍ତାଧାରା ଆପଣାଇବା ଆବଶ୍ୟକ। ଦାରିଦ୍ର୍ୟ ଦୂରୀକରଣ ପାଇଁ ପ୍ରଶାସନିକ ଅଧିକାରୀମାନେ ସ୍ୱତନ୍ତ୍ର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଜରୁରୀ। ଜାତୀୟ ଦୃଷ୍ଟିକୋଣରୁ ସମସ୍ତେ କିଛି ବଡ଼ ଚିନ୍ତା କରି ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ମୋଦି ପରାମର୍ଶ ଦେଇଛନ୍ତି। ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପରଠାରୁ ସଚିବମାନଙ୍କ ସହ ଏହା ମୋଦିଙ୍କ ୯ମ ବୈଠକ।

## ସିବିଆଇ ତଦନ୍ତ ଦାବିରେ ଜନସ୍ୱାର୍ଥ ମାମଲା

କଟକ ଅଫିସ/ଆସିକା, ୪।୪:(ଡି.ଏନ୍.ଏ)

ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଆଇଆଇସି ଦେବ କୁମାର ଗମାଙ୍ଗଙ୍କ ମୃତ୍ୟୁର ରହସ୍ୟ ଉପରୁ ଏପର୍ଯ୍ୟନ୍ତ ପରଦା ହଟିପାରିନାହିଁ। ଏପରି ସ୍ଥିତିରେ ସିବିଆଇ ତଦନ୍ତ ଦାବିରେ ସୋମବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ଘଟଣାର ସିବିଆଇ ତଦନ୍ତ ସହ ମୃତ ଗମାଙ୍ଗଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଏଥିରେ ଦାବି ହୋଇଛି। ଉକ୍ତ ମାମଲାରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ, ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ, ଭଞ୍ଜନଗର ଏସ୍‌ଡିପିଓ ଏବଂ ଭଞ୍ଜନଗର ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, ଗାଙ୍ଗପୁର ଥାନା ଆଇଆଇସି ଗମାଙ୍ଗଙ୍କ ମୃତ୍ୟୁ ସମୟରେ ସେ ସିଭିଲ ଡ୍ରେସରେ ଥାଇ ମଧ୍ୟାହ୍ନଭୋଜନ କରୁଥିଲେ। ତାଙ୍କ ନିକଟରେ ବନ୍ଧୁକ ନ ଥିଲା। ଏହି ସମୟରେ ଉଭୟ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଭଞ୍ଜନଗର ଥାନା ଆଇଆଇସି ଦିନେଶ କୁମାର ଦାସ ସେଠାରେ ଉପସ୍ଥିତ ଥିଲେ। ଗମାଙ୍ଗ ଡାହାଣହାତି ଥିବାବେଳେ ତାଙ୍କ ବାମପାଖ ପିଚାରେ ଗୁଳି ବାଜିଛି। ତେଣୁ ସେ ବାମହାତରେ ସହଜେ ନିଜ ବନ୍ଧୁକ କାଢି କଦାପି ନିଜକୁ ଗୁଳି କରିପାରିବେ ନାହିଁ। ଅନ୍ୟ କେହି ତାଙ୍କୁ ନିଶ୍ଚୟ ଗୁଳି କରିଛନ୍ତି। ଏଣୁ ଭଞ୍ଜନଗର ଏସ୍‌ଡିପିଓ ମିଶ୍ର ଏବଂ ଆଇଆଇସି ଦାସଙ୍କୁ ତଦନ୍ତ ପରିସରଭୁକ୍ତ କରି ଉଭୟଙ୍କ ପଲିଗ୍ରାଫିକ ଟେଷ୍ଟ ସହ ମାମଲାର ସିବିଆଇ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ରେ ଦେବ କୁମାରଙ୍କ ମୃତ୍ୟୁ ଘଟିଥିଲା। ନିଜ ସର୍ଭିସ ପିସ୍ତଲରୁ ଗୁଳି ଫୁଟି ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଥିଲା। ତେବେ ଘଟଣା ସମୟରେ ତାଙ୍କ ସରକାରୀ କ୍ୱାର୍ଟର୍ସରେ ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଏବଂ ଭଞ୍ଜନଗର ଥାନା ଆଇଆଇସି ଦିନେଶ କୁମାର ଦାସ ଉପସ୍ଥିତ ଥିବା ଦେବ କୁମାରଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଫଳରେ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ଅନ୍ୟପକ୍ଷରେ ଗୁଳି କିପରି ଫୁଟିଲା ସେ ନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇ ପାରିନାହିଁ।

**ଗାଙ୍ଗପୁର ଥାନା ଆଇଆଇସି ମୃତ୍ୟୁ ଘଟଣା**



## ସଂକ୍ଷେପରେ

### ଜୁନ୍ ୧୯, ୨୬ରେ ପ୍ରାଥମିକ ସମବାୟ ସମିତି ନିର୍ବାଚନ

ଭୁବନେଶ୍ୱର,୪।୪(ବ୍ୟୁରୋ): ପଞ୍ଚାୟତ ଓ ପୌର ନିର୍ବାଚନ ଶେଷ ହେବା ପରେ ରାଜ୍ୟରେ ସମବାୟ ସମିତି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ସମବାୟ ନିର୍ବାଚନ କମିଶନରଙ୍କ ସୁପାରିସ ଆଧାରରେ ରାଜ୍ୟରେ ଆସନ୍ତା ଜୁନ୍ ୧୯ ଏବଂ ୨୬ ତାରିଖରେ ପ୍ରାଥମିକ ସମବାୟ ସମିତି ନିର୍ବାଚନ ନିମନ୍ତେ ସୋମବାର ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପରବର୍ତ୍ତୀ ସମୟରେ ରାଜ୍ୟ ସମବାୟ ନିର୍ବାଚନ କମିଶନର ଏହି ନିର୍ବାଚନ ପାଇଁ ବିସ୍ତୃତ କାର୍ଯ୍ୟସୂଚୀ ଘୋଷଣା କରିବେ ବୋଲି ଜଣାପଡିଛି। ରାଜ୍ୟ ସମବାୟ ବିଭାଗର ପ୍ରମୁଖ ସଚିବ ବୀର ବିକ୍ରମ ଯାଦବଙ୍କ ଦ୍ୱାରା ଜାରି ବିଜ୍ଞପ୍ତି ଅନୁସାରେ ପ୍ରାଥମିକ ସମବାୟ ସମିତିଗୁଡିକର ପରିଚାଳନା କମିଟି କର୍ମକର୍ତ୍ତା ଚୟନ ଲାଗି ଜୁନ୍ ୧୯ ଏବଂ ୨୬ରେ ନିର୍ବାଚନ କରିବା ପାଇଁ ରାଜ୍ୟ ସମବାୟ ନିର୍ବାଚନ କମିଶନର ମାର୍ଚ୍ଚ ୩୦ରେ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ।

### ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ ଧମକ

**ପ୍ରଧାନଶିକ୍ଷକ, ମାଟ୍ରନ୍‌ଙ୍କ ନାଁରେ ମାମଲା**

ଉଦଳା,୪।୪(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉଦଳା ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ମାଟ୍ରନ୍ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବାର ଧମକ ଦେବା ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଛାତ୍ରୀଙ୍କ ପରିବାର ଲୋକେ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୧୦୪/୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଛାତ୍ରୀ ଜଣକ କିଛି ଦିନ ପାଇଁ ବିଦ୍ୟାଳୟ ଆସି ନ ଥିଲେ। ନିକଟରେ ସେ ବିଦ୍ୟାଳୟକୁ ଫେରିବା ସମୟରେ ପ୍ରଧାନଶିକ୍ଷକ ବ୍ରଜମୋହନ ମାଝୀ ଏବଂ ମାଟ୍ରନ୍ ଜୟନ୍ତୀ ପାତ୍ର ତାଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏ ବାବଦରେ କାହାକୁ କିଛି ଜଣାଇଲେ ଗାଧୋଇବା ବେଳର ଫଟୋ ଭାଇରାଲ କରିଦେବୁ ବୋଲି ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଛାତ୍ରୀ ଜଣକ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସେ ଧମକଚମକ ଦେଇଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଧାନଶିକ୍ଷକ ଓ ମାଟ୍ରନଙ୍କୁ ପଚାରିବାରୁ ସେ କିଛି ପ୍ରତିକ୍ରିୟା ଦେବେ ନାହିଁ ବୋଲି ମନା କରି ଦେଇଛନ୍ତି।

### ଅଟୋରୁ ଖସି ଯୁବତୀ ମୃତ

କାଲିମେଳା, ୪।୪(ଡି.ଏନ.ଏ. ): ମାଲାକାନଗିରି ଜିଲ୍ଲା କାଲିମେଳା ଥାନା ଭେଜାଙ୍ଗିୱାଡ଼ା ପଞ୍ଚାୟତର ଏମ୍‌ପିଭି-୨୧ ଓ ଭେଜାଙ୍ଗିୱାଡ଼ା ଗ୍ରାମ ସୋମବାର ଅପରାହ୍ନରେ ଏକ ଚଳନ୍ତା ଅଟୋରୁ ଖସିପଡ଼ି ଜଣେ ଯୁବତୀର ମୃତ୍ୟୁ ହୋଇଛି। ଅଟୋ ଚାଳକ ଯୁବତୀଙ୍କ ମୃତଦେହକୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ମୃତଦେହ ରଖି ସେଠାରୁ ଫେରାର ହୋଇଯାଇଥିଲେ। ମୃତ ଯୁବତୀ ଜଣଙ୍କ ଭେଜାଙ୍ଗିୱାଡ଼ା ଗ୍ରାମର ଗଣପତି ଗୀଲେଇଙ୍କ ଝିଅ ରୁଚୁ ଗିଲେଇ ବୁଲି ବୋଲି ଜଣାପଡିଛି। ଆଜି ସକାଳେ ରୁଚୁ କାମ କରିବାକୁ ଏମପିଭି -୨୧ ଗ୍ରାମକୁ ଆସି ଖାଇସାରି ଫେରୁଥିବା ବେଳେ ଅଟୋରୁ ତଳକୁ ଖସି ପଡିଥିଲେ।

## ସିବିଆଇ ତଦନ୍ତ ଦାବି କଲେ ମା'

ଭୁବନେଶ୍ୱର,(ବ୍ୟୁରୋ)/ ନୟାଗଡ଼ ଅଫିସ୍/ ରଣପୁର, ୪।୪ (ସ୍ୱ.ପ୍ର.)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡରେ ଆସିଥିବା ମୁଖ୍ୟ ଅଭିଯୁକ୍ତା ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କୁ କ୍ରାଇମବ୍ରାଞ୍ଚ ସୋମବାରଠାରୁ ମାରାଥନ୍ ଜେରା କରୁଛି। ପ୍ରଥମ ପର୍ଯ୍ୟାୟରେ ୮ ଅଭିଯୁକ୍ତଙ୍କ ମଧ୍ୟରୁ ଶର୍ମିଷ୍ଠା, ଝୁନା, ମାଷ୍ଟରମାଇଣ୍ଡ ତଥା ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ବୈଷୟିକ ନିର୍ଦ୍ଦେଶକ ନିରଞ୍ଜନ ସେଠୀ ଓ ମୋବାଇଲ ଦୋକାନୀ ରଞ୍ଜନ ନାୟକଙ୍କୁ ୫ ଦିନିଆ ରିମାଣ୍ଡରେ ଆଣି କ୍ରାଇମବ୍ରାଞ୍ଚ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିଲେ ବି ହତ୍ୟାର କାରଣ ଏବଂ ସନ୍ଦେହଜନକ ମେମୋରି ଚିପ୍ ବିଷୟରେ ଏବେବି ରହସ୍ୟ ଲାଗି ରହିଛି। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ସନ୍ଦେହ କରି ଏହି ମାମଲାର ସିବିଆଇ ତଦନ୍ତ ଦାବି କରିଛନ୍ତି ମାନସଙ୍କ ମା' ଜୟନ୍ତୀ ସ୍ୱାଇଁ। ଜୟନ୍ତୀ ଗଣମାଧ୍ୟମକୁ କହିଛନ୍ତି, ସେ ଚିପ୍‌ରେ କ'ଣ ଅଛି ତାହା ଖୋଳତାଡ଼ କରି ବାହାର କରାଯାଉ। ସିବିଆଇ ତଦନ୍ତ ହେଲେ ହିଁ ଉକ୍ତ ଚିପ୍‌ରେ ଯେଉଁ ରହସ୍ୟ ଅଛି ତାହା ଆଗକୁ ଆସିବ। ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ସାଂସଦ, ବଡବଡିଆ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ ନିରପେକ୍ଷ ଭାବେ କେବଳ ସିବିଆଇ ଏହି ମାମଲାର ତଦନ୍ତ କରିପାରିବ। ଅଭିଯୁକ୍ତଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଗଲେ ମୋ ପୁଅର ଆତ୍ମା ଶାନ୍ତି ପାଇବ ବୋଲି ଜୟନ୍ତୀ ଦୋହରାଇଛନ୍ତି।

ସେପଟେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡର ପ୍ରଥମ ଦିନରେ କ୍ରାଇମବ୍ରାଞ୍ଚ ଶର୍ମିଷ୍ଠା ଓ ଝୁନାଙ୍କୁ ସାମ୍ନାସାମ୍ନି ଜେରା କରିଛି। ଉଭୟଙ୍କୁ ଏକାଧିକ ପ୍ରଶ୍ନ ପଚାରିଛି। ତେବେ ହାତରେ ମାତ୍ର ଆଉ ୨ ଦିନ ରିମାଣ୍ଡ ଅବଧି ଥିବାବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାର ଅଗ୍ରଗତି ବିଷୟରେ କୌଣସି ସୂଚନା ଦିଆଯାଇନାହିଁ। ଯେଉଁ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା ପୋଲିସ କହିଥିଲା, ତାହା ବିଷୟରେ କ୍ରାଇମବ୍ରାଞ୍ଚ କୌଣସି ସୂଚନା ଦେଉ ନ ଥିବାରୁ ଘଟଣାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ମେମୋରି ଚିପ୍ ସବୁଦିନ ପାଇଁ ରହସ୍ୟ ହୋଇ ରହିଯିବ ବୋଲି ମଧ୍ୟ ଆଶଙ୍କା କରାଯାଉଛି।

ଅନ୍ୟପଟେ ଶର୍ମିଷ୍ଠା ଓ ଝୁନାଙ୍କ ବୟାନ ଆଧାରରେ କ୍ରାଇମବ୍ରାଞ୍ଚର ୫ଜଣିଆ ଟିମ୍ ଅପରାହ୍ନରେ ନୟାଗଡ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀସ୍ଥିତ ମାନସଙ୍କ ଘରକୁ ଯାଇଥିଲା। ମାମଲା ବିଷୟରେ କ୍ରାଇମବ୍ରାଞ୍ଚ ଟିମ୍ ମାନସଙ୍କ ସ୍ତ୍ରୀ, ମା, ଭାଇ ଓ ବାପାଙ୍କ ସହ ଆଲୋଚନା କରିଛନ୍ତି। ଯାଜପୁର ଚଣ୍ଡିଖୋଲ ନିକଟରୁ ମିଳିଥିବା ମାନସଙ୍କ ଚପଲ ଓ ଇୟରଫୋନ୍‌କୁ ଚିହ୍ନଟ କରାଇବା ସହ ଚିପ୍ ଓ ଅନ୍ୟ କେତେକ ପ୍ରସଙ୍ଗରେ ଆଲୋଚନା କରି କ୍ରାଇମବ୍ରାଞ୍ଚ ଟିମ୍ କଟକ ଫେରି ଆସିଥିବା ଜଣାପଡିଛି।



ମାନସଙ୍କ ଘର ଆଗରେ କ୍ରାଇମ୍‌ବ୍ରାଞ୍ଚ ଟିମ୍।

**କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ଘଟଣା**
- ରିମାଣ୍ଡର ପ୍ରଥମ ଦିନରେ ଶର୍ମିଷ୍ଠା, ଝୁନାଙ୍କୁ ସାମ୍ନାସାମ୍ନି ଜେରା
- ମାନସଙ୍କ ଘରେ ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍
- ଚପଲ ଓ ଇୟରଫୋନ୍ ଚିହ୍ନିଲେ ପରିବାର ଲୋକେ

## ୪୨.୬ ଡିଗ୍ରୀରେ ବଲାଙ୍ଗୀର

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଡହ ଡହ ଖରାରେ ପଶ୍ଚିମ ଓଡ଼ିଶା ପାଚି ଯାଉଛି। ଚଳିତ ବର୍ଷ ଏଠାରେ ପାରଦ ୪୩ ଡିଗ୍ରୀ ଅତିକ୍ରମ କରିଥିବାବେଳେ ସୋମବାର ମଧ ୮ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଓ ୩ ସହର ୪୨ ଡିଗ୍ରୀ ଉପରେ ରହିଥିଲା। ୪୨.୬ ଡିଗ୍ରୀ ସହ ବଲାଙ୍ଗୀର ସବୁଠାରୁ ଉତ୍ତପ୍ତ ସହର ହୋଇଥିବାବେଳେ ଟିଟିଲାଗଡ଼ ୪୨.୫ ଓ ବୌଦ୍ଧରେ ୪୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଝାରସୁଗୁଡ଼ା ୪୦.୮, ସୋନପୁର ୪୦.୬, ଭବାନୀପାଟଣା ୪୦.୬, ସୁନ୍ଦରଗଡ଼ ୪୦.୫, ସମ୍ବଲପୁର ୪୦.୧ ଡିଗ୍ରୀ ଥିବାବେଳେ ଭୁବନେଶ୍ୱର ୩୪.୪ ଓ କଟକରେ ଦିନର ସର୍ବାଧିକ ତାପମାତ୍ରା ୩୪.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ସେଭଳି କୌଣସି ବଡ଼ ପରିବର୍ତ୍ତନ ହେବ ନାହିଁ। ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ୨ ରୁ ୩ ଡିଗ୍ରୀ ବଢ଼ିବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେପଟେ ଆସନ୍ତା ଦୁଇଦିନ ରାଜ୍ୟରେ କିଛି ଜିଲାରେ ବର୍ଷା ସହିତ ଘଡ଼ଘଡ଼ି ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି। ମଙ୍ଗଳବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଗଜପତି, ମୟୂରଭଞ୍ଜ ଓ ବାଲେଶ୍ୱର ଏବଂ ବୁଧବାର ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଆଦି ଜିଲାର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## 'ମିସ୍ ଇଣ୍ଡିଆ ପ୍ଲାନେଟ୍' ଦ୍ୱିତୀୟ ରନର୍ସଅପ୍ ହେଲେ ଅନ୍ୱେଷା

**ଜାତୀୟ ପ୍ରତିଯୋଗିତାରେ ଚମକିଲେ ସମ୍ବଲପୁର ଝିଅ**

ଭୁବନେଶ୍ୱର, ୪।୪ (ବ୍ୟୁରୋ)

ଜାତୀୟ ସୁନ୍ଦରୀ ପ୍ରତିଯୋଗିତାରେ ପୁଣି ଚମକିଛନ୍ତି ଓଡ଼ିଆ ଝିଅ। 'ମିସ୍ ଇଣ୍ଡିଆ ପ୍ଲାନେଟ୍ ୨୦୨୨' ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ସମ୍ବଲପୁର ବୁର୍ଲା ସହରର ଅନ୍ୱେଷା ଅଦିତି ମହାପାତ୍ର। ମାର୍ଚ୍ଚ ୨୭ରୁ ୨୯ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ଭାବେ ଅନ୍ୱେଷା ଟପ୍ ୧୫ରେ ସାମିଲ ହୋଇଥିଲେ।

ତେବେ ଅନ୍ୱେଷାଙ୍କ ପାଇଁ ଏହା ତାଙ୍କର ପ୍ରଥମ ସଫଳତା ନୁହେଁ। ଏହାପୂର୍ବରୁ ସେ ମିସ୍ ଓଡ଼ିଶା, ଓଡ଼ିଶାସ୍ ନେକ୍ସଟ୍ ଟପ୍ ମଡେଲ, ମିସ୍ ସୁକନ୍ୟା ସମ୍ବଲପୁର, ମିସ୍ ଭାସଣ୍ଟ ଆଦି ଟାଇଟଲ୍ ହାସଲ କରିଛନ୍ତି। ଏଥିସହ ଓଡ଼ିଶା କ୍ୱିନ୍ କଣ୍ଟେଷ୍ଟରେ ଫାଇନାଲିଷ୍ଟ ହୋଇଛନ୍ତି। ୨୦ ବର୍ଷୀୟା ଅନ୍ୱେଷା ସମ୍ବଲପୁର ଗଙ୍ଗାଧର ମେହେର କଲେଜରୁ ସୂଚନା ବିଜ୍ଞାନ ଏବଂ ଟେଲି ଯୋଗାଯୋଗରେ ସ୍ନାତକ ହାସଲ କରିଛନ୍ତି। ପିଲାଟିବେଳୁ ତାଙ୍କର ମଡେଲିଂ ପ୍ରତି ଆଗ୍ରହ ରହିଥିଲା। କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ସେ ଜଣେ ତାଲିମ୍‌ପ୍ରାପ୍ତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ। ନିଜର ସଫଳତା ସମ୍ପର୍କରେ ସେ କହିଛନ୍ତି, ବହୁତ ଖୁସି ଲାଗୁଛି କି ମୋ ରାଜ୍ୟ ପାଇଁ ମୁଁ ଟାଇଟଲ୍ ହାସଲ କରିପାରିଛି। ଆଗକୁ ମିସ୍ ଇଣ୍ଡିଆ, ମିସ୍ ୱାର୍ଲ୍ଡ ଓ ମିସ୍ ଡିଭା ପ୍ରତିଯୋଗିତା ପାଇଁ ମଧ ପ୍ରସ୍ତୁତ ହେଉଛି। ଏହି ସଫଳତାର ସମସ୍ତ ଶ୍ରେୟ ସେ ତାଙ୍କ ମା' ବାପାଙ୍କୁ ଦେଇଛନ୍ତି।




ଟ୍ରଫି ସହ ଅନ୍ୱେଷା

## ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର, ୪।୪(ବ୍ୟୁରୋ)

- ୧୧୩୨ ସେଣ୍ଟର, ୬ ସବ୍ ସେଣ୍ଟର ହୋଇଛି
- ୫୭ ପିଲାଙ୍କୁ ଫର୍ମପୂରଣ ଲାଗି ମିଳିଲା ସୁଯୋଗ

ରାଜ୍ୟରେ ସୋମବାରଠାରୁ ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ, କଳା ଏବଂ ଧନ୍ଦାମୂଳକଶିକ୍ଷାର ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ଚଳିତବର୍ଷ ମୋଟ୍ ୩ଲକ୍ଷ ୩୨ହଜାର ପରୀକ୍ଷାର୍ଥୀ ଯୁକ୍ତ୨ ପରୀକ୍ଷା ଦେଉଛନ୍ତି। ପ୍ରାୟ ୧,୫୪୮ କଲେଜର ପରୀକ୍ଷାର୍ଥୀଙ୍କ ଲାଗି ୧,୧୩୨ ପରୀକ୍ଷା କେନ୍ଦ୍ର ଓ ୬ଟି ସବ୍ ସେଣ୍ଟର ବ୍ୟବସ୍ଥା କରାଯାଇଛି। ତେବେ ପ୍ରଥମ ଦିନରେ ରାଜ୍ୟର କେତେକ କଲେଜରେ ପ୍ରାକ୍ଟିକାଲ ପରୀକ୍ଷା ହୋଇପାରି ନାହିଁ। ତେବେ ୧୨ ତାରିଖ ସୁଦ୍ଧା ସମସ୍ତ କେନ୍ଦ୍ରରେ ଏହି ପ୍ରାକ୍ଟିକାଲ ପରୀକ୍ଷା ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କଲେଜ କର୍ତ୍ତୃପକ୍ଷ ସେମାନଙ୍କ ସୁବିଧା ଅନୁସାରେ ପରୀକ୍ଷା ପରିଚାଳନା କରୁଛନ୍ତି। ସବୁ ପ୍ରାକ୍ଟିକାଲ ରୁମ୍‌ରେ ସିସି ଟିଭି ବାଧ୍ୟତାମୂଳକ କରାଯାଇଥିବାବେଳେ ୩୫୦ରୁ ଅଧିକ ସେଲ୍ଫ ଫାଇନାନ୍ସ କଲେଜ ସମେତ ସମସ୍ତ ପରୀକ୍ଷା କେନ୍ଦ୍ରରେ ଏହି ବ୍ୟବସ୍ଥା ହୋଇଥିବା ଜଣାପଡ଼ିଛି। ଉଭୟ ପ୍ରାକ୍ଟିକାଲ ଓ ଥିଓରୀ ପରୀକ୍ଷାର ସୁପରିଚାଳନା ଲାଗି ପ୍ରତି ଜୋନ୍‌ସ୍ତରରେ ସ୍କ୍ୱାଡ୍ ହୋଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ)ର ଉପପରୀକ୍ଷା ନିୟନ୍ତ୍ରକଙ୍କ ନେତୃତ୍ୱରେ ସ୍କ୍ୱାଡ୍ କେନ୍ଦ୍ରଗୁଡ଼ିକୁ ଗସ୍ତ କରି ଯାଞ୍ଚ କରିବେ। ଯେଉଁଠି ଅଧିକ ପରୀକ୍ଷାର୍ଥୀ ରହିଛନ୍ତି, ସେଠାରେ ଦୁଇଟି ସିଟିଂରେ ପରୀକ୍ଷା କରିବାକୁ କୁହାଯାଇଛି। ପ୍ରାକ୍ଟିକାଲ ପରୀକ୍ଷାରେ ଯେପରି ସମସ୍ୟା ନ ହୁଏ, ସେଥିପ୍ରତି ଗୁରୁତ୍ୱ ଦେବାକୁ ପରୀକ୍ଷାକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି ଆସନ୍ତା ୮ରୁ ଥିଓରି ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ପରିଷଦ ଯୋଜନା ପ୍ରସ୍ତୁତ କରିଛି।

ସେପଟେ ପୂର୍ବରୁ ୨ ପର୍ଯ୍ୟାୟରେ ଫର୍ମପୂରଣ ପ୍ରକ୍ରିୟା ଶେଷ ହୋଇଥିବାବେଳେ ପରିଷଦ ପୁଣିଥରେ ଛାତ୍ରୀଛାତ୍ରଙ୍କୁ ଦୁଇଦିନ (ସୋମବାର ଓ ମଙ୍ଗଳବାର) ସୁଯୋଗ ଦେଇଛି। ହାଇକୋର୍ଟଙ୍କ ରାୟ ଅନୁସାରେ କେବଳ ଅଫ୍ ଲାଇନ୍ ମୋଡ୍‌ରେ ଫର୍ମପୂରଣ ଲାଗି ମାତ୍ର ୫୭ଜଣ ପିଲାଙ୍କୁ ସୁଯୋଗ ଦିଆଯିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ବିନା ଜରିମାନାରେ ସେମାନେ ନିଜ କଲେଜରେ ଫର୍ମ ପୂରଣ କରୁଛନ୍ତି। ଆସନ୍ତା ୬ ଓ ୭ ତାରିଖରେ ଫି' ଓ ଡକ୍ୟୁମେଣ୍ଟ ଦାଖଲ କରିବାକୁ କୁହାଯାଇଛି। ତେବେ ଚଳିତବର୍ଷ ପରୀକ୍ଷାରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଥିବାବେଳେ ଖୋଦ ପରୀକ୍ଷା ନିୟନ୍ତ୍ରକ ସବୁ କେନ୍ଦ୍ର ଉପରେ ନଜର ରଖିଛନ୍ତି।

COUNCIL OF HIGHER SECONDARY EDUCATION ORISSA
ଉଚ୍ଚ ମାଧ୍ୟମିକ ଶିକ୍ଷାପରିଷଦ, ଓଡ଼ିଶା

## ନବଗଠିତ ଜିଲା ଉଦ୍‌ଘାଟନ କଲେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ

ପଟ୍ଟାଙ୍ଗୀ,୪।୪(ଡି.ଏନ୍.ଏ.)

ପଡ଼ୋଶୀ ଆନ୍ଧ୍ରପ୍ରଦେଶ ପକ୍ଷରୁ ନବଗଠିତ ୧୩ ଜିଲାକୁ ସୋମବାର ମୁଖ୍ୟମନ୍ତ୍ରୀ ୱାଇ.ଏସ. ଜଗନମୋହନ ରେଡ୍ଡୀ ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ଆନ୍ଧ୍ର ଅଧୀନରେ ଥିବା ୧୩ଟି ଜିଲାକୁ ବିଭାଜନ କରି ୨୬ ଜିଲା କରାଯାଇଛି। ଏହାର ଉଦ୍‌ଘାଟନ ଉତ୍ସବ ୧୨ ଦିନ ଧରି ଜିଲାସ୍ତରରେ ପାଳନ କରାଯିବ ବୋଲି ରେଡ୍ଡୀ କହିଛନ୍ତି। ଅନ୍ୟପକ୍ଷରେ ଆନ୍ଧ୍ର ରାଜ୍ୟ ଅଧୀନରେ ଥିବା ପାର୍ବତୀପୁରମ ସବ୍‌ଡିଭିଜନକୁ ଜିଲାରେ ପରିଣତ କରି ପାର୍ବତୀପୁରମ୍ ମାନ୍ୟମ ତଥା ପଛୁଆ ଜିଲା ଭାବେ ଘୋଷଣା କରାଯାଇଛି। ଏବେ ଏହି ନୂତନ ଜିଲା ଅଧୀନରେ ଓଡ଼ିଶାର କୋଟିଆ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଛି। ଉକ୍ତ ପଞ୍ଚାୟତ ପ୍ରତି ଆଗାମୀ ଦିନରେ ଜିଲା ପ୍ରଶାସନର କିଭଳି ଆଭିମୁଖ୍ୟ ରହିବ ସେନେଇ ସମସ୍ତଙ୍କ ନଜର ରହିଛି।

ଆନ୍ଧ୍ର କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫଗୁଣସିନେରି ଓ ଫାଟୁସିନେରି ଗ୍ରାମକୁ ନେଇ ନିଜ ରାଜ୍ୟର ପଞ୍ଚାୟତ ଭାବେ ନାମିତ କରିଛି। ଏଥିରେ ଆମ ପଞ୍ଚାୟତବାସୀ ନୂତନ ଜିଲା ପ୍ରଶାସନଠାରୁ ସବୁ କ୍ଷେତ୍ରରେ ଉପକୃତ ହେବେ ବୋଲି ୩ ପଞ୍ଚାୟତର ଆନ୍ଧ୍ର ସରପଞ୍ଚମାନେ କହିଛନ୍ତି। ନୂତନ ଜିଲା ପ୍ରଶାସନ ଯେକୌଣସି ସମୟରେ ଆମ ନିକଟରେ ପହଞ୍ଚିପାରିବ ବୋଲି ସେମାନେ କହିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପାମୁଲା ପୁଷ୍ପାଶ୍ରୀଭାନି ଏବଂ ସ୍ଥାନୀୟ ବିଧାୟକ ଆଲାଜାଙ୍ଗି ଜଗାରାଓ ନୂତନ ଟ୍ରେଜେରି କାର୍ଯ୍ୟାଳୟ ମଧ ଉଦ୍‌ଘାଟନ କରିଥିଲେ। ଅନ୍ୟପକ୍ଷରେ ନୂତନ ପାର୍ବତୀପୁରମ ମାନ୍ୟମ ଜିଲା ପ୍ରଶାସନର ଓଡ଼ିଶାର କୋଟିଆ ପଞ୍ଚାୟତ ଉପରେ କୌଣସି ପ୍ରଭାବ ରହିବ ନାହିଁ ବୋଲି ପଟ୍ଟାଙ୍ଗୀ ବିଡିଓ ସୌମ୍ୟ ସାର୍ଥକ ମିଶ୍ର କହିଛନ୍ତି। କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଉନ୍ନୟନମୂଳକ କାର୍ଯ୍ୟ ଯେପରି ଚାଲିଥିଲା ତାହା ଆଗକୁ ମଧ ଜାରି ରହିବ। ସୀମାନ୍ତବାସୀଙ୍କ ପାଖରେ ସମସ୍ତ ସରକାରୀ ଯୋଜନା ପହଞ୍ଚାଇବା ଲାଗି ସବୁବେଳେ ଚେଷ୍ଟା ଜାରି ରହିବ ବୋଲି ସେ କହିଛନ୍ତି।

**କୋଟିଆ ଉପରେ କୌଣସି ପ୍ରଭାବ ପଡ଼ିବନି: ପଟ୍ଟାଙ୍ଗି ବିଡିଓ**



ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ପାମୁଲା ପୁଷ୍ପାଶ୍ରୀଭାନିଙ୍କୁ ପାର୍ବତୀପୁରମ୍ ମାନ୍ୟମ ଜିଲାପାଳ ସ୍ୱାଗତ କରୁଛନ୍ତି।

## ସଂକ୍ଷେପରେ

### ଭିଜିଲାନ୍ସ ଜାଲରେ ସମିତି ସମ୍ପାଦକ



ବଇଣ୍ଡା,୪।୪ (ଡି.ଏନ.ଏ.): ଧାନ ବିକ୍ରୟ ନିମନ୍ତେ ଟୋକନ କରାଇଦେବା ପାଇଁ ଜଣେ ଚାଷୀଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସନାହୁଲା ସମବାୟ ସମିତି ସମ୍ପାଦକ ପଦ୍ମଲୋଚନ ସାହୁ। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରିଛନ୍ତି। ଏଥିସହିତ ପଦ୍ମଲୋଚନଙ୍କ ନିଜସ୍ୱ ଘର ଠାକୁରଗଡ଼ ଥାନା ମହୁଲନାଳୀ ଗ୍ରାମରେ ଚଢ଼ାଉ କରାଯାଇଛି। ଏ ନେଇ କଟକ ଭିଜିଲାନ୍ସ ପିଏସ୍ ନଂ. ୨୩/୨୦୨୨ରେ ମାମଲା ରୁଜୁ ହୋଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

### ଗଞ୍ଜେଇ ଚାଲାଣ ବେଳେ ଗୋଲୁର ସରପଞ୍ଚ ଗିରଫ

କୋରାପୁଟ,୪।୪(ସ୍ୱ.ପ୍ର.): କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଞ୍ଚଳରୁ ଆନ୍ଧ୍ର ପ୍ରଦେଶ ଦେଇ ଝାଡଖଣ୍ଡ ଗଞ୍ଜେଇ ଚାଲାଣ ବେଳେ ସୋମବାର ଆନ୍ଧ୍ରର ଆରକୁ ପୋଲିସ ଚଢ଼ାଉ କରି ୬୮୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ଜଣେ ସରପଞ୍ଚଙ୍କ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ କୋରାପୁଟ ଜିଲା ନନ୍ଦପୁର ବ୍ଲକର ଗୋଲୁର ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ସୁବାଷ ପାଙ୍ଗି ରହିଥିବା ଜଣାଯାଇଛି।

ଖବରରୁ ଜଣାପଡିଛି ଆରକୁ ପୋଲିସ ଚନ୍ଦ୍ରପୁର ଛକ ନିକଟରେ ଗାଡିମୋଟର ଯାଞ୍ଚ କରୁଥିବାବେଳେ ଏକ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା। ଟ୍ରକ ଚାଳକ ଆନ୍ଧ୍ର ପୋଲିସକୁ ଦେଖି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ପୋଲିସର ସନ୍ଦେହ ହେବାରୁ ଟ୍ରକ ଉପର ଭାଗରେ ଥିବା କ୍ୟାବିନ ଯାଞ୍ଚ କରିବାରୁ ଭିତରେ ଗଞ୍ଜେଇ ଥିବା ଜଣାପଡିଥିଲା। ଟ୍ରକରୁ ମୋଟ ୬୮୦ କେଜି ଗଞ୍ଜେଇ ମିଳିଥିଲା। ସୂଚନାଯୋଗ୍ୟ, ଉତ୍ତରପ୍ରଦେଶ ଅଞ୍ଚଳର ପଙ୍କଜ ଆଦିବାସୀଙ୍କୁ ପ୍ରଲୋଭିତ କରି ଏଭଳି ଗଞ୍ଜେଇ ଚାଲାଣ କରୁଥିଲେ। ମାତ୍ର ସଠିକ ପ୍ରମାଣ ମିଳୁ ନ ଥିବାରୁ ତାଙ୍କୁ ଧରାଯାଇପାରୁ ନ ଥିଲା। ତେବେ ସେ ଦୀର୍ଘଦିନ ଧରି ପୋଲିସ ସ୍କାନରରେ ଥିଲେ ବୋଲି ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

### ପ୍ରଧାନଶିକ୍ଷକଙ୍କ ବିରୋଧରେ ନିର୍ଯାତନା

- ଅଭିଯୋଗ ଆଣିଲେ ଛାତ୍ରୀ
- ୩ କି.ମି. ଚାଲି ଚାଲି ଯାଇ ଅଭିଯୋଗ ଜଣାଇଲେ

ନାରାୟଣପାଟଣା,୪।୪(ଡି.ଏନ.ଏ.): ସହିବାର ସୀମା ଟପିଲେ ମଣିଷ ମୁହଁ ଖୋଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ପ୍ରତିଦିନ ନିର୍ଯାତନାର ଶିକାର ହୋଇ ଢେପାଗୁଡା ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲର ନବମ ଶ୍ରେଣୀର ଛାତ୍ରୀମାନେ ସୋମବାର ନାରାୟଣପାଟଣା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବିଦ୍ୟାଳୟ ପ୍ରଧାନଶିକ୍ଷକ ସେମାନଙ୍କୁ ନିର୍ଯାତନା ଦେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରୁ ବାହାର କରିଦେବାକୁ ସେମାନେ ଦାବି କରିଛନ୍ତି। ଏହି ଖବର ଜାଣିବା ପରେ ନାରାୟଣପାଟଣା ବିଡିଓ ଛାତ୍ରୀମାନଙ୍କୁ ବୁଝାଶୁଝା କରିଥିଲେ। ପରେ ଛାତ୍ରୀମାନଙ୍କ ଅଭିଯୋଗକୁ ଭିତ୍ତିକରି ଏକ ବୈଠକ ବସିଥିଲା। ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପ୍ରଧାନଶିକ୍ଷକଙ୍କ ବ୍ୟବହାର ଠିକ୍ ନାହିଁ। ସେ ମନଇଛା ଗାଳିଗୁଲଜ କରୁଛନ୍ତି ବୋଲି ଛାତ୍ରୀମାନେ କହିଥିଲେ। ଏସମ୍ପର୍କରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ପଚାରିବାରୁ ସୋମବାର ରାତିରେ ଛାତ୍ରୀମାନଙ୍କୁ ମଶାରି ମିଳି ନ ଥିଲା। ଯେଉଁ ଶିକ୍ଷୟିତ୍ରୀ ଦାୟିତ୍ୱରେ ଥିଲେ ତାଙ୍କୁ ପଚାରିଥିଲି ବୋଲି କହିଛନ୍ତି। ଏ ସମ୍ପର୍କରେ ବ୍ଲକ ମଙ୍ଗଳ ଅଧିକାରୀ ଦେବେନ୍ଦ୍ର ସାମଲଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳୟରେ ସମନ୍ୱୟ ଅଭାବ ଯୋଗୁ ଏପରି ପରିସ୍ଥିତି ଉପୁଜିଛି। ଏନେଇ ଏକ ରିପୋର୍ଟ ଜିଲା ପ୍ରଶାସନକୁ ପଠାଯାଇଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

# କିଭ୍‌ରୁ ହଟିଲେଣି ଦୁଇତୃତୀୟାଂଶ ରୁଷୀୟ ସୈନ୍ୟ

ୱାଶିଂଟନ,୪।୪

ୟୁକ୍ରେନ୍‌ଉପରେ ରୁଷିଆ ଆକ୍ରମଣ ୪୦ଦିନରେ ପହଞ୍ଚିଛି। ଇତିମଧ୍ୟରେ ୟୁକ୍ରେନ୍ ରାଜଧାନୀ କିଭ୍ ନିକଟରୁ ମସ୍କୋ ତା'ର ଦୁଇତୃତୀୟାଂଶ ସୈନ୍ୟ ପ୍ରତ୍ୟାହାର କରିନେଲାଣି ବୋଲି ଆମେରିକା ପ୍ରତିରକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଉକ୍ତ ସୈନ୍ୟଙ୍କୁ ବେଲାରୁଷରେ ରଖାଯାଇଛି। କିଭ୍ ଚତୁଃପାର୍ଶ୍ୱର ସମସ୍ତ ଅଞ୍ଚଳ ସମେତ ରାଜଧାନୀକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ନେଇଥିବା ୟୁକ୍ରେନ୍ ସେନା କହିଛି। ଏବେବି ୟୁକ୍ରେନ୍‌ରେ ରୁଷିଆର ୧୨୫ ବାଟାଲିୟନରୁ ଅଧିକ ସୈନ୍ୟ ଅଛନ୍ତି। କିଭ୍‌ରୁ ଫେରାଇ ନେଇଥିବା ସୈନ୍ୟଙ୍କୁ ମସ୍କୋ ପୂର୍ବ ୟୁକ୍ରେନ୍‌କୁ ପଠାଇପାରେ ବୋଲି ଆମେରିକା ପ୍ରତିରକ୍ଷା ଅଧିକାରୀ କହିଛନ୍ତି।

କିଭ୍ ନିକଟବର୍ତ୍ତୀ ବୁଚା ସହରରୁ ରୁଷିଆ ସୈନ୍ୟ ହଟିଯିବା ପରେ ସେଠାର ରାସ୍ତାଘାଟରେ ମାଳମାଳ ମୃତଦେହ ପଡ଼ିଥିବା ଦେଖାଯାଇଛି। ଶହ ଶହ ନିରୀହ ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ରୁଷିଆ ସୈନ୍ୟ ହତ୍ୟା କରିଥିବା ୟୁକ୍ରେନ୍ ଅଭିଯୋଗ କରୁଥିବାବେଳେ ରୁଷିଆ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ମୃତ୍ୟୁ ଘଟଣାର ତଦନ୍ତ ଲାଗି ରୁଷିଆର ତଦନ୍ତକାରୀ କମିଟି ମୁଖ୍ୟ ଆଲେକଜାଣ୍ଡାର ବାଷ୍ଟ୍ରିକିନ୍ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ବୁଚା ଗସ୍ତ କରିଛନ୍ତି। ସେ ସେଠାର ସ୍ଥିତି ଅନୁଧ୍ୟାନ କରିବା ସହ ଏହି ଗଣହତ୍ୟା ପାଇଁ ବିଶ୍ୱ ରୁଷିଆକୁ ଦାୟୀ କରୁ ବୋଲି କହିଛନ୍ତି।

ରୁଷିଆର ନରସଂହାର ଶାନ୍ତି ଆଲୋଚନାକୁ ଜଟିଳ କରିଥିବା ସେ ପ୍ରକାଶ କରିଛନ୍ତି। ବୁଚା ଗଣହତ୍ୟା ପାଇଁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ଦାୟୀ କରି ତାଙ୍କୁ ଯୁଦ୍ଧ ଅପରାଧୀ କହିଛନ୍ତି। ଏଥିସହ ପୁଟିନ୍‌ଙ୍କ ବିରୋଧରେ ୱାର କ୍ରାଇମ୍ ଟ୍ରାଏଲ ଚାଲିବା ଉଚିତ ବୋଲି ବାଇଡେନ୍ ପ୍ରକାଶ କରିଛନ୍ତି। ଜାତିସଂଘ ମାନବାଧିକାର ପରିଷଦରୁ ରୁଷିଆକୁ ନିଲମ୍ବନ କରିବାକୁ ଜାତିସଂଘରେ ଆମେରିକାର ରାଷ୍ଟ୍ରଦୂତ ଲିଣ୍ଡା ଥୋମାସ୍-ଗ୍ରୀନ୍‌ଫିଲ୍ଡ ଆହ୍ୱାନ ଦେଇଛନ୍ତି।



ୟୁକ୍ରେନ୍‌ର ବୁଚା ସହରରେ ନଷ୍ଟ ହୋଇଯାଇଥିବା ରୁଷୀୟ ଟ୍ୟାଙ୍କ।

## ଭୂମଧ୍ୟସାଗରରେ ବୋଟ୍ ଦୁର୍ଘଟଣା: ୯୬ ମୃତ

ଜେନେଭା,୪।୪: ଲିବ୍ୟାରୁ ଶରଣାର୍ଥୀଙ୍କୁ ନେଇ ଯାଉଥିବା ଏକ ବୋଟ୍ ଭୂମଧ୍ୟସାଗରରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୯୬ ଜଣଙ୍କ ମୃତ୍ୟୁ ଘଟିଥିବା ଜାତିସଂଘର ଶରଣାର୍ଥୀ ଉଚ୍ଚାୟୁକ୍ତ ଫିଲିପୋ ଗ୍ରାଣ୍ଡି ସୂଚନା ଦେଇଛନ୍ତି। ସେଠାରେ ଫସିରହିଥିବା ମାତ୍ର ୪ ଜଣଙ୍କୁ ଏକ କମର୍ସିଆଲ ଟ୍ୟାଙ୍କର ଆଲେଗ୍ରିଆ-୧ ଉଦ୍ଧାର କରିଛି। ଡକ୍ଟର୍ସ ୱିଦ୍ ଆଉଟ୍ ବର୍ଡର୍ସ ଚ୍ୟାରିଟି କହିବା ଅନୁସାରେ, ଡଙ୍ଗାରେ ଶତାଧିକ ଲୋକ ଯାତ୍ରା କରୁଥିଲେ। କ୍ଷମତାଠାରୁ ଅଧିକ ଯାତ୍ରୀ ବୋଟ୍‌ରେ ରହିଥିବାରୁ ତାହା ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଡଙ୍ଗା ବୁଡ଼ିବା ବାବଦରେ ଫିଲିପୋ ରବିବାର ଏକ ଟୁଇଟ କରିଥିଲେ। ୟୁକ୍ରେନ୍‌ର ପ୍ରାୟ ୪୦ ଲକ୍ଷ ଶରଣାର୍ଥୀଙ୍କୁ ୟୁରୋପ ଆଶ୍ରୟ ଦେଇଛି। ଅନ୍ୟ ପ୍ରବାସୀ ଓ ଶରଣାର୍ଥୀଙ୍କ କ୍ଷେତ୍ରରେ ତାହା କିପରି ଲାଗୁ ହୋଇପାରିବ ସେ ଉପରେ ମଧ୍ୟ ଚିନ୍ତା କରାଯିବା ଜରୁରୀ ବୋଲି ସେ କହିଛନ୍ତି। ଜାତିସଂଘ ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ପୂର୍ବରୁ ଚଳିତ ବର୍ଷ ଭୂମଧ୍ୟ ସାଗରରେ ୩୬୭ ଶରଣାର୍ଥଙ୍କ ଜୀବନ ଯାଇଛି। ୨୦୨୧ରେ ଏହି ସଂଖ୍ୟା ୨,୦୪୮ ରହିଥିଲା।

## ୧୦୬ ଏମରଜେନ୍ସି ରେସପନ୍ସ ଗାଡ଼ିର ଶୁଭାରମ୍ଭ



୧୧୨ ଏମରଜେନ୍ସି ରେସପନ୍ସ ଗାଡ଼ିକୁ ବରିଷ୍ଠ ପୋଲିସ ଅଧିକାରୀମାନେ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

କଟକ ଅଫିସ,୪।୪: ରାଜ୍ୟରେ ଜରୁରିକାଳୀନ ସେବା ଭିତ୍ତିଭୂମିରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାରଙ୍କ ସହିତ ଓଡ଼ିଶା ପୋଲିସର ମିଳିତ ଆନୁକୂଲ୍ୟରେ ରାଜ୍ୟରେ ଏମରଜେନ୍ସି ରେସପନ୍ସ ଭେହିକଲ(ଇଆର୍‌ଭି)ର ଶୁଭାରମ୍ଭ କରାଯାଇଛି। ଏ ନେଇ କଟକସ୍ଥିତ ଓଏସ୍‌ଏପି ୬ଷ୍ଠ ବାଟାଲିୟନ ଗ୍ରାଉଣ୍ଡଠାରେ ସୋମବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଡିଜି ମନୋଜ ଛାବ୍ରା ଯୋଗଦେଇ ଏହି ଏମରେଜେନ୍ସି ରେସପନ୍ସ ଭେହିକଲ (ଇଆର୍‌ଭି)ର ଶୁଭାରମ୍ଭ କରିଛନ୍ତି। ତେବେ ପ୍ରଥମ ପର୍ଯ୍ୟାୟରେ ୧୦୬ଟି ଯାନ ପ୍ରଦାନ କରାଯିବାକୁ ଥିବାବେଳେ ସୋମବାର ୬୨ଟି ଯାନକୁ ଲୋକାର୍ପଣ କରାଯାଇଛି। ବାକି ଥିବା ଇଆର୍‌ଭି ଯାନ ଦ୍ୱିତୀୟ ପର୍ଯ୍ୟାୟରେ ଉନ୍ମୋଚନ କରାଯିବ। ପୂର୍ବରୁ ଓଡ଼ିଶା ସରକାର ପୋଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଏବଂ ଅନ୍ୟାନ୍ୟ ସେବାଗୁଡ଼ିକୁ ଏମରଜେନ୍ସି ରେସପନ୍ସ ସପୋର୍ଟ ସିଷ୍ଟମ(ଇଆର୍‌ଏସ୍‌ଏସ୍) ଅଧୀନକୁ ଆଣିବା ଲାଗି ଏକ ଜରୁରିକାଳୀନ ହେଲ୍ପଲାଇନ ନମ୍ବର ୧୧୨ର ଶୁଭାରମ୍ଭ କରିଛନ୍ତି। ଏହି ନୂଆ ୧୦୬ଟି ଇଆର୍‌ଭିର ଶୁଭାରମ୍ଭ ୧୧୨ସେବାକୁ ଆହୁରି ମଜଭୁତ କରିବ। ତେବେ ସେବାଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ ପରିଚାଳନା କରିବା ଲାଗି ଏହି ଯାନଗୁଡ଼ିକୁ ଜିଆଇଏସ୍ ଏବଂ ଜିପିଏସ୍ ଭଳି ଆଧୁନିକ ବ୍ୟବସ୍ଥାରେ ସୁସଜ୍ଜିତ କରାଯାଇଛି। ଏହି ନୂତନ ପ୍ରୟାସ ଦ୍ୱାରା ଅପରାଧ, ବିଶୃଙ୍ଖଳା କାର୍ଯ୍ୟ କିମ୍ବା ଦୁର୍ଘଟଣା ଭଳି ଜରୁରିକାଳୀନ ପରିସ୍ଥିତିରେ ଏହି ଇଆରଭି ଦ୍ୱାରା ତୁରନ୍ତ ଏବଂ ପ୍ରଭାବଶାଳୀ ଭାବେ ସହାୟତା ପ୍ରଦାନ କରାଯିବ। ଏହି ଉଦ୍‌ଘାଟନୀ ଅବସରରେ ଓଡ଼ିଶାର ସ୍ୱତନ୍ତ୍ର ଡିଜି ଯୋଗାଯୋଗ ଅରୁଣ ରାୟ ଓ ଆଡିଶନାଲ ଡିଜି ଲ ଆଣ୍ଡ ଅର୍ଡର ରାଧାକିଶନ ଶର୍ମାଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆଉ ୬ ଜିଲାରେ ଜାତୀୟ ନବନ୍ୱେଷୀ ଜଳବାୟୁ ନମନୀୟ କୃଷି ପ୍ରକଳ୍ପ




ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସୋମବାର ପ୍ରକଳ୍ପ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅଧିକାରୀ।

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ କୋଲକାତାସ୍ଥିତ ଆଇସିଏଆର୍-ଅଟାରୀର ମିଳିତ ଆନୁକୂଲ୍ୟରେ ରାଜ୍ୟର ଆଉ ୬ ଜିଲାରେ ଜାତୀୟ ନବନ୍ୱେଷୀ ଜଳବାୟୁ ନମନୀୟ କୃଷି ପ୍ରକଳ୍ପର ଶୁଭାରମ୍ଭ ହୋଇଛି। ସୋମବାର ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିଲା। ଏହି ପ୍ରକଳ୍ପ କେନ୍ଦ୍ରାପଡ଼ା, ଗଞ୍ଜାମ ଓ କଳାହାଣ୍ଡିରେ କାର୍ଯ୍ୟକ୍ଷମ ହୋଇଆସୁଛି। ବର୍ତ୍ତମାନ ଅନ୍ୟ ୬ ଜିଲା ଭଦ୍ରକ, ପୁରୀ, ଜଗତ୍‌ସିଂହପୁର, ଢେଙ୍କାନାଳ, ବଲାଙ୍ଗୀର ଓ କେନ୍ଦୁଝରକୁ ସମ୍ପ୍ରସାରିତ ହେବ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓୟୁଏଟି କୁଳପତି ଡ. ପଓନ କୁମାର ଅଗ୍ରୱାଲ ପରିବର୍ତ୍ତିତ ଜଳବାୟୁରେ ଚାଷୀମାନେ କିପରି ନୂତନ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରି ଚିରନ୍ତନ ଆୟ ପାଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ।

ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ୍ ମିଶ୍ର ଉକ୍ତ ପ୍ରକଳ୍ପ ମାଧ୍ୟମରେ ବିଭିନ୍ନ ବୈଷୟିକ କ୍ଷେତ୍ର ପ୍ରଦର୍ଶନର ଲାଭ ଓ ଆମ ରାଜ୍ୟର ସାମ୍ପ୍ରତିକ ଜଳବାୟୁ ପରିସ୍ଥିତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ଆଇସିଏଆର୍-ଅଟାରୀର ନିର୍ଦ୍ଦେଶକ ଡ. ଏସ୍.କେ. ରାଏ ପ୍ରକଳ୍ପରେ ନୂତନ ଭାବେ ଅନ୍ତର୍ଭୁକ୍ତ ଜିଲାଗୁଡ଼ିକର ବୈଷୟିକ କାର୍ଯ୍ୟାବଳୀକୁ ଠିକ୍ ଭାବେ ନିର୍ଦ୍ଧାରଣ କରିବା ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ଅଟାରୀର ପ୍ରଧାନ ବୈଜ୍ଞାନିକ ଏବଂ ନୋଡାଲ ଅଫିସର (ନିକ୍ରା) ଏଫ୍.ଏଚ୍. ରେହେମାନ୍ ଏହି ପ୍ରକଳ୍ପ ଅଧୀନରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡ଼ିକର ବୈଷୟିକ କାର୍ଯ୍ୟକ୍ରମ ସମ୍ବନ୍ଧରେ କହିଥିଲେ।

ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ପୂର୍ବତନ ଅଧ୍ୟକ୍ଷ ଡ. ଲଳିତ ମୋହନ ଗଡ଼ନାୟକ, କ୍ଷେତ୍ର ବିଜ୍ଞାନ ମୁଖ୍ୟ ଡ. ଆର୍.କେ. ପାଇକରାୟ, ମୃତ୍ତିକା ବିଜ୍ଞାନ ଓ ରସାୟନ ବିଭାଗ ମୁଖ୍ୟ ଡ. ଆର୍.କେ. ପାତ୍ର, କୃଷି ପାଣିପାଗ ବିଭାଗ ମୁଖ୍ୟ ଡ. ବି.ଏସ୍. ରଥ ଏବଂ ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟର ସମସ୍ତ ଯୁଗ୍ମ ନିର୍ଦ୍ଦେଶକ ଏବଂ ଉପ-ନିର୍ଦ୍ଦେଶକ ଯୋଗଦେଇ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ସମ୍ପ୍ରସାରଣ (ସୂଚନା) ଯୁଗ୍ମ ନିର୍ଦ୍ଦେଶକ ଡ. ମହାମାୟା ପ୍ରସାଦ ନାଏକ ସ୍ୱାଗତ ଭାଷଣ ଓ ସମ୍ପ୍ରସାରଣ (ଦୂରଶିକ୍ଷା) ଯୁଗ୍ମ ନିର୍ଦ୍ଦେଶକ ଡ. ଅମରେଶ ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରକଳ୍ପ ଅଧୀନ ସମସ୍ତ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ, ବୈଜ୍ଞାନିକ ଓ ଚାଷୀମାନେ ଯୋଗଦେଇଥିଲେ।

## ରାହୁଲଙ୍କୁ ୫୦ ଲକ୍ଷ ଟଙ୍କାର ସମ୍ପତ୍ତି ଦାନ କଲେ ବୃଦ୍ଧା

ଡେରାଡୁନ୍,୪।୪

ଉତ୍ତରାଖଣ୍ଡ ଡେରାଡୁନ୍‌ର ଜଣେ ବୃଦ୍ଧା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କୁ ନିଜର ସମସ୍ତ ସମ୍ପତ୍ତି ଦାନ କରିଛନ୍ତି। ପୂର୍ବରୁ ସରକାରୀ ସ୍କୁଲ୍‌ରେ ଶିକ୍ଷକତା କରୁଥିବା ପୁଷ୍ପା ମୁଞ୍ଜିଆଲ(୭୮) ଏବେ ବୃଦ୍ଧାଶ୍ରମରେ ରହୁଛନ୍ତି। ସୋମବାର ସେ ଜିଲା ଅଦାଲତରେ ଇଚ୍ଛାପତ୍ର (ୱିଲ୍) ଦାଖଲ କରିଛନ୍ତି, ଯେଉଁଥିରେ ସେ ତାଙ୍କର ସମସ୍ତ ସମ୍ପତ୍ତି ରାହୁଲଙ୍କୁ ଦାନ କଲେ ବୋଲି ଉଲ୍ଲେଖ ରହିଛି। ସମ୍ପତ୍ତି ମଧ୍ୟରେ ରହିଛି ରାଜଧାନୀର ମୁଖ୍ୟସ୍ଥଳରେ ଏକ ଘର ଓ ୧୦୦ ଗ୍ରାମ ସୁନା, ଯାହାର ମୂଲ୍ୟ ୫୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ପୁଷ୍ପା କହିଛନ୍ତି, ଦେଶର ସଂହତି ଓ ଅଖଣ୍ଡତା ଲାଗି ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ପ୍ରାଣବଳି ଦେଇଥିଲେ। ସୋନିଆ ଓ ରାହୁଲ ଦେଶସେବାରେ ନିଜକୁ ଉତ୍ସର୍ଗ କରିଛନ୍ତି। ପୁଷ୍ପା ପୂର୍ବତନ ରାଜ୍ୟ କଂଗ୍ରେସ ସଭାପତି ପ୍ରୀତମ ସିଂଙ୍କ ବାସଭବନରେ ଏହି ୱିଲ୍ ପ୍ରସ୍ତୁତ କରିଥିଲେ।



ପୁଷ୍ପା ମୁଞ୍ଜିଆଲ ତାଙ୍କ ସମ୍ପତ୍ତି ରାହୁଲ ଗାନ୍ଧୀଙ୍କ ନାମରେ କରୁଛନ୍ତି।

GOVERNMENT OF ODISHA
OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA
e-mail:eerwsskld@gmail.com, eerwss_kld@nic.in,Phone No:06670-230784
INVITATION OF BID THROUGH e - TENDERING
No.O-04: Bid Identification No-01/SE/RWSS/2022-23 /Bpt Dated.02.04.2022
01.Name of the work:-As per ANNEXURE - A

| Procurement Officer | Bid Identification No. | Availability of tender online for bidding on office hour only: From | To | Date of Opening (Technical Bid) |
|---|---|---|---|---|
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 01/SE/RWSS/2022-23/Bpt, Dated 02.04.2022 | 16.04.2022 10.00 A.M. | 06.05.2022 05.30 P.M. | 07.05.2022 10.00 A.M. onwards |

Cost of tender paper to be made online payment system. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.
Sd./- Superintending Engineer, Kalahandi RWS&S Division, Bhawanipatna
OIPR-25005/11/0001/2223

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)
DEPARTMENT OF EMPOWERMENT OF PERSONS WITH DISABILITIES (DIVYANGJAN)
(MINISTRY OF SOCIAL JUSTICE & EMPOWERMENT, GOVT. OF INDIA)
P.O.: BAIROI, DIST.- CUTTACK - 754010, ODISHA, Tel.: 0671-2805347, Fax: 0671-2805862
Mob.: 09438568953, 09937755426 (Within Working hours)
Email: dasvnirtar@gmail.com, Website: http://www.svnirtar.nic.in

ADMISSION NOTICE

POST GRADUATE ENTRANCE TEST - 2022 FOR ADMISSION AT SVNIRTAR

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET - 2022) for admission into following courses.

| Name of Course | Eligibility |
|---|---|
| Master of Physiotherapy (MPT) | Pass in BPT/B.Sc. PT Course |
| Master of Occupational Therapy (MOT) | Pass in BOT/B.Sc. OT Course |
| Master in Prosthetics & Orthotics (MPO) | Pass in BPO/B.Sc. PO Course or equivalent |

IMPORTANT DATES FOR PGET - 2022

| | |
|---|---|
| Starting of Online publication of Application forms | : 05.04.2022 |
| Closing date for receive application form through online only | : 23.06.2022 (11.59 P.M.) |
| Post Graduate Entrance Test | : 07.08.2022 (Sunday) |
| For more details log on to | : http://admission.svnirtar.nic.in |

For admission into Bachelor of Physiotherapy (BPT), Bachelor of Occupational Therapy (BOT) and Bachelor in Prosthetics & Orthotics (BPO) Courses at SVNIRTAR, please visit NILD website: www.niohkol.nic.in.

DIRECTOR-CUM-CHAIRMAN
PGET - 2022

NOTICE
IN THE DEBTS RECOVERY TRIBUNAL: CUTTACK
C-71, Sector-7, CDA, Cuttack-753014
O.A. No. 475 of 2021

IDBI BANK LIMITED ..Applicant
Versus.
M/s Fortune Spirit Limited and Others ...Defendants

To,
1) M/s Fortune Spirit Limited, A Registered Company under the Registration of Companies Act, Registered Office: At: Plot No.: 1143/1146, Lane II, AIR FIELD Road, Bhubaneswar, District: Khordha, Represented through its Managing Director Mr. Rajesh Kumar Sahu.
2) Mr. Rajesh Kumar Sahu, Managing Director M/s Fortune Spirit Limited, S/o.: Late Jyoti Prasad Sahu, At. Plot No.: 1143 / 1146, Lane II, AIR FIELD Road, Bhubaneswar, District: Khordha
3) Mr. Deepak Kumar Sahu, Director M/s. Fortune Spirit Limited, S/o.: Late Jyoti Prasad Sahu, At/P.O.: Titilagarh, Dist.: Bolangir
4) Mr. Ayush Sahu, Director M/s. Fortune Spirit Limited, S/o.: Deepak Kumar Sahu, At.: N2 / 152 IRC Village, P.O.: Nayapalli, Bhubaneswar, District: Khordha
5) Mrs. Sangita Sahu, W/o.: Deepak Ku Sahu, At/P.O.: Titilagarh, Dist.: Bolangir
6) Mr. Kushagra Sahu, S/o.: Rajesh Ku Sahu, At/P.O.: Plot No.: 1143/1146, L-II Airfield Road, Palaspally, Bhubaneswar, District: Khurda
7) Ms. Hansika Sahu, D/o.: Rajesh Ku Sahu, At/P.O.: Plot No.: 1143/1146, L-II Airfield Road, Palaspally, Bhubaneswar, District: Khurda ...Defendants
8) M/s. Shiw Ganga Resort (P) Ltd A Registered Company Under the Registration of Companies Act, Registered Office: Ashok Bhawan, Titilagarh, District: Bolangir, Pin-767033, Represented Through it's Director Mr. Deepak Kumar Sahu ..... Proforma Defendant

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in O.A. No. 475 of 2021 in the Court of Debts Recovery Tribunal at Cuttack for recovery of Rs.13,04,92,543/- only together with current and future interest, costs and other reliefs. The above mentioned defendants are therefore, hereby directed to appear before the Registrar of this Tribunal in person or through an Advocate or duly authorised agent, in support of their defence to show cause on Dt.- 05.05.2022 at 10.30 A.M as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand and seal of this Tribunal on this the 25th Day of March, 2022.
Sd/- M.K. Patnaik, Registrar, Debts Recovery Tribunal, Cuttack

See Career Appointment on every Wednesday & Saturday

BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR -7, CDA, CUTTACK, ODISHA.
O.A. No. 253 of 2019

IDBI BANK LTD., Bhadrak Branch, Bhadrak ...Applicant
Versus.
Smt. Madhumita Mohanty & Others ...Defendant(s)

To,
1) SMT. MADHUMITA MOHANTY, W/O.: SRI MANOJ KUMAR MOHANTY,
2) SRI MANOJ KUMAR MOHANTY, S/O.: LATE NILAMANI MOHANTY, BOTH ARE THE RESIDENTS OF SAMARAIPUR, MADHABANAGAR, P.O.: GELPUR, P.S./DIST.: BHADRAK, STATE: ODISHA, PIN: 756181.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A. No. 253/2019 in the Court of the Debts of Recovery Tribunal, Cuttack for recovery of Rs.17,20,131/- only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within 30 days from the publication or on 06.05.2022 at 10.30 a.m as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 5th Day of March 2022.
Sd/- (M.K. Patnaik) REGISTRAR

OFFICE OF THE SUPERINTENDING ENGINEER, RWSS DIVISION, RAIRANGPUR
INVITATION FOR BIDS
E-mail: eerwss_rai@nic.in, eerwss.rai@gmail.com
e-PROCUREMENT NOTICE
IDENTIFICATION NO. 85 RWSS/RRPUR-2021-2022 / Dated: 29.03.2022

No. O-02: The Superintending Engineer, RWSS Division, Rairangpur on behalf of Governor of Odisha, invites percentage rate bids to be received in online mode for the following works from the eligible experienced contractors in similar nature of work, registered with State Govt. & contractor of equivalent Grade/Class registered with Central Govt./Railways.

1. Nature of Work : a) Execution of clubbed up PWS schemes to different villages of Karanjia, Bisoi & Jamda Block under RWS&S Division, Rairangpur in the district of Mayurbhanj.
2. No. of packages : 3 (Three) Nos.
3. Period of Completion : 6 (Six) Months & 11 (Eleven) months
4. Cost of tender : Rs.10000.00
5. Estimated Cost : Rs.128.42 lakhs to Rs.328.59 lakhs
6. Class of Contractor : (As mentioned in Tender Call Notice)
7. Date and time of availability of bid documents in portal : From 10 hours of 12.04.2022 to 17.00 hours of 02.05.2022
8. Receipt of bid cost, bid security, documents : Online only
9. Date & time of opening of technical bid : Dt.04.05.2022 at 16.00 hours onwards
10. Other documents : (As mentioned in DTCN)
11. The bidders have to participate in online bidding only. Further details can be seen from the website https://www.tendersodisha.gov.in.
12. Any addendum/Corrigendum/Cancellation of tender can also be seen in the said website.

Sd./- Superintending Engineer, RWSS Division, Rairangpur
OIPR-25010/11/0001/2223

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ରାଜନୈତିକ ଦଳ

## ଶ୍ରୀମନ୍ଦିର ରୋଷଘରେ ଚୁଲିଭଙ୍ଗା ଘଟଣା

- ହେରିଟେଜ୍ କ୍ୟାବିନେଟ୍ ବୈଠକ ଡକାଯାଉ
- ଲୋକଙ୍କ ଆସ୍ଥାର କଥା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ

ଭୁବନେଶ୍ୱର,୪।୪ (ବ୍ୟୁରୋ)

ଶ୍ରୀମନ୍ଦିର ରୋଷଘରେ ଚୁଲିଭଙ୍ଗା ଘଟଣାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଉଥିବାବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ହେରିଟେଜ ବୈଠକ ଡାକି ଘଟଣାର ବଡ଼ଧରଣର ତଦନ୍ତ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ଲୋକଙ୍କ ଆସ୍ଥା ଓ ବିଶ୍ୱାସର କଥା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ଶ୍ରୀମନ୍ଦିରର ସୁରକ୍ଷା କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି।

ସୋମବାର ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଦାବି ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ଜଗନ୍ନାଥଙ୍କ ରୋଷେଇ ଘର ମାଲିକ ହେଉଛନ୍ତି ମହାଲକ୍ଷ୍ମୀ। ତାଙ୍କ ଚୁଲିକୁ ଭାଙ୍ଗି ଦୁର୍ବୃତ୍ତମାନେ ଓଡ଼ିଆ ଜାତି ମୁହଁରେ କେବଳ କଳା ବୋଳିନାହାନ୍ତି, ସମଗ୍ର ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସମ୍ମୁଖରେ ଅପମାନିତ କରିଛନ୍ତି। ଏହା ମହାପ୍ରଭୁ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କୋଟି କୋଟି ଭକ୍ତଙ୍କୁ ଆଘାତ ଦେଇଛି। ଜଗନ୍ନାଥଙ୍କୁ ନେଇ ବିଗତ କିଛିବର୍ଷ ଧରି ଯେଉଁ ଦୁର୍ବୃତ୍ତମାନେ ବାରମ୍ବାର ଏଭଳି ଖେଳ ଖେଳୁଛନ୍ତି, ନିଜର ବ୍ୟକ୍ତିଗତ ଲାଭ, ପ୍ରତିଷ୍ଠା ଓ ବେପାର ବଣିଜକୁ କେନ୍ଦ୍ରକରି ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ମନ୍ଦିରକୁ ଯେଉଁଭଳି ନିନ୍ଦିତ କରାଯାଉଛି, ତାହାକୁ ସପା ଘୋର ନିନ୍ଦା କରୁଛି। ସରକାର ତୁରନ୍ତ ହେରିଟେଜ୍ କ୍ୟାବିନେଟ୍ ବୈଠକ ଡାକି ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରନ୍ତୁ ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ କଡ଼ା ପଦକ୍ଷେପ ନିଅନ୍ତୁ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରି ସବୁଦିନ ପାଇଁ ଏଭଳି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବେହେରା ଦାବି କରିଛନ୍ତି।

ଅପରପକ୍ଷେ, ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜଗନ୍ନାଥ ମିଶ୍ର କହିଛନ୍ତି, ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମସ୍ତେ ଭକ୍ତି ଜଣାଉଛନ୍ତି। ଏହା ବିଶ୍ୱବାସୀଙ୍କ ବିଶ୍ୱାସ ଓ ଆସ୍ଥାର କଥା। ମାତ୍ର ତାଙ୍କ ଚୁଲିକୁ ଭାଙ୍ଗିବା ସବୁଠୁ ଦୁଃଖଦ ଘଟଣା। ଏହାକୁ ନେଇ ଚାରିଆଡେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ମିଶ୍ର କହିଛନ୍ତି।

## ସଂକ୍ଷେପରେ

### ରାସ୍ତା, ଡ୍ରେନ୍ ପୁନରୁଦ୍ଧାର ପାଇଁ ୧୩ କୋଟି ମଞ୍ଜୁର

**ପୁରୁଣା ଭୁବନେଶ୍ୱର,୪।୪(ଡି.ଏନ୍.ଏ.):** ଶିଶୁପାଳଗଡ଼ ମହାବୀର ନଗର ରାସ୍ତା ଓ ଡ୍ରେନର ପୁନରୁଦ୍ଧାର କରାଯିବ। ଏନେଇ ୧୩କୋଟି ଟଙ୍କା ମଞ୍ଜୁର ହୋଇଛି। ସୋମବାର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳ ପରିଦର୍ଶନ କରି ବୁଦ୍ଧିଜୀବୀ ଓ କଲୋନୀ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତ ବେଳେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ସୁବାଷ କୁମାର ସୁନ୍ଦରାୟ, ବିଜୁ ଜନତା ଦଳର ଭୁବନେଶ୍ୱର ଯୁବ ଉପସଭାପତି ବିଶ୍ୱଜିତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଡ.ରଜନୀ ରଞ୍ଜନଙ୍କ ଚିତ୍ର ନାଟକ 'ଅର୍ଦ୍ଧାଙ୍ଗିନୀ' ପୁସ୍ତକ ଲୋକାର୍ପିତ

**ବାଲିପାଟଣା,୪।୪(ଡି.ଏନ୍.ଏ.):** ସଂଳାପ ଲେଖକ ତଥା କବି ଡ.ରଜନୀ ରଞ୍ଜନଙ୍କ ଚିତ୍ର ନାଟକ 'ଅର୍ଦ୍ଧାଙ୍ଗିନୀ' ପୁସ୍ତକ ସୋମବାର ସରଦେଇପୁର ଡାକ ବଙ୍ଗଳାଠାରେ ଲୋକାର୍ପିତ ହୋଇଯାଇଛି। ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡ.କୁଞ୍ଜବିହାରୀ ଧଳ ଯୋଗଦେଇଥିଲେ। ଗାଳ୍ପିକ ଅଜୟ ସ୍ୱାଇଁ, ପରେଶ ପଟ୍ଟନାୟକ, ନାଟ୍ୟକାର ବିଜୟ ଦାସ, ଡ.ବେଣୁଧର ଦାସ, ଗବେଷକ ମାଧବ ବେହୁରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ଲିପ୍ସା ମିଶ୍ର ଓ ବାଣିଜ୍ୟ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସ୍ଥିତ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କବି ପୂର୍ଣ୍ଣ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

### ଏକାଧିକ ଚୋରି ଘଟଣାରେ ୪ ଗିରଫ

**ଭୁବନେଶ୍ୱର୪।୪(ବ୍ୟୁରୋ):** ଚୋରି ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ୩ ମୋଟରସାଇକେଲ ଜବତ କରିଛି। ସେମାନେ ହେଲେ ଗଞ୍ଜାମର ସନ୍ତୋଷ କୁମାର ସାହୁ (୨୭) ଓ ଖୋର୍ଦ୍ଧାର ଚିତ୍ତରଞ୍ଜନପଲାଟ ସିଂ (୨୧)। ସୂଚନାନୁସାରେ, ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଜାଗାରୁ ଗାଡି ଚୋରି କରି କମ୍ ଦାମରେ ବିକ୍ରି କରନ୍ତି। ତେବେ ଏହି ୩ ଚୋରା ଗାଡିକୁ ସେମାନେ ବରମୁଣ୍ଡା ଗ୍ରାମରେ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିବାବେଳେ ବିଶେଷ ସୂତ୍ରରୁ ଖବର ପାଇ ଖଣ୍ଡଗିରି ଥାନା ପୋଲିସ ସେମାନଙ୍କୁ କାବୁ କରିଥିଲା।

ଅନ୍ୟପକ୍ଷରେ ୨ ଲୁଟେରାଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଇନ୍‌ଫୋସିଭ୍ୟାଲି ଥାନା ଅନ୍ତର୍ଗତ ଯାଁଳା ଗ୍ରାମର ଟୁଲୁ ଓରଫ ଅଭୟ ନାୟକ (୩୦) ଓ ସନିଆ ଓରଫ ବିଷ୍ଣୁ ପ୍ରସାଦ ସ୍ୱାଇଁ (୩୦)। ତାଙ୍କଠାରୁ ୩ ଟି ମୋବାଇଲ ଫୋନ ଜବତ କରାଯାଇଛି। ମାର୍ଚ୍ଚ ୧୯ରେ ଅଭିଯୋଗକାରୀ ପାସପୋର୍ଟ ଅଫିସ ନିକଟରେ ଠିଆହୋଇ ଫୋନରେ କଥା ହେଉଥିବା ବେଳେ ତାଙ୍କଠାରୁ ୪ ହଜାର ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇ ପଳାଇଥିଲେ। ଏନେଇ ସେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଫଳରେ ପୋଲିସ ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିଥିଲା। ଏନେଇ ପୋଲିସ ମାମଲା ନଂ. ୧୯୪/୨୨ ରୁଜୁ କରି ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ପୁରୀ ଅଫିସ,୪।୪:** ପୁରୀ ଏସ୍‌ଟିଏଫ୍ ଏବଂ ବାସେଳିସାହି ଥାନା ପୋଲିସ ମିଳିତ ଭାବେ ଚଢାଉ କରି ସୋମବାର ୨ ଆନ୍ତଃ ଜିଲା ବ୍ରାଉନସୁଗାର ବେପାରୀଙ୍କୁ ଧରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅଧୀନ ଗୁରୁଜଙ୍ଗ ଅଞ୍ଚଳର ସର୍ବେଶ୍ୱର ବେହେରା ଓରଫ ବାପି (୩୨) ଏବଂ ଅନ୍ୟ ଜଣେ ନାବାଳକ। ସର୍ବେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି। ଏ ନେଇ ସୋମବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।

## ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଆରମ୍ଭ

ପୁରୁଣା ଭୁବନେଶ୍ୱର,୪।୪(ଡି.ଏନ୍.ଏ.)

ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଲେଇଠାରୁ ଏହି ଚିତ୍ରକଳା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ମୋଟ ୩୫ଜଣ ବିଦ୍ୟାର୍ଥୀ ସାମିଲ୍ ହୋଇ ନିଜର ଅନ୍ତର୍ନିହିତ କଳାକୁ ରଙ୍ଗତୁଳୀରେ ପରିପ୍ରକାଶ କରିଥିଲେ। ଆଦିବାସୀ ଶିଶୁଙ୍କ ମଧ୍ୟରେ ରହିଥିବା ସୃଜନଶୀଳ କଳାର ବିକାଶ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ପ୍ରୟାସ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ କହିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



କବି ଡ.ରଜନୀ ରଞ୍ଜନଙ୍କ ଚିତ୍ର ନାଟକ 'ଅର୍ଦ୍ଧାଙ୍ଗିନୀ' ପୁସ୍ତକକୁ ସୋମବାର ସରଦେଇପୁର ଡାକବଙ୍ଗଳାରେ ଲୋକାର୍ପଣ କରାଯାଉଛି।

## ରାଜସ୍ୱ ଆଦାୟ ପାଇଁ ବିଏମ୍‌ସିର ପ୍ରୋତ୍ସାହନ

ଭୁବନେଶ୍ୱର,୪।୪(ବ୍ୟୁରୋ)

୨୦୨୧-୨୨ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମାଇଲଖୁଣ୍ଟ ସ୍ଥାପନ କରିଛି। ଏହି ବର୍ଷ ମୋଟ୍ ପ୍ରାୟ ୧୫୦ କୋଟି ୫୧ ଲକ୍ଷ ୮୫ ହଜାର ୫୩ କୋଟି ଟଙ୍କା ରାଜସ୍ୱ ଆଦାୟ କରାଯାଇଛି। ଏହା ବିଏମ୍‌ସିର ରାଜସ୍ୱ ଆଦାୟ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ରେକର୍ଡ। ତେଣୁ ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୨-୨୩ରେ ଏହି ରେକର୍ଡକୁ ବଜାୟ ରଖିବା ସହ ଆହୁରି ଅଧିକ ରାଜସ୍ୱ ଆଦାୟର ଲକ୍ଷ୍ୟ ରଖିଛି ବିଏମ୍‌ସି। ତେଣୁ ହୋଲ୍ଡିଂ ଟିକସଦାତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରିହାତି ସୁବିଧା ପ୍ରଦାନ କରୁଛି। ଏହା ଅନୁଯାୟୀ, ଏପ୍ରିଲ ୪ ତାରିଖଠାରୁ ୩୦ ତାରିଖ ମଧ୍ୟରେ ବାର୍ଷିକ ଗୃହ ଟିକସ ଅଗ୍ରିମ ଭାବେ ପଇଠ କଲେ ସରକାରୀ ଓ ବେସରକାରୀ ଗୃହ ମାଲିକମାନଙ୍କୁ ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଟିକସଦାତାଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ୨୨ଟି ବିଭିନ୍ନ ଶାଖା କାର୍ଯ୍ୟାଳୟରେ ଟିକସ ଦେବାପାଇଁ ବ୍ୟବସ୍ଥା କରାଯାଇଛି। ସରକାରୀ ଛୁଟି ଦିନ ବ୍ୟତୀତ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଟିକସ ଆଦାୟ କରାଯିବ। ସେହିପରି ଅଗ୍ରିମ ଟିକସ ଆଦାୟ ସହିତ ପୂର୍ବ ବର୍ଷର ବକେୟା ଟିକସ ମଧ୍ୟ ଆଦାୟ କରାଯିବ। ଯେଉଁ ଗୃହ ମାଲିକମାନଙ୍କର ନିଜସ୍ୱ ଗୃହ ଉପରେ ଗୃହ ଟିକସ ଧାର୍ଯ୍ୟ କରାଯାଇ ନାହିଁ, ସେମାନେ ଟିକସ ପଇଠ ସମୟରେ କାଉଣ୍ଟରମାନଙ୍କରୁ ଆବେଦନ ଫର୍ମ ସଂଗ୍ରହ କରି ଆବଶ୍ୟକୀୟ କାଗଜପତ୍ର ସମ୍ପୃକ୍ତ ଟିକସ ଅସୁଲକାରୀଙ୍କ ନିକଟରେ ଦାଖଲ କରି ଟିକସ ନିର୍ଦ୍ଧାରଣ କରିପାରିବେ।

## ମେଣ୍ଢାଶାଳରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର

ବାରଙ୍ଗ,୪।୪(ଡି.ଏନ୍.ଏ.)

ମେଣ୍ଢାଶାଳ ପଞ୍ଚାୟତର ସରପଞ୍ଚ କୌଶଲ୍ୟା ବଳିଆରସିଂହଙ୍କ ନେତୃତ୍ୱରେ ସୋମବାର ରାଜୀବଗାନ୍ଧୀ ସେବାକେନ୍ଦ୍ରରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ.ପୂଜା ଦାସ, ଡ. ନେହା, ଡ. ମନିଶା, ଡ.ଶଶିକାନ୍ତ ଦାସ, ଡ.ସଲିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଶିବିରରେ ୧୧୫ଜଣ ଚକ୍ଷୁରୋଗୀ ପରୀକ୍ଷା କରାଇଥିଲେ। ନାଏବ ସରପଞ୍ଚ ଗୁଣ୍ଡ ବେହେରାଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଏହାକୁ ପରିଚାଳନା କରିଥିଲେ। ଏହି ଶିବିରରେ ମେଣ୍ଢାଶାଳ, ଗିରିଙ୍ଗାପୁଟ, ହରିପୁର, କୁକୁଡାମୁଣ୍ଡି, ହରିଡାମଡା, ବାରାପିଟା ଗ୍ରାମରୁ ଚକ୍ଷୁରୋଗୀମାନେ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ।

## ବିରୋଧ ସତ୍ତ୍ୱେ ପ୍ରଶାସନ ଭାଙ୍ଗିଲା ଘର

### ଗ୍ରାମବାସୀଙ୍କ ରାସ୍ତାରୋକୋ

ବାରଙ୍ଗ,୪।୪(ଡି.ଏନ୍.ଏ.)

ବାରଙ୍ଗସ୍ଥିତ ତଳଗଡ଼ ମୌଜାରେ ଥିବା କୁକୁଡ଼ା ଗବେଷଣା ପ୍ରଶାସନ ପକ୍ଷରୁ କେନ୍ଦ୍ର ପାଇଁ ଅଧିକ ଜମି ଆବଶ୍ୟକ ଥିବାରୁ ସୋମବାର ତିନୋଟି ପରିବାରର ଘରକୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ଗୋଟିଏ ପରିବାରର ଘର ଭାଙ୍ଗିଥିବାବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ କାର୍ଯ୍ୟ ଅଧା ବନ୍ଦ କରି ଫେରିଥିଲା। କିନ୍ତୁ ଦୁଇ ଘଣ୍ଟା ପରେ ପ୍ରଶାସନ ପୁଣି ଯାଇ ବାକି ଥିବା ଘରକୁ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ତଳଗଡ଼ ମୌଜାରେ ଥିବା କୁକୁଡ଼ା ଗବେଷଣା କେନ୍ଦ୍ର ପାଖରେ ୩ଟି ପରିବାର ଦୀର୍ଘବର୍ଷ ଧରି ଘର କରି ସପରିବାରେ ରହୁଥିଲେ। କେନ୍ଦ୍ର ପାଇଁ ଅଧିକ ଜାଗାର ଆବଶ୍ୟକ ଥିବାରୁ ଏହି ୩ ପରିବାରକୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହି ପରିବାର ଆଇନର ସହାୟତା ନେବାପରେ ଉଚ୍ଛେଦ ହୋଇପାରି ନ ଥିଲା। ପରେ ପୁଣି ଏହି ପରିବାରକୁ ଉଚ୍ଛେଦ ପାଇଁ କୁହାଯାଇଥିଲେ ମଧ୍ୟ ସେମାନେ ଉଠି ନ ଥିଲେ। ତେଣୁ ସୋମବାର ବାରଙ୍ଗ ତହସିଲଦାର ସ୍ୱସ୍ତିକ ସଂକଳ୍ପ ସାହୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଆସି ଗୋଟିଏ ପରିବାରର ଘରକୁ ଭାଙ୍ଗିଥିଲେ। ଖବରପାଇ ଗ୍ରାମବାସୀ ଆସି ଉଚ୍ଛେଦ କାର୍ଯ୍ୟକୁ ବିରୋଧ କରିବା ସହ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଇଥିଲେ ସୁଦ୍ଧା ସେମାନେ ନ ଶୁଣିବାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଥିଲା। ପରେ ସବକଲେକ୍ଟର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ବୁଝାଶୁଝା କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଶେଷରେ ୭ଦିନ ମଧ୍ୟରେ ବାକି ରହିଥିବା ୨ଟି ପରିବାର ନିଜେ ଉଠିଯିବାକୁ କହି ଉଚ୍ଛେଦକାରୀ ଦଳ ଫେରିଥିଲେ। କିନ୍ତୁ ୨ ଘଣ୍ଟା ପରେ ଉଚ୍ଛେଦକାରୀ ଦଳ ଉକ୍ତ ସ୍ଥାନକୁ ଯାଇ ବାକିଥିବା ଦୁଇଟି ପରିବାରଙ୍କ ଘରକୁ ଉଚ୍ଛେଦ କରିଥିଲେ। ଗ୍ରାମବାସୀ ଆସି ବିରୋଧ କରିବାରୁ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କିନ୍ତୁ ପ୍ରଶାସନ ଗ୍ରାମବାସୀଙ୍କ ବିରୋଧକୁ ଖାତିର ନ କରି ବାକି ୨ଟି ପରିବାରଙ୍କ ଘରକୁ ଭାଙ୍ଗିଥିଲା।


ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ତହସିଲଦାର ବୁଝାଶୁଝା କରୁଛନ୍ତି।

## ଓଡ଼ିଆ ଭାଷାର ସମୃଦ୍ଧିରେ ଗଙ୍ଗାଧର ମେହେରଙ୍କ ଅବଦାନ ପ୍ରାତଃସ୍ମରଣୀୟ

ଭୁବନେଶ୍ୱର,୪।୪(ବ୍ୟୁରୋ)

ସାପ୍ତାହିକ ଖବରକାଗଜ 'ଚିର ସନ୍ଧାନ' ପକ୍ଷରୁ ରାଜ୍ୟସ୍ତରୀୟ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଧାୟକ ତଥା ପୂର୍ବତନ ସଂସ୍କୃତି ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ଗଙ୍ଗାଧର ମେହେରଙ୍କ ଅବଦାନ ପ୍ରାତଃସ୍ମରଣୀୟ ବୋଲି ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଡ. ଅଶୋକ କୁମାର ମହାପାତ୍ର କାବ୍ୟ ରାଜି ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଖବରକାଗଜର ସମ୍ପାଦକ ଡ. ପାର୍ଥସାରଥି ଅଜୟ ବାରିକ୍ ସଭାପତିତ୍ୱ କରି କହିଲେ, ଆଦର୍ଶ ଚରିତ୍ର ଚିତ୍ରଣରେ କବି ଗଙ୍ଗାଧର ଏକ ମାଇଲଖୁଣ୍ଟ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ପ୍ରବକ୍ତା ସୁଲତା ଦେଓ, କଣ୍ଠଶିଳ୍ପୀ ପମି ମିଶ୍ର, ସଂଘମିତ୍ରା ଭଞ୍ଜ ପ୍ରମୁଖ ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ଏହି ଅବସରରେ ସୁକମିନୀ ନନ୍ଦ, ଚଳଚ୍ଚିତ୍ର ନିର୍ଦ୍ଦେଶକ ମିହିର ସ୍ୱାଇଁ, ଯୁବ କବି ଅଞ୍ଜନା ବେହେରା ଓ ପାଲାଗାୟକ କରୁଣାକର ବାରିକଙ୍କୁ 'ସନ୍ଧାନ ସମ୍ମାନ' ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ପୂର୍ବତନ କୁଳପତି ଡ. ନରେନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସହସମ୍ପାଦକପି.ଅଭୟକୁମାର ଓ ପ୍ରକାଶିକା ରେଣୁବାଳା ସଭା ପରିଚାଳନା କରିଥିଲେ।

## ୭ ହଜାର ଚାଷୀ ଧାନବିକ୍ରିରୁ ବଞ୍ଚିତ

ଖୋର୍ଦ୍ଧା ଅଫିସ,୪।୪

ଖରିଫ ଧାନକିଣା ୨୦୨୧-୨୨ର ମାର୍ଚ୍ଚ ୩୧ ତାରିଖ ରହିଥିଲା ଶେଷ ଦିବସ। ତେବେ ଅବଧିର ୬ଦିନ ପୂର୍ବରୁ ଅର୍ଥାତ୍ ୨୫ତାରିଖରେ ମଣ୍ଡିରୁ ଧାନକିଣା ସରିଯାଇଛି। ଖରିଫ ଧାନକିଣାର ଟାର୍ଗେଟ ୧୩ଲକ୍ଷ ୫୨ହଜାର ୮୪୧ କୁଇଣ୍ଟାଲ ରହିଥିବା ବେଳେ ୧୩ଲକ୍ଷ ୧୬ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ୩୬ହଜାର ୮୪୧ କୁଇଣ୍ଟାଲ ଧାନ କ୍ରୟ ହୋଇପାରି ନାହିଁ। ଧାନ ବିକ୍ରି ଲାଗି ଜିଲାର ୧୫୪ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ୪୬ହଜାର ୭୧୯ଜଣ ଚାଷୀ ପଞ୍ଜୀକୃତ କରିଥିଲେ। ସେଥିରୁ ୩୯ହଜାର ୭୧୯ଚାଷୀ ଧାନ ବିକ୍ରି କରିପାରିଥିବା ବେଳେ ୭ହଜାର ଚାଷୀଙ୍କ ଟୋକନ ଲାପସ ଯୋଗୁ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲ୍ ମାଲିକଙ୍କ ମନମାନି ଯୋଗୁ ଚାଷୀ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଅନେକ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଗାଁରେ ପଶି ସରକାରୀ ଧାର୍ଯ୍ୟ ଦର ଠାରୁ କମ୍ ମୂଲ୍ୟରେ ଶତାଧିକ ଟନ୍ ଧାନ କିଣିନେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଟୋକନ ଅବଧି ବୃଦ୍ଧି ଏବଂ ଧାନ କିଣିବା ଲାଗି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ କାର୍ଯ୍ୟକାରୀ ହେଲା ନାହିଁ। ଫଳରେ ଚାଷୀ ହଇରାଣ ହେଲେ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ ମାନସିଂ କହିଛନ୍ତି। ସପ୍ତାହକରେ ଜିଲା ପ୍ରଶାସନ ପଦକ୍ଷେପ ନ ନେଲେ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସାନସିଂ କହିଛନ୍ତି।

## ବିଏମ୍‌ସିର ନୂତନ କୋଠା ନିର୍ମାଣ କାର୍ଯ୍ୟ ସମୀକ୍ଷା କଲେ କମିଶନର

- ୨ ମାସ ମଧ୍ୟରେ ସରିବ କାର୍ଯ୍ୟ
- ପୁରୁଣା ମୁଖ୍ୟାଳୟରେ କାମ ଆରମ୍ଭ କରିବେ ମେୟର, କର୍ପୋରେଟର

ଭୁବନେଶ୍ୱର,୪।୪(ବ୍ୟୁରୋ)

ମନ୍ଥର ଗତିରେ ଚାଲିଛି ବିଏମ୍‌ସିର ନୂତନ ମୁଖ୍ୟାଳୟ ନିର୍ମାଣ କାର୍ଯ୍ୟ। ୨୦୧୯ରେ ଜନପଥ କଡ଼ରେ ସତ୍ୟନଗର ଶ୍ମଶାନ ସମ୍ମୁଖରେ ଏହି କୋଠା ନିର୍ମାଣ ଆରମ୍ଭ ହୋଇଥିଲା। ୨୦୨୧ ମାର୍ଚ୍ଚ ସୁଦ୍ଧା ସମସ୍ତ କାର୍ଯ୍ୟ ସରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେବେ କୋଠାର ନିର୍ମାଣ କାମ ସରି ଏବେ ଇଣ୍ଟେରିୟର କାମ ଚାଲିଛି। ତେଣୁ ଆସନ୍ତା ୨ ମାସ ମଧ୍ୟରେ ସମସ୍ତ କାମ ସରିଯିବ ବୋଲି ସ୍ମାର୍ଟସିଟି ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ସୋମବାର ବିଏମ୍‌ସି କମିଶନର ତଥା ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ ସିଇଓ ସଞ୍ଜୟ କୁମାର ସିଂ ଏହି ନୂତନ କୋଠାର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରଥିଲେ। ଏଥିସହ ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କରିଥିଲେ। ଆବଶ୍ୟକ ପଡିଲେ ଦୁଇଟି ସିଫ୍ଟରେ କାମ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଏହି ସମୟରେ ସ୍ମାର୍ଟସିଟି ଜେନେରାଲ ମ୍ୟାନେଜର କମଲଜିତ୍ ଦାସ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଅପରପକ୍ଷେ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ମେୟରଙ୍କ ସମେତ ଡେପୁଟି ମେୟର, ୬୭ଟି ୱାର୍ଡର କର୍ପୋରେଟର ସମସ୍ତେ ବିଏମ୍‌ସିର ପୁରୁଣା ମୁଖ୍ୟାଳୟରେ କାମ ଆରମ୍ଭ କରିବା ସ୍ପଷ୍ଟ ହୋଇଯାଇଛି।


ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ ନିର୍ମାଣଧୀନ କୋଠାର ତଦାରଖ କରୁଛନ୍ତି।

ସୂଚନାଯୋଗ୍ୟ, ସତ୍ୟନଗର ଶ୍ମଶାନ ସମ୍ମୁଖରେ ୪.୦୪ ଏକର ପରିମିତ ଜାଗାରେ ଏହି କୋଠା ନିର୍ମାଣ ହେଉଛି। ଏଠାରେ ବିଏମ୍‌ସି ମୁଖ୍ୟାଳୟ ରହିବା ସହିତ ଇଣ୍ଟେଲିଜେଣ୍ଟ ସିଟି ଅପରେଶନ୍ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ସେଣ୍ଟର (ଆଇସିଓଏମ୍‌ସି) ନିର୍ମାଣାଧୀନ ରହିଛି। ପ୍ରାୟ ୮୦ କୋଟି ଟଙ୍କା ବଜେଟରେ ୧୧ ମହଲା ବିଶିଷ୍ଟ ଏହି କୋଠାର ନିର୍ମାଣ ଚାଲିଛି। କୋଠାର ତଳ ଓ ଉପର ଗ୍ରାଉଣ୍ଡ ଫ୍ଲୋର୍‌ରେ ବିଏମ୍‌ସି କାର୍ଯ୍ୟାଳୟ ରହିବାକୁ ଯୋଜନା ହୋଇଛି। ଏଠାରେ ବିଏମ୍‌ସିର ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ। ବଡ଼ କନ୍‌ଫରେନ୍ସ ହଲ୍, ପ୍ରତୀକ୍ଷାଳୟ, କ୍ୟାଣ୍ଟିନ୍ ଆଦି ରହିବ। ସହରର ସବୁଠାରୁ ଆକର୍ଷଣୀୟ ସରକାରୀ କାର୍ଯ୍ୟାଳୟ ଭାବେ ଏହାକୁ ନିର୍ମାଣ କରାଯାଉଛି। କୋଠାର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ କରି ଉନ୍ନତୀକରଣ କରାଯାଇ ଓଡ଼ିଶାର ବିଭିନ୍ନ ମନ୍ଦିର ପ୍ରତିକୃତି ନିର୍ମାଣ କରାଯିବ। ସେହିପରି ଆଇସିଓମ୍‌ସି କାର୍ଯ୍ୟାଳୟରେ ବିଭିନ୍ନ ପ୍ରକାରର ସର୍ବେକ୍ଷଣ ବା ସର୍ଭେ ତଥା ସମୀକ୍ଷା ସୁବିଧା ରହିବ। ଏହିଠାରୁ ପୂରା ସହର ଉପରେ ନଜର ରଖାଯିବ।



ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡେମୀରେ ସୋମବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କବି ବିହାରୀବନ୍ଧୁ ପଲାଇଙ୍କ କବିତା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟରେ ପୋଲିସ ଓ ପରିବହନ ବିଭାଗ ଅଧିକାରୀଙ୍କ ପାଇଁ ସୋମବାର ଅନୁଷ୍ଠିତ ରାଜ୍ୟସ୍ତରୀୟ କ୍ରାସ୍ ଇନ୍‌ଭେଷ୍ଟିଗେଶନ ଟ୍ରେନିଂ କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଡିଜିପି ସୁନୀଲ ବଂଶଲ ଓ ଅନ୍ୟମାନେ।

# ପଳାଶୁଣି ଛକରେ ଛକିଥିଲା ମୃତ୍ୟୁ

ଭୁବନେଶ୍ୱର, ୪।୪ (ବ୍ୟୁରୋ) – ସବୁଦିନ ପରେ ପଳାଶୁଣି ଛକସ୍ଥିତ ଜାତୀୟ ରାଜପଥ ଚଳଚଞ୍ଚଳ ଥିଲା। ସୋମବାର ହୋଇଥିବାରୁ ଲୋକଙ୍କ ଯିବାଆସିବା ଟିକେ ଅଧିକ ଥିଲା। ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଜାରକା ବିଦ୍ୟୁତ୍ ଉପଖଣ୍ଡର ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ କୁମାର ଦାସ ଆଇଗିଣିଆସ୍ଥିତ ଘରୁ ବାହାରି ନିଜ ଅଲ୍‌ଟୋ କାର୍‌ରେ ଅଫିସ୍ ଯାଉଥିଲେ। ହେଲେ ସେ ଜାଣି ନ ଥିଲେ ପଳାଶୁଣି ଛକରେ ମୃତ୍ୟୁ ଜଗି ରହିଥିଲା। ରାସ୍ତା ପାର ହେଉଥିବା ଲୋକଙ୍କୁ ବଞ୍ଚାଇବାକୁ ଯାଇ ତାଙ୍କ ସହ ଅନ୍ୟ ଗାଡିମୋଟର ବ୍ରେକ୍ ଲଗାଇଥିବାବେଳେ ଯମ ରୂପରେ ପଛରେ ମାଡ଼ି ଆସୁଥିବା ଏକ ଡମ୍ପର ତାଙ୍କୁ ଧକ୍କା ଦେବା ସହ ଚାପି ଦେଇଥିଲା। ଫଳରେ କିଛି ବୁଝିବା ପୂର୍ବରୁ ସେ କାର୍ ସହ ସମ୍ମୁଖରେ ଅଟକିଥିବା ଅନ୍ୟଏକ ଡମ୍ପର ଭିତରେ ପଶିଯାଇଥିଲେ। ନିଜ କାର୍ ଭିତରେ ଚାପି ହୋଇଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।



## କାର୍‌କୁ କାଟି ଶ୍ରୀମନ୍ତଙ୍କୁ ବାହାର କଲେ ଅଗ୍ନିଶମ ବାହିନୀ



ଦୁର୍ଘଟଣାରେ ଶ୍ରୀମନ୍ତଙ୍କ କାର୍‌ଟି ସମ୍ପୂର୍ଣ୍ଣ ଚୂର୍‌ମାର ହୋଇଯାଇଥିଲା। ସେ ସିଟ୍‌ରେ ଥାଇ ଇଞ୍ଜିନ, ବଡ଼ି, ଷ୍ଟିୟରିଂ ଭିତରେ ଚାପି ହୋଇ ରହିଥିଲେ। ପୋଲିସ ଓ ଦମକଳ ବାହିନୀ ପହଞ୍ଚି ତାଙ୍କୁ କାର୍ ଭିତରୁ ବାହାରକୁ ଆଣିବାରୁ ଚେଷ୍ଟା କରିଥିଲେ। ହେଲେ ସମ୍ଭବ ନ ହେବାରୁ ଶେଷରେ କଟର୍ ମେଶିନ ସାହାଯ୍ୟରେ କାର୍‌କୁ କଟାଯାଇ ଶ୍ରୀମନ୍ତଙ୍କୁ ବାହାର କରାଯାଇ ଏସ୍‌ସିବି ମେଡିକାଲ ନିଆଯାଇ ଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଦୁର୍ଘଟଣାର ହଟ୍‌ସ୍ପଟ୍ ପଳାଶୁଣି ଛକ ଜାତୀୟ ରାଜପଥ

ଭୁବନେଶ୍ୱର ପଳାଶୁଣି ଛକ ଜାତୀୟ ରାଜପଥରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ପୂର୍ବରୁ ଏଠାରେ ବହୁ ଲୋକଙ୍କ ଜୀବନ ଯିବା ସହ ଅନେକେ ଆହତ ହୋଇଛନ୍ତି। ରବିବାର ମଧ୍ୟ ସେଠାରେ ଟ୍ୟାଙ୍କର ଧକ୍କା ଦେବାରୁ ବୋହୂ ଆଗରେ ଜଣେ ଶ୍ୱଶୁରଙ୍କ ଜୀବନ ଚାଲିଯାଇଥିଲା। ହେଲେ ଦୁର୍ଘଟଣା ଏଡାଇବାକୁ ପୋଲିସ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସେପରି ସଫଳ ପଦକ୍ଷେପ ନିଆଯାଇ ନାହିଁ। ଫଳରେ ଉକ୍ତ ସ୍ଥାନ ଏବେ ଦୁର୍ଘଟଣାର ହଟ୍‌ସ୍ପଟ ପାଲଟିବା ସହ ବହୁ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଉଛି।

### ପାହାନ୍ତାରେ ହୋଇଥିଲା ଆଉଏକ ଦୁର୍ଘଟଣା

ସୋମବାର ପାହାନ୍ତାରେ ହଂସପାଳ ଓଭର୍ ବ୍ରିଜ୍‌ରେ ଭୁବନେଶ୍ୱ ଆଡୁ କଟକ ଅଭିମୁଖେ ଯାଉଥିବା ଏକ ଗୋଡ଼ି ବୋଝେଇ ହାଇୱା ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗାଡିଟି ବ୍ରିଜ୍ ବାଡରେ ବାଡେଇ ହୋଇ ଅଟକି ରହିଥିଲା। ଫଳରେ ରାସ୍ତାରେ ଟ୍ରାଫିକ ଜାମ ହୋଇଥିଲା। ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା ଓ ମଞ୍ଚେଶ୍ୱର ଥାନା ପୋଲିସ ସହ ମିଶି ଟ୍ରାଫିକ୍ ଜାମ୍ ହଟାଇଥିଲେ। ସକାଳ ପ୍ରାୟ ୮ଟାରେ ରାସ୍ତାରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାର ୧ ଘଣ୍ଟା ପରେ ପଳାଶୁଣିରେ ଦୁର୍ଘଟଣା ହେବାରୁ ପୁଣି ଟ୍ରାଫିକ ଜାମ୍ ହୋଇଥିଲା।

## ଏନ୍‌ଏଚ୍ କର୍ତ୍ତୃପକ୍ଷ, ପୋଲିସ ଦାୟୀ: ଫୁଟ୍ ଓଭରବ୍ରିଜ୍ ଦାବି

ପଳାଶୁଣିରେ ଜାତୀୟ ରାଜପଥର ଡିଭାଇଡରରେ ଲୁହାବାଡ଼ ରହିଛି। ସେଥିରେ କେତେକ ସ୍ଥାନରେ ଲୁହା ନ ଥିବାରୁ ଲୋକେ ଗଳି ଏପଟସେପଟକୁ ବିପଦ ଶଙ୍କୁଳ ଅବସ୍ଥାରେ ଯିବା ଆସିବା କରୁଛନ୍ତି। ପୂର୍ବରୁ ଲୁହାବାଡ଼ରେ ବିଦ୍ୟୁତ୍ ଚାର୍ଜ ହୋଇଯିବାରୁ ଲୋକଙ୍କ ଜୀବନ ଯାଇଛି। ଏହାସହ ସେହି ସ୍ଥାନରେ ଲୋକ ରାସ୍ତା ପାର ହେଉଥିବାବେଳେ ଗାଡ଼ି ଧକ୍କାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଆଇ) ଉକ୍ତ ସ୍ଥାନକୁ ବ୍ଲାକ୍ ସ୍ପଟ୍ ଭାବେ ଚିହ୍ନଟ କରିଥିଲେ ମଧ୍ୟ ସେପରି ପଦକ୍ଷେପ ନେଇନାହିଁ। ରାସ୍ତା ପାର୍ ହେବା ପାଇଁ ଉକ୍ତ ସ୍ଥାନରେ ଏକ ଫୁଟ୍ ଓଭର୍‌ବ୍ରିଜ୍ ପାଇଁ ସ୍ଥାନୀୟ ଲୋକେ ଦାବି କରି ଆସୁଥିଲେ ମଧ୍ୟ ତାହା ଏଯାଏ ହୋଇପାରି ନାହିଁ। ଏପିରି କି ସଚେତନତା ପାଇଁ ଉକ୍ତ ସ୍ଥାନରେ ସାଇନ୍ ବୋର୍ଡ ମଧ୍ୟ ଲଗାଯାଇନାହିଁ। ଅପରପକ୍ଷରେ ବେଆଇନ୍ ରାସ୍ତା ପାରକୁ ପୋଲିସ ମଧ୍ୟ ନଜର ଦେଉନାହିଁ। ଉଭୟ ପାର୍ଶ୍ୱରେ ବସ୍ ଅଟକୁଥିବାରୁ ଲୋକଙ୍କ ଗହଳି ରହୁଛି। ପଳାଶୁଣି ଗ୍ରାମ୍ୟ ବିକାଶ କମିଟି ଉପସଭାପତି ରମେଶ ସାହୁ ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଆଗାମୀ ଦିନରେ ଫୁଟ୍ ଓଭର୍ ବ୍ରିଜ୍ ନ ହେଲେ ଆନ୍ଦୋଳନ ବ୍ୟାପକ କରାଯିବ।



## ସିସିଟିଭିରେ ଦୁର୍ଘଟଣା ସମୟର ଛାତିଥରା ଦୃଶ୍ୟ

ଦୁର୍ଘଟଣା ସ୍ଥଳ ନିକଟରେ ରହିଥିବା ଏକାଧିକ ସିସିଟିଭି କ୍ୟାମେରା। ସେଥିରେ ଦୁର୍ଘଟଣା ସମୟର ଛାତିଥରା ଦୃଶ୍ୟ କଏଦ ହୋଇଛି। ପ୍ରଥମେ ରାସ୍ତା ପାର ହେଉଥିବା ଲୋକଙ୍କୁ ସୁରକ୍ଷା ଦେବାକୁ ଏକ ଡମ୍ପର ବ୍ରେକ୍ ମାରୁଛି। ଏହା ପଛକୁ ଶ୍ରୀମନ୍ତଙ୍କ କାର୍ ସହ ଅନ୍ୟଏକ କାର୍ ମଧ ଧୀର ହେଉଛି। ଏହି ସମୟରେ ହଠାତ୍ ପଛରୁ ଆସୁଥିବା ଡମ୍ପର ପ୍ରଥମେ ଧଳା କାରକୁ ପଛରୁ ଧକ୍କା ଦେବା ପରେ ଶ୍ରୀମନ୍ତଙ୍କ କାର୍‌କୁ ଧକ୍କା ଦେଇ ମାଡି ଯାଉଛି। ଶ୍ରୀମନ୍ତଙ୍କ କାର୍ ପବନରେ ଉଡିବା ପରି ଆଗରେ ଥିବା ଡମ୍ପର ତଳକୁ ପଶିଯାଉଛି। କିଛିକ୍ଷଣ ମଧରେ ଏହି ଦୃଶ୍ୟ ଗଣମାଧମ ଓ ସୋସିଆଲ୍ ମିଡ଼ିଆରେ ତୀବ୍ର ବେଗରେ ଭାଇରାଲ ହୋଇଯାଇଥିଲା।

## ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଅଟକି ରହିଲା ଶହ ଶହ ଗାଡ଼ି

ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକଙ୍କ ଭିଡ଼ ବଢ଼ିବାରୁ ଗାଡିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ପ୍ରାୟ ୨ଘଣ୍ଟା ଧରି ଭିଡ଼ କାରଣରୁ ରାସ୍ତାରେ ଶହଶହ ଗାଡ଼ି ଅଟକି ରହିଥିଲା। ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଟ୍ରାଫିକ୍ ଜାମ୍‌କୁ ଦୃଷ୍ଟିରେ ରଖି ଟୁଇନ୍ ସିଟି ଟ୍ରାଫିକ୍ ଡିସିପି ଏସ୍ ସୁଶ୍ରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନ୍ୟମାନଙ୍କ ସହାୟତାରେ ଟ୍ରାଫିକ୍ ଜାମ୍ ହଟାଇବାରେ ଲାଗି ପଡିଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ଗାଡିକୁ ରାସ୍ତାରୁ ସ୍ଥାନାନ୍ତର କରାଯିବା ପରେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।






ଦୁର୍ଘଟଣାରେ କ୍ଷତିଗ୍ରସ୍ତ କାର୍ ଓ ବାଇକ୍

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

କଟକ ଅଫିସ,୪।୪: କଟକ ସଦର ଥାନା ଅଞ୍ଚଳରେ ୫ବର୍ଷ ପୂର୍ବେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ବିଚାର କରି କଟକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ସୋମବାର ଅଭିଯୁକ୍ତ ଅନୁଜ ମଳିକଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ବାବଦକୁ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୋଟ୍ ୧୧ ଜଣ ସାକ୍ଷୀଙ୍କ ବୟାନ ଓ ୧୨ଟି ତଥ୍ୟ ପ୍ରମାଣକୁ ଭିତ୍ତିକରି କଟକ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ଉପରୋକ୍ତ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ୨୦୧୭ ନଭେମ୍ବର ୨୦ରେ ଜଣେ ୧୦ ବର୍ଷୀୟା ନାବାଳିକାଙ୍କୁ ଅଭିଯୁକ୍ତ ରାସ୍ତାରୁ ଟେକିନେଇ ବଳାତ୍କାର କରିଥିଲେ। ସେହି ଦିନ ଘଟଣା ସମ୍ପର୍କରେ ପୀଡ଼ିତାଙ୍କ ମା'ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅନୁଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାକୁ ଆଇନଜୀବୀ ବିଶ୍ୱଜିତ୍ ରାୟ ପରିଚାଳନା କରୁଥିଲେ।

## କଣ୍ଡକ୍ଟରଙ୍କ ଉପସ୍ଥିତ ବୁଦ୍ଧି ପାଇଁ ୨୦ ଯାତ୍ରୀ ବର୍ତ୍ତିଲେ

ଗୋପ,୪।୪(ଡି.ଏନ୍.ଏ.)

ପୁରୀ ଜିଲା ଗୋପ- ଚାରିଛକ ରାସ୍ତାର ମୁସଲମାନ ବସ୍ତି ନିକଟରେ ସୋମବାର ସକାଳ ୮ଟା ୩୦ରେ କଟକ ଯାଉଥିବା ଗୋଟିଏ ଯାତ୍ରୀବାହୀ ବସ୍‌ରେ ହଠାତ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଗାଡ଼ି ସାମାନ୍ୟ ଭାରସାମ୍ୟ ହରାଇବାରୁ ବସ୍‌ରେ ବସିଥିବା ଲୋକେ ଭୟଭୀତ ହୋଇଯାଇଥିଲେ। ତେବେ ଏହି ସମୟରେ ବସ୍ କଣ୍ଡକ୍ଟର ରଶ୍ମିରଞ୍ଜନ ବେହେରାଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବସ୍‌କୁ ନିୟନ୍ତ୍ରଣ କରିବା ସହ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ଅଳ୍ପକେ ଜୀବନ ରକ୍ଷା ହୋଇଯାଇଛି।

ପ୍ରକାଶ ଯେ, ସୋମବାର ସକାଳେ ମା' ବସ୍ ନାମକ ଏକ ଯାତ୍ରୀବାହୀ ବସ (ନଂ.ଓଆର୍ ୦୨ ଏଆର୍ ୬୬୩୬) ଗୋପସ୍ଥିତ ନେତପୁରରୁ ସବୁଦିନ ଭଳି କଟକ ଯାଉଥିଲା। ଏହି ବସ୍‌ରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଥିଲେ। ବସ୍‌ଟି ଗୋପ ବଜାରରେ କେତେକ ଯାତ୍ରୀଙ୍କୁ ଓହ୍ଲାଇବା

### ଚଳନ୍ତା ବସ୍‌ରେ ଡ୍ରାଇଭରଙ୍କ ହୃଦ୍‌ଘାତରେ ମୃତ୍ୟୁ






କଣ୍ଡକ୍ଟର ରଶ୍ମିରଞ୍ଜନ ବେହେରା

ବେଳେ ଡ୍ରାଇଭର ଗୋପ ଥାନା ଅଧୀନ ନେତପୁରର ସୁଦର୍ଶନ ସାହୁ ସେଠାରେ ଚା ପିଇ କଟକ ଅଭିମୁଖେ ବାହାରି ଥିଲେ। ହେଲେ ଗୋପ ବଜାର ଶେଷ ବସ୍ତି ନିକଟରେ ଏହି ବସ୍‌ଟି ଅଚାନକ ଭାରସାମ୍ୟ ହରାଇଥିଲା। ପାଖରେ ଥିବା ବସ୍ କଣ୍ଡକ୍ଟର ରଶ୍ମିରଞ୍ଜନ ବେହେରା ସଙ୍ଗେ ସଙ୍ଗେ ଡ୍ରାଇଭର ନିକଟକୁ ଯିବାରେ ସୁଦର୍ଶନ ଅଚେତ ହୋଇପଡ଼ିଥିବା ବେଳେ ଗାଡ଼ି ବେଗରେ ଥିବାରୁ ଷ୍ଟେରିଂ ଧରିବା ସହ ବ୍ରେକ୍ ମାରି ରଖିଦେଇଥିଲେ। ଫଳରେ ଏକ ବଡ଼ ଦୁର୍ଘଟଣାରୁ ଗାଡ଼ି ବର୍ତ୍ତିଯାଇଥିବା ବେଳେ ଯାତ୍ରୀମାନେ ଆଶ୍ୱସ୍ତ ହୋଇଥିଲେ। ପରେ ଡ୍ରାଇଭରଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ହୃଦ୍‌ଘାତ ଯୋଗୁ ମୃତ୍ୟୁ ହୋଇଯାଇଥିବା ନେଇ ଡା. ଗୋପକୃଷ୍ଣ ପଟ୍ଟନାୟକ କହିଥିଲେ। ପରେ ଏ ଘଟଣା ସମ୍ପର୍କରେ ମୃତ ଡ୍ରାଇଭରଙ୍କ ଭାଇ ନିରଞ୍ଜନ ସାହୁ ଗୋପ ଥାନାରେ ଏତଲା ଦେବା ପରେ ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ.୯/୨୨ ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଅନ୍ୟପଟେ ବସ୍ ମାଲିକ ଘଟଣା ସମ୍ପର୍କରେ ଜାଣିବା ପରେ ଘଟଣାସ୍ଥଳରୁ ବସ୍ ନେଇ ଯାଇଥିବା ଅଭିଯୋଗ ହୋଇଛି। କଣ୍ଡକ୍ଟର ରଶ୍ମିରଞ୍ଜନଙ୍କ ଉପସ୍ଥିତ ବୁଦ୍ଧି ପାଇଁ ଯାତ୍ରୀଙ୍କ ଜୀବନ ରକ୍ଷା ହୋଇପାରିବା ନେଇ ସାଧାରଣରେ ତାଙ୍କୁ ପ୍ରଶଂସା କରାଯାଇଛି। ଅପରପକ୍ଷେ ମୃତ ଡ୍ରାଇଭରଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନିକଟରେ ନେତପୁର ଗ୍ରାମବାସୀ ଦାବି କରିବା ପରେ ପ୍ରଶାସନିକ ସ୍ତରରେ ସହାୟତା ରାଶି ଦେବା ପାଇଁ ମନ୍ତ୍ରୀ ଜିଲାପାଳଙ୍କୁ ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ତଦନ୍ତ ଜାରି ରଖିଛି।

## ଏଏସ୍‌ବିଏମ୍‌ରେ ୮ମ ଅନ୍ତର୍ଜାତୀୟ ପ୍ରବନ୍ଧନ ମହାଧିବେଶନ

ଭୁବନେଶ୍ୱର,୪।୪

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏସିବିଏସ୍‌ପି ଯୁକ୍ତରାଷ୍ଟ୍ର ଆମେରିକା, ଲୋଭାଚେସ୍କି ବିଶ୍ୱବିଦ୍ୟାଳୟ ରୁଷ ଓ ଭାରତୀୟ ପ୍ରବନ୍ଧନ ସଂସ୍ଥାନ ସମ୍ବଲପୁରର ସହଯୋଗିତାରେ ୮ମ ଅନ୍ତର୍ଜାତୀୟ ପ୍ରବନ୍ଧନ ମହାଧିବେଶନ 'ସ୍ଥିତିସ୍ଥାପକତା ଓ ଗନ୍ତବ୍ୟ ଅନୁଶୀଳନ' ଶୀର୍ଷକ ବିଷୟବସ୍ତୁକୁ ନେଇ ଏକ ଜାତୀୟସ୍ତରର ଆଲୋଚନା ଚକ୍ର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଓ କୁଳାଧିକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସଂଘ ଲୋକସେବା ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ଡ. ଡିପି. ଅଗ୍ରୱାଲ ଆଧୁନିକ ଓ ଦ୍ରୁତ ପ୍ରଗତିଶୁଖୀ ବିଶ୍ୱକୁ ସ୍ଥିତି ସ୍ଥାପକତା ନୂତନ ଆଲୋକର ସାର କରିପାରେ ବୋଲି ସେ ନିଜର ଗଭୀର ଆସ୍ଥା ପ୍ରକଟ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦାନ କରି କେପିଏମ୍‌ଜି, ବୋର୍ଡ ସଦସ୍ୟ-ଦୁବାଇ ରିଚାର୍ଡ. ରେଖୀ କହିଥିଲେ ସ୍ଥାପକତା ମାନବ ଜାତିର ଭବିଷ୍ୟ ନିର୍ମାଣ ଦିଗରେ ମହତ୍ତ୍ୱ ଭାବେ କାର୍ଯ୍ୟ କରିବ ବୋଲି ସେ ଦୃଢୋକ୍ତି ବ୍ୟକ୍ତ କରିଥିଲେ । ଏହି ଅବସରରେ ବ୍ଲୁମସ୍ ମେରୀ ପ୍ରକାଶିତ 'ବିଲଡ଼ିଙ୍ଗ ରେଜିଲେନ୍ସ- ଦି ୱେ ଫରୱାଡ଼' ଶୀର୍ଷକ ଏକ ଗବେଷଣାଲବ୍ଧ ପୁସ୍ତକ, ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଫିନିକ୍ସ' ଓ ଅଧିବେଶନର ଆଲେଖ୍ୟ ଆଦି ପୁସ୍ତକ ତ୍ରୟକୁ ଅତିଥିବୃନ୍ଦ ଅନାବରଣ କରିଥିଲେ। କୁଳାଧିକ୍ଷ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକ ରାଜ୍ୟପାଳଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। କୁଳପତି ପ୍ରଫେସର ଡ. କଲ୍ୟାଣ ଶଙ୍କର ରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ସୈନିକ ସ୍କୁଲ୍‌ରେ ଶହୀଦ କ୍ୟାପ୍‌ଟେନ୍ ଆଶୁତୋଷଙ୍କ ପ୍ରତିମୂର୍ତ୍ତି




ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ କ୍ୟାପ୍‌ଟେନ୍ ଆଶୁତୋଷଙ୍କ ବାପା ରବୀନ୍ଦ୍ର, ମା' ଗୀତା, ସବ୍ ଏରିଆ କମାଣ୍ଡର ବ୍ରିଗେଡିୟର ବିଘ୍ନେଶ ମହାନ୍ତି ଓ ଅନ୍ୟମାନେ।

ଭୁବନେଶ୍ୱର, ୪।୪(ବ୍ୟୁରୋ)

ସୌର୍ଯ୍ୟଚକ୍ର ପୁରସ୍କାରପ୍ରାପ୍ତ ଶହୀଦ କ୍ୟାପ୍‌ଟେନ୍ ଆଶୁତୋଷ କୁମାରଙ୍କ ଏକ ପ୍ରତିମୂର୍ତ୍ତି ସୋମବାର ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ଲୋକାର୍ପିତ ହୋଇଯାଇଛି। ବାପା ରବୀନ୍ଦ୍ର ଯାଦବ ଓ ମା' ଗୀତା ଦେବୀଙ୍କ ପୁଅ ଆଶୁତୋଷଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ଏହି ପ୍ରତିମୂର୍ତ୍ତି ଲୋକାର୍ପଣ ଅବସରରେ ଛତିଶଗଡ଼ ଏବଂ ଓଡ଼ିଶା ସବ୍ ଏରିଆ କମାଣ୍ଡର ବ୍ରିଗେଡିୟର ବିଘ୍ନେଶ ମହାନ୍ତି, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀଙ୍କ ସମେତ ଶହୀଦ ଆଶୁତୋଷଙ୍କ ପରିବାରବର୍ଗ ଏବଂ ବହୁ ସହପାଠୀ ଉପସ୍ଥିତ ରହିଥିଲେ। ଶହୀଦ ଆଶୁତୋଷ ସୈନିକ ସ୍କୁଲର ଛାତ୍ର ଥିଲେ। ସେ ଗତ ୨୦୨୦ ନଭେମ୍ବର ୮ରେ ଜମ୍ମୁ-କଶ୍ମୀର ବର୍ଡରରେ ହୋଇଥିବା ଅପରେଶନରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଅଣ୍ଡା ଦର ବୃଦ୍ଧି ଦାବିରେ ଆନ୍ଦୋଳନ

ଭୁବନେଶ୍ୱର(ବ୍ୟୁରୋ)/ଝାଁଳା,୪।୪(ଡି.ଏନ୍.ଏ.)

ଜାତୀୟ ଅଣ୍ଡା ସମନ୍ୱୟ କମିଟି (ଏନ୍‌ଇସିସି) ର ମନମାନି ଯୋଗୁ ରାଜ୍ୟର ଅଣ୍ଡା ଚାଷୀମାନେ କ୍ଷତି ସହୁଛନ୍ତି। ଏପରିକି ଋଣ ପରିଶୋଧ ନ କରିପାରି ଅନେକ ନିଜନିଜ କାରବାର ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଅଣ୍ଡା ଦର ବୃଦ୍ଧି ଦାବିରେ ସୋମବାର ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏଶନ (ଓଲ୍‌ଫା)ର ଅଧ୍ୟକ୍ଷ ମାନସ ମଙ୍ଗରାଜଙ୍କ ନେତୃତ୍ୱରେ ଅଣ୍ଡା ଚାଷୀମନେ ଏନ୍‌ଇସିସି ବିରୋଧରେ ୧୬ନଂ. ଜାତୀୟ ରାଜପଥର ଗଙ୍ଗପଡ଼ା ପୁରୁଣା ଟୋଲଗେଟ ନିକଟରେ ଆନ୍ଦୋଳନ କରିଥିଲେ। ୬ ଦଫା ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଆନ୍ଧ୍ରପ୍ରଦେଶରୁ ଆସିଥିବା ଅଣ୍ଡା ବୋଝେଇ ଟ୍ରକକୁ ଅଟକାଇଥିଲେ।




ଆନ୍ଦୋଳନସ୍ଥଳରେ ଓଲଫା ଅଧ୍ୟକ୍ଷ ମାନସ ମଙ୍ଗରାଜ ଓ ଅଣ୍ଡାଚାଷୀମାନେ।

ଅଣ୍ଡାର ଦର ନିର୍ଦ୍ଧାରଣ କରୁଥିବା ଏନ୍‌ଇସିସି ଦେଶର କେତେକ ବଡ଼ ସଂସ୍ଥା ସହ ସଲାସୁତୁରା କରି ଅଣ୍ଡା ମୂଲ୍ୟ କମ୍ ରଖୁଥିବା ଯୋଗୁ ରାଜ୍ୟର ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଗୋଟିଏ ଅଣ୍ଡା ଉତ୍ପାଦନ ଲାଗି ୪ ଟଙ୍କା ୭୦ ପଇସା ଖର୍ଚ୍ଚ ହେଉଥିବାବେଳେ ଅଣ୍ଡାର ଦର ଗୋଟିଏ ପ୍ରତି ୩.୭୫ଟଙ୍କା ରୁ ୩.୮୦ ଟଙ୍କାରେ ବିକ୍ରି କରୁଛନ୍ତି। ଫଳରେ ଅଣ୍ଡା ପ୍ରତି ଚାଷୀ ୧.୨୦ଟଙ୍କା ପର୍ଯ୍ୟନ୍ତ କ୍ଷତି ସହୁଛି। ଏନେଇ ଓଲ୍‌ଫା ଅଧ୍ୟକ୍ଷ ମଙ୍ଗରାଜ କହିଛନ୍ତି, ଏନ୍‌ଇସିସି ଓଡ଼ିଶାର ଅଣ୍ଡା ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ନ ଦେବାରୁ କ୍ଷତିଗ୍ରସ୍ତ ହେଉଛନ୍ତି। ଦେବଦତ୍ତ ବିଶ୍ୱାଳ, ସରୋଜ ପାତ୍ର, ସନ୍ତୋଷ ପାତ୍ର ପ୍ରମୁଖ ଏହି ଆନ୍ଦୋଳନରେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ପରିସ୍ଥିତିକୁ ଦୃଷ୍ଟିରେ ରଖି କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ସଚିବ ଜି.ରଘୁ ପ୍ରସାଦ, ଓଲ୍‌ଫା ଅଧ୍ୟକ୍ଷ ମାନସ ରଞ୍ଜନ ମଙ୍ଗରାଜ, ଏନ୍‌ଇସିସି ସିଇଓ ଏସ୍.କୁମାର, ଏନ୍‌ଇସିସି ଓଡ଼ିଶା ସମ୍ପାଦକ ଶୁଭେନ୍ଦୁ ସାହୁ ଯୋଗ ଦେଇଥିଲେ। ବୈଠକରେ କୌଣସି ନିଷ୍କର୍ଷ ବାହାରି ନ ପାରିବାରୁ ଓଲ୍‌ଫା ଆନ୍ଦୋଳନ ଅବ୍ୟାହତ ରଖିବାକୁ ନିଷ୍ପତ୍ତି ନେଇଛି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଟୁଗେଦର ସଙ୍ଗଠନ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ମାସିକ ଓଡିଆ ଖବରକାଗଜ 'ଶାନ୍ତିସ୍ତୁପ' ପକ୍ଷରୁ ପ୍ରଥମ ସ୍ୱନକ୍ଷତ୍ର ଉତ୍ସବ, ପ୍ରେସ୍ କ୍ଲବ ଅଫ୍ ଓଡିଶା, ମାଷ୍ଟକ୍ୟାଣ୍ଟିନ, ସନ୍ଧ୍ୟା ୬ଟା।

## ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ

**ପୁରୀ ଅଫିସ, ୪।୪:** ପବିତ୍ର ଚୈତ୍ର ମାସ କୃଷ୍ଣପକ୍ଷ ତୃତୀୟା ତିଥିରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ ନିମନ୍ତେ ଖସାପଡ଼ା ନୀତି କରାଯାଇଥାଏ। ଏହି ନୀତି ସମୟରେ ମହାପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡ଼ାରେ ଘୋଡ଼ାଇ ଦିଆଯାଏ। ଅପରାହ୍ନ ୪ଟାରେ ଦାରୁବିଗ୍ରହଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ପରେ ମହାଲକ୍ଷ୍ମୀ, ସରସ୍ୱତୀ ଭଣ୍ଡାର ଘରକୁ ବିଜେ କରିଥିଲେ। ପରେ ଅପରାହ୍ନ ୪ଟା ୪୦ରେ ନୀତି ସମ୍ପାଦନ କରିବା ନିମନ୍ତେ ଦଇତାପତିମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ନୀତି ସମ୍ପାଦନା କରି ସନ୍ଧ୍ୟା ୬ଟା ୫୦ରେ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ୬ଟା ୫୫ରେ ସିଂହାସନ ଧୂଆ ହୋଇଥିଲା। ପରେ ମହାସ୍ନାନ ନୀତି ହୋଇ ଅନ୍ୟାନ୍ୟ ନୀତି ସରିଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା।

## ୧୨ରେ ହେବ ସ୍ଥଗିତ ଥିବା ପରୀକ୍ଷା

**କଟକ ଅଫିସ, ୪।୪:** ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ଥଗିତ ରହିଥିବା ସ୍ନାତକ ପଞ୍ଚମ ସେମିଷ୍ଟର ପରୀକ୍ଷା ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବ। ଏନେଇ ସୋମବାର ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ, ବିବିଏ, ଆଇଏସ୍‌ସି, ଆଇଟିଏମ୍ ଏବଂ ଜେଏମ୍‌ସିର ସ୍ନାତକ ପଞ୍ଚମ ସେମିଷ୍ଟର ପରୀକ୍ଷା ମାର୍ଚ୍ଚ ୨୮ରେ ହେବାର ଥିଲା । ମାତ୍ର ୨୮ ତାରିଖରେ ଭାରତ ବନ୍ଦ ଡାକରା ଯୋଗୁ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା।

### ପୋଲିସକୁ ମାମୁ ଡାକିବାରୁ ଛାତ୍ରଙ୍କୁ ମାଡ଼ ଘଟଣା

## ୨୪ ଘଣ୍ଟାରେ ବଦଳିଲେ ଏଏସ୍ଆଇ

**ନିଶ୍ଚିନ୍ତକୋଇଲି, ୪।୪(ସ୍ୱ.ପ୍ର) :** ପୋଲିସର ଅମାନୁଷିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ବିଭାଗୀୟ କର୍ତ୍ତୃପକ୍ଷ ତ୍ୱରିତ ପଦକ୍ଷେପ ନେଇଛନ୍ତି। ମାମୁ ଡାକିବାରୁ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ଥାନାର ଅଭିଯୁକ୍ତ ପୋଲିସ ଏଏସ୍ଆଇ ଭଗବାନ ସାହୁଙ୍କୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ୨୪ ଘଣ୍ଟା ମଧ୍ୟରେ ବଦଳି କରିଦେଇଛନ୍ତି। ସୋମବାର ତାଙ୍କୁ ପୋଲିସ ଜିଲା ମୁଖ୍ୟାଳୟକୁ ପଠାଇ ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ସାହୁ ପାଟ୍ରୋଲିଂ କରୁଥିବାବେଳେ ପଣସପଡ଼ିଆ ନିକଟରେ ଗୋପପୁର ଗ୍ରାମର ଗଙ୍ଗାଧର ବେହେରାଙ୍କ ପୁଅ ଚନ୍ଦନ(୧୧) ମାମୁ ଗାଡ଼ି ଗଲା ବୋଲି କହିଥିଲେ। ଏହାଶୁଣି ଏଏସ୍ଆଇ ସାହୁ ଉତ୍ତ୍ୟକ୍ତ ହୋଇ ପିଲାଟିକୁ ଗାଳିଗୁଲଜ କରି ମାଡ଼ ମାରିବା ସହ ଗୋଡ଼ ତଳେ ପକାଇ ଭୁଲ୍ ମାଗିବାକୁ ବାଧ କରିଥିଲେ। ଏନେଇ ସାହୁଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ପଣସପଡିଆ ନିକଟରେ ସ୍ଥାନୀୟ ଲୋକେ କଟକ-ଚାନ୍ଦବାଲି ରାସ୍ତାକୁ ଟାୟାର ଜାଳି ଅବରୋଧ କରିଥିଲେ। କଂଗ୍ରେସ ପକ୍ଷରୁ ମଧ ଏସ୍‌ଡିପିଓଙ୍କ ଅଫିସ ଘେରାଉ କରିବ ବୋଲି ଚେତାବନୀ ଦିଆଯାଇଥିଲା। ଘଟଣା ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ହେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

# ଟ୍ରଷ୍ଟ ହାତରେ ବିଶ୍ୱବିଦ୍ୟାଳୟ ପାଠପଢ଼ାକୁ ବିରୋଧ

- ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି କାର୍ଯ୍ୟାଳୟ ଘେରିଲେ ନର୍ସିଂ ଛାତ୍ରୀଛାତ୍ର
- ଦାବିପତ୍ରରେ ବଡ଼ ଧରଣର ଆନ୍ଦୋଳନ ଚେତାବନୀ
- ଆଜି ବସିବ ଉଚ୍ଚସ୍ତରୀୟ ବୈଠକ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟର ଚଣ୍ଡିଖୋଲସ୍ଥିତ ଦ୍ୱିତୀୟ କ୍ୟାମ୍ପସରେ ଗତ ୨ବର୍ଷ ହେବ ବିଏସ୍‌ସି ନର୍ସିଂ କୋର୍ସ ଆରମ୍ଭ ହୋଇଛି। ହେଲେ ଏହାର ପରିଚାଳନା ଓ ପାଠପଢ଼ା ଦାୟିତ୍ୱ ରହିଛି ଏକ ଟ୍ରଷ୍ଟ ହାତରେ। ଫଳରେ ନାନା ସମସ୍ୟା ଉପୁଜୁଥିବାରୁ ପାଠପଢ଼ା ବ୍ୟାହତ ହେଉଥିବା ଅଭିଯୋଗ ଆଣି ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସୋମବାର ସେମାନେ ବାଣୀବିହାରସ୍ଥିତ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସକୁ ଆସି ପ୍ରତିବାଦ ଜଣାଇଥିଲେ। କୁଳପତିଙ୍କ କାର୍ଯ୍ୟାଳୟକୁ ଘେରାଉ କରିବା ସହ ପ୍ରଶାସନିକ ବ୍ଲକ୍‌ର ମୁଖ୍ୟ ଫାଟକ ବନ୍ଦ କରି ଧାରଣାରେ ବସିଥିଲେ।

ସେମାନେ ଅଭିଯୋଗ କରିଛନ୍ତି, ବିଏସ୍‌ସି ନର୍ସିଂ କୋର୍ସ ପରିଚାଳନା ଦାୟିତ୍ୱ ଶୁଶୃତମ ଚାରିଟେବଲ୍ ଟ୍ରଷ୍ଟ ନେଇଛି।




ଛାତ୍ରୀଛାତ୍ରମାନେ କୁଳପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି।

କୋର୍ସ ବାବଦରେ ପିଲାଙ୍କଠାରୁ ୭୫ହଜାର ଟଙ୍କା ନିଆଯାଉଥିବା ବେଳେ କୌଣସି ସୁବିଧା ସୁଯୋଗ ଦିଆଯାଉ ନାହିଁ। ଦ୍ୱିତୀୟ ବର୍ଷର ପ୍ରତି ପିଲାଙ୍କଠାରୁ ବେଆଇନ ଭାବେ ୮ହଜାର ଟଙ୍କା ନିଆଯାଉଛି। ସେହିପରି ବିଭାଗରେ ମାତ୍ର ୩ ଜଣ ଷ୍ଟାଫ୍ ଥିବାରୁ ନିୟମିତ କ୍ଲାସ ହୋଇପାରୁ ନାହିଁ। ଏହା ବାଦ୍ ଲାବରେଟୋରିରେ ଆବଶ୍ୟକ ଉପକରଣ ନ ଥିବା ବେଳେ ଲାଇବ୍ରେରି, ହଷ୍ଟେଲ ଏବଂ ଖାଇବା ପିଇବା ସମସ୍ୟା ରହୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଟ୍ରଷ୍ଟ ହାତରୁ ଉକ୍ତ ଦାୟିତ୍ୱ ବାହାର କରି ନିଜେ ପରିଚାଳନା କରିବାକୁ ସେମାନେ ଦାବି କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନରୁ ହଟିବେ ନାହିଁ ବୋଲି ଛାତ୍ରୀଛାତ୍ର କହିଛନ୍ତି। ଏଥିସହ ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ କୁଳପତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସେହି ଟ୍ରଷ୍ଟ ହାତରୁ ଦାୟିତ୍ୱ ହଟା ନ ଯାଏ, ତେବେ ଆଗକୁ ବଡ଼ ଧରଣର ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ବିଶ୍ୱବିଦ୍ୟାଳୟର ଓଏସ୍‌ଡି କବୀର ମୋହନ ସେଠୀ ପିଲାଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ମାମଲାର ସମାଧାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଦ୍ୱିତୀୟ କ୍ୟାମ୍ପସରେ ନର୍ସିଂ କୋର୍ସ ଦାୟିତ୍ୱ ଯେଉଁ ଟ୍ରଷ୍ଟ ନେଇଛି, ପୂର୍ବରୁ ଉକ୍ତ ସଂସ୍ଥା ନାଁରେ ବାରମ୍ବାର ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ଟ୍ରଷ୍ଟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# 'ବିଦ୍ରୋହୀ'ର ସ୍ପେଶାଲ ସ୍କ୍ରିନିଂ

### ଅମିତ୍ ଶାହା ଦେଖିଲେ

ଭୁବନେଶ୍ୱର, ୪।୪(ବ୍ୟୁରୋ)

ଉନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଘଟିଥିବା ଓଡ଼ିଆ ଜାତିର ବୀରତ୍ୱର କାହାଣୀ 'ପାଇକ ବିଦ୍ରୋହ' ଓ ଏହାର ନେତୃତ୍ୱ ନେଇଥିବା ବକ୍ସି ଜଗବନ୍ଧୁଙ୍କ ଉପରେ ଆଧାରିତ ଧାରାବାହିକ 'ବିଦ୍ରୋହୀ'ର ସ୍ପେଶାଲ ସ୍କ୍ରିନିଂ ସୋମବାର ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଫିଲ୍ମ ଡିଭିଜନ ଅଡିଟୋରିୟମରେ ରାତି ୮ଟାରେ ଏହି ସ୍ପେଶାଲ ସ୍କ୍ରିନିଂ ହୋଇଥିବାବେଳ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ସମାଜ ଓ ବିଦ୍ରୋହୀ ଟିମ୍ ଦ୍ୱାରା ଏହି ସ୍ପେଶାଲ ସ୍କ୍ରିନିଂର ଆୟୋଜନ କରାଯାଇଥିଲା। 'ଷ୍ଟାର୍ ପ୍ଲସ୍' ଭଳି ଜାତୀୟ ସ୍ତରର ପ୍ରମୁଖ ଏଣ୍ଟରଟେନ୍‌ମେଣ୍ଟ ଚ୍ୟାନେଲ୍ ଓ ହଟ୍‌ଷ୍ଟାର୍ ଭଳି ଲୋକପ୍ରିୟ ଓଟିଟି ପ୍ଲାଟଫର୍ମରେ ବିଦ୍ରୋହୀ ପ୍ରସାରଣ ହେଉଥିଲା। ଓଡ଼ିଶାରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୋଧରେ ହୋଇଥିବା ବିଦ୍ରୋହର କାହାଣୀ ଏହି ଧାରାବାହିକରେ ରହିଛି। ଇଂରେଜମାନଙ୍କ କଠୋର ଆଇନ ବିରୋଧରେ ବୀର ପାଇକମାନଙ୍କ ଭୂମିକା,



ଧାରାବାହିକ 'ବିଦ୍ରୋହୀ'ର ଏକ ଦୃଶ୍ୟ।

ତ୍ୟାଗ, ପରାକ୍ରମ ଓ ବିଦ୍ରୋହ ଉପରେ ଏହା ପର୍ଯ୍ୟବସିତ। ସୁବ୍ରତ ସିହ୍ନାଙ୍କ ପ୍ରଯୋଜିତ ଏହି ଧାରାବାହିକରେ ବକ୍ସି ଜଗବନ୍ଧୁଙ୍କ ଭୂମିକାରେ ଶରଦ ମାଲହୋତ୍ରା ଅଭିନୟ କରିଥିବାବେଳେ ବକ୍ସି ଜଗବନ୍ଧୁଙ୍କ ରାଣୀ ଭୂମିକାରେ ଅଭିନେତ୍ରୀ ହେମଲ ଦେବ୍ ଏବଂ ଓଡ଼ିଆ ଅଭିନେତ୍ରୀ ସୁଲଗ୍ନା ପାଣିଗ୍ରାହୀ ଅଭିନୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବକ୍ସି ଜଗବନ୍ଧୁ ଖୋର୍ଦ୍ଧାର ଐତିହାସିକ ପାଇକ ବିଦ୍ରୋହର ପ୍ରମୁଖ ସଂଗ୍ରାମୀ ଥିଲେ। ଇତିହାସ କହେ, ଦେଶରେ ବ୍ରିଟିଶ ସରକାର ବିରୋଧରେ ବକ୍ସିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ହାସଲ ପାଇଁ ଆରମ୍ଭ ହୋଇଥିବା ବିପ୍ଳବର ପ୍ରଥମ ପାହଚ, ଯାହାର ସର୍ଦ୍ଦାର ଥିଲେ ବକ୍ସି ଜଗବନ୍ଧୁ।

## ପାର୍କରେ ଭୁଜାଲି ଚୋଟ, କର୍ମଚାରୀ ଗୁରୁତର

ଭୁବନେଶ୍ୱର, ୪।୪(ବ୍ୟୁରୋ)

ରାଜଧାନୀରେ ଦିନକୁ ଦିନ ଅପରାଧୀଙ୍କ ଦୌରାତ୍ମ୍ୟ ବଢି ଚାଲିଛି। ଦିନ ହେଉ ଅବା ରାତି ଅପରାଧୀମାନେ ଖୁଲମ୍‌ଖୁଲା ମାରଣାସ୍ତ୍ର ଧରି ବୁଲୁଛନ୍ତି। ଟିକେ ଟିକେ କଥାରେ ହାଣି ପକାଉଛନ୍ତି। ସୋମବାର ନୟାପଲ୍ଲୀ ଅଞ୍ଚଳରେ ଥିବା ଏକ ପାର୍କରେ ଦୁର୍ବୃତ୍ତମାନେ ଜଣେ କର୍ମଚାରୀଙ୍କୁ ଭୁଜାଲିରେ ହାଣି ଚମ୍ପଟ ମାରିଛନ୍ତି। ଆକ୍ରମଣର ଶିକାର କର୍ମଚାରୀ ଜଣକ ହେଲେ ଫୁଲବାଣୀ ଟିକାବାଲୀ ଅଞ୍ଚଳର ତରଣୀ ଦିଗାଲ। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ତରଣୀ ଦିଗାଲ ନୟାପଲୀ ଏନ୍-୨ ପାର୍କରେ ମାଳି ଭାବେ କାମ କରିବା ସହ ସେଠାରେ ରୁହନ୍ତି। ସେ ସୋମବାର ମଧ୍ୟ ଡ୍ୟୁଟି ସାରି ପାର୍କ ଭିତରେ ଖାଉଥିଲେ। ରାତି ୯ଟାରେ ୨ ଦୁର୍ବୃତ୍ତ ଆସି ତାଙ୍କୁ ଭୁଜାଲିରେ ଅତର୍କିତ ଆକ୍ରମଣ କରିଥିଲେ। ସେ ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯିବାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

# ଶହୀଦ ରଘୁ-ଦିବାକରଙ୍କ ବଳିଦାନ ସର୍ବଦା ସ୍ମରଣୀୟ

ଭୁବନେଶ୍ୱର, ୪।୪(ବ୍ୟୁରୋ)

### ରାଜ୍ୟସ୍ତରୀୟ ରଘୁ-ଦିବାକର ଶହୀଦ ଦିବସ ପାଳିତ

ବ୍ରିଟିଶ୍ ଶାସନର ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ଓଡ଼ିଶାରେ ବହୁ ଆନ୍ଦୋଳନ ଓ ବିଦ୍ରୋହ ସଙ୍ଘଟିତ ହୋଇଛି। ତନ୍ମଧ୍ୟରୁ ରଣପୁରର ପ୍ରଜାମଣ୍ଡଳ ଆନ୍ଦୋଳନ ଏକ ଐତିହାସିକ ଘଟଣା। ଅସୀମ ତ୍ୟାଗ ଓ ଦେଶପ୍ରେମ ପାଇଁ ଶହୀଦ ରଘୁ-ଦିବାକର ସର୍ବଦା ଚିରସ୍ମରଣୀୟ ହୋଇ ରହିବେ ବୋଲି ମତ ପ୍ରକାଶ ପାଇଛି। ସୋମବାର ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ, ଉଚ୍ଚଶିକ୍ଷା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ କହିଲେ ଯେ, ଅତ୍ୟାଚାରୀ ବ୍ରିଟିଶ୍ ଶାସନ କବଳରୁ ରଣପୁରବାସୀଙ୍କୁ ମୁକ୍ତ କରାଇବା ପାଇଁ ଶହୀଦ ରଘୁ-ଦିବାକରଙ୍କ ବଳିଦାନ ଓ ଆତ୍ମୋତ୍ସର୍ଗ ଯୁଗେ ଯୁଗେ ସ୍ମରଣୀୟ ହୋଇ ରହିବ। ଅତ୍ୟାଚାରୀ ଶାସନରୁ ମୁକ୍ତି ତଥା ସ୍ୱାଧୀନତା ଆଶାରେ ରଣପୁରରେ ପ୍ରଜା ଆନ୍ଦୋଳନ ହୋଇଥିଲା। ରଣପୁରବାସୀ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କୁ ଏହି ଆନ୍ଦୋଳନର ପୁରୋଧା ଭାବେ ଗ୍ରହଣ କରିଥିଲେ। ଦୁଇ ଯୁବ ବିଦ୍ରୋହୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ପ୍ରଜାମଣ୍ଡଳ ଆନ୍ଦୋଳନ ତୀବ୍ର ରୂପ ନେଇଥିଲା । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ଶହୀଦ ରଘୁ-ଦିବାକରଙ୍କୁ ରଣପୁର ଅଞ୍ଚଳର ଗର୍ବ ଓ ଗୌରବ ବୋଲି ଅଭିହିତ କରିଥିଲେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଶହୀଦ ରଘୁ-ଦିବାକରଙ୍କ ଆନ୍ଦୋଳନ ଯୋଗୁଁ ଅବହେଳିତ ଜନସାଧାରଣଙ୍କ ମନୋବଳ ତଥା ସଂଗ୍ରାମ ପାଇଁ ଉତ୍ସାହ ବୃଦ୍ଧି ପାଇଥିଲା ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂ ଶହୀଦଙ୍କ ସାହସ ତଥା ଅନ୍ୟାୟ, ଅତ୍ୟାଚାର ବିରୋଧରେ ପ୍ରବଳ ଜନମତ ସୃଷ୍ଟି କରିବାର ଦକ୍ଷତା ଉପରେ ଆଲୋକପାତ କରିଥିଲେ। ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସେ ଦୁହିଁଙ୍କୁ ସାମାଜିକ ପରିବର୍ତ୍ତନର ଅଗ୍ରଦୂତ ବୋଲି ପ୍ରକାଶ କରିଥିଲେ। ସୂଚନା ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଶହୀଦ ରଘୁ-ଦିବାକର ସ୍ମୃତିକମିଟି ସାଧାରଣ ସମ୍ପାଦକ ଗୌରାଙ୍ଗ ନାୟକ ଧନ୍ୟବାଦ ଦେଇଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗାୟତ୍ରୀ



@ ଚନ୍ଦନ



@ ଶ୍ରାବଣୀ



@ ଶ୍ରୀମା



@ ପ୍ରିୟତମା



@ ଗୌତମ



ପୁରୀ ଜିଲାର ପିପିଲି ବଜାର ମେଳଣ ପଡିଆରେ ଆୟୋଜିତ ତ୍ରୟୋଦଶ ଜାଗୃତି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ




ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱର ସୂଚନା ଭବନରେ ସୋମବାର ଅନୁଷ୍ଠିତ ରଘୁ-ଦିବାକରଙ୍କ ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ ଅବସରରେ ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ।




ଖବରକାଗଜ ଚିର ସନ୍ଧାନ ପକ୍ଷରୁ ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ସୋମବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

## ଟୁଇଟରରେ ମସ୍କଙ୍କର ୯.୨% ଅଂଶଧନ ରହିଛି

**ନୂଆଦିଲ୍ଲୀ:** ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସ୍‌ଲା ସିଇଓ ଏଲନ ମସ୍କ ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରର ୯.୨% ଅଂଶଧନ କ୍ରୟ କରିଛନ୍ତି। ଟୁଇଟର ପକ୍ଷରୁ ଆମେରିକା ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, ମସ୍କ ଟୁଇଟରର ୭୩,୪୮୬,୯୩୮ ସଂଖ୍ୟକ ଶେୟାର କ୍ରୟ କରିଛନ୍ତି। ତେବେ ମସ୍କ ନିଜର ଏକ ଟ୍ରଷ୍ଟ ଜରିଆରେ ଟୁଇଟରର ପ୍ୟାସିଭ୍ ଷ୍ଟକ୍ (ପ୍ରତ୍ୟକ୍ଷ ଭାବରେ କମ୍ପାନୀ ନ ଚଳାଇବା ଏବଂ ଦୀର୍ଘ ଅବଧି ପାଇଁ ନିବେଶ କରିବା) କ୍ରୟ କରିଛନ୍ତି। ଏହି ଖବର ପରେ ଟୁଇଟର ଶେୟାରରେ ୨୮% ପର୍ଯ୍ୟନ୍ତ ବୃଦ୍ଧି ଦେଖିବାକୁ ମିଳିଥିଲା।

**ସଂକ୍ଷେପରେ**

## ଆର୍‌କେ ସିଂ ଇଣ୍ଡିଗୋର ମୁଖ୍ୟ ପରାମର୍ଶଦାତା

**ନୂଆଦିଲ୍ଲୀ, ୪।୪:** ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ପୂର୍ବତନ ଯୁଗ୍ମ ସଚିବ ଆର୍ କେ ସିଂଙ୍କୁ ଇଣ୍ଡିଗୋର ମୁଖ୍ୟ ପରାମର୍ଶଦାତା ଦାୟିତ୍ୱ ଦିଆଯାଇଛି। ଏ ସମ୍ପର୍କରେ ଇଣ୍ଡିଗୋର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ସୋମବାର ସୂଚନା ଦେଇଛନ୍ତି। ଆର୍‌କେ ୧୯୮୫-୨୦୦୯ ପର୍ଯ୍ୟନ୍ତ ଜଣେ ଆଇଏଏସ୍ ଅଧିକାରୀ ଭାବରେ କାର୍ଯ୍ୟ କରିଥିବା ବେଳେ ପରବର୍ତ୍ତୀ ସମୟରେ ସେ ବିମାନ ଚଳାଚଳ ଆଇନ୍ ବିଶେଷଜ୍ଞ ଭାବରେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ସେ ଏକ ପାଇଲଟ୍ ପ୍ରଶିକ୍ଷଣ ସଂଗଠନ ସିଏଇ ସିମୁଲେସନ ଟ୍ରେନିଂ ପ୍ରାଇଭେଟ୍ ଲିମିଟେଡ୍ ବୋର୍ଡରେ କାର୍ଯ୍ୟରତ। ସୂଚନାଯୋଗ୍ୟ, ସେ ଅଷ୍ଟ୍ରେଲିଆର ସାଉଥ୍ କ୍ରସ୍ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଏବଂ ନେଦରଲ୍ୟାଣ୍ଡର ଲେଡେନ୍ ବିଶ୍ୱବିଦ୍ୟାଳୟରୁ ଏଭିଏସନ୍ ଆଇନ୍‌ରେ ଏଲ୍.ଏଲ୍.ଏମ୍ ଡିଗ୍ରୀ ହାସଲ କରିଛନ୍ତି।

## ଗ୍ରୀନ୍ ହାଇଡ୍ରୋଜେନ୍ ପାଇଁ ହାତ ମିଳାଇଲେ ୩ କମ୍ପାନୀ

**ନୂଆଦିଲ୍ଲୀ, ୪।୪:** ଦେଶର ସର୍ବବୃହତ ପେଟ୍ରୋଲିୟମ୍ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ(ଆଇଓସି), ଇଞ୍ଜିନିୟରିଂ ଏବଂ ନିର୍ମାଣ କ୍ଷେତ୍ରର ପ୍ରମୁଖ କମ୍ପାନୀ ଲାର୍ସନ୍ ଆଣ୍ଡ୍ ଟୁବ୍ରୋ (ଏଲ୍ ଆଣ୍ଡ୍ ଟି) ଏବଂ ନବୀକରଣ ଶକ୍ତି କମ୍ପାନୀ ରିନ୍ୟୁ ପାୱାର ପକ୍ଷରୁ ଗ୍ରୀନ୍ ହାଇଡ୍ରୋଜେନ୍ ବିକଶିତ ପାଇଁ ହାତ ମିଳାଇଛନ୍ତି। ଏହି ୩ କମ୍ପାନୀ ହାଇଡ୍ରୋଜେନ୍ ଉତ୍ପାଦନ ପାଇଁ ବ୍ୟବହାର ହେବାକୁ ଥିବା ବିଦ୍ୟୁତ୍ ଉପଘଟକର ବିନିର୍ମାଣ ଏବଂ ବିକ୍ରି ପାଇଁ ଏକ ଜଏଣ୍ଟ ଭେଞ୍ଚର ପ୍ରସ୍ତୁତ କରିଛନ୍ତି। ଏହି ଜଏଣ୍ଟ ଭେଞ୍ଚର ଜିରୋ କାର୍ବନ ଉତ୍ସର୍ଜକ ହାଇଡ୍ରୋଜେନ୍ ତିଆରି କରିବେ। ଏହି ହାଇଡ୍ରୋଜେନ୍‌ର ଉପଯୋଗ ରିଫାଇନାରିଗୁଡ଼ିକଠାରୁ ଆରମ୍ଭ କରି ଅଟୋମୋବାଇଲ୍ ସେକ୍ଟରରେ ମଧ କରାଯିବ।

# ବ୍ୟାଙ୍କ୍ ସହ ମିଶିବ ଏଚ୍‌ଡିଏଫ୍‌ସି ଲିମିଟେଡ୍

ନୂଆଦିଲ୍ଲୀ,୪।୪

ଦେଶର ପ୍ରମୁଖ ଘରୋଇ ଋଣ ପ୍ରଦାନକାରୀ ସଂସ୍ଥା ଏଚଡିଏଫସି ବ୍ୟାଙ୍କ୍ ସହ ଗୃହ ଋଣ ଯୋଗାଉଥିବା ଏଚଡିଏଫସି ଲିମିଟେଡ୍‌ର ମିଶ୍ରଣ ହେବ ବୋଲି ସୋମବାର ଉଭୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଏଥିପାଇଁ ହୋଇଥିବା ରାଜିନାମାର ଅଂଶବିଶେଷ ଭାବେ ୨୫ଟି ଶେୟାର୍ ରଖିଥିବା ଏଚଡିଏଫସି ଲିମିଟେଡ୍‌ର ଶେୟାର ହୋଲଡରମାନେ ୪୨ଟି ବ୍ୟାଙ୍କ୍ ଶେୟାର୍ ପାଇବେ। ସମ୍ପ୍ରତି ଏଚଡିଏଫସି ଲିମିଟେଡ୍‌ର ଶେୟାର୍ ରଖିଥିବା ଶେୟାରଧାରୀମାନେ ଏଚଡିଏଫସି ବ୍ୟାଙ୍କର ଶେୟାରରେ ୪୧% ପାଇବେ। ଏହାଛଡ଼ା ଏଚଡିଏଫସି ଲିମିଟେଡ୍‌ର ସମସ୍ତ ଶେୟାର୍ ଏଚଡିଏଫସି ବ୍ୟାଙ୍କ ସହ ବିଲୁପ୍ତ କରାଯାଇ ଏହାକୁ ଏକ




ପୂର୍ଣ୍ଣାଙ୍ଗ ପବ୍ଲିକ୍ କମ୍ପାନୀ କରିଦିଆଯିବ ବୋଲି ଯୋଜନା କରାଯାଉଛି। ବର୍ତ୍ତମାନ ଏଚଡିଏଫସି ଲିମିଟେଡ୍‌ର ସମସ୍ତ ଶାଖା ଓ ସହଯୋଗୀ କମ୍ପାନିଗୁଡ଼ିକ ମଧ ଏଚଡିଏଫସି ବ୍ୟାଙ୍କ୍ ସହ ମିଶ୍ରଣ କରିବ ବୋଲି ଉଭୟ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘୋଷଣାନାମା ପରେ 'ଏଚଡିଏଫସି ବ୍ୟାଙ୍କ୍‌ର ଶେୟାର୍ ପ୍ରାୟ ୧୦% ବଢିଯାଇଥିବା ବେଳେ 'ଏଚଡିଏଫସି ଲିମିଟେଡର ଶେୟାର୍ ୧୩% ହ୍ରାସ ପାଇଛି ବୋଲି ଜଣାପଡିଛି। ଗତ ଶୁକ୍ରବାର ଶେଷ ହୋଇଥିବା ଶେୟାର ବଜାର କାରବାର ଅନୁସାରେ ଏଚଡିଏଫସି ବ୍ୟାଙ୍କ୍‌ର ବଜାର ମୂଲ୍ୟ ୮.୩୪ ଟ୍ରିଲିୟନ୍ ଟଙ୍କା ଥିବା ବେଳେ 'ଏଚଡିଏଫସି ଲିମିଟେଡ୍'ର ବଜାର ମୂଲ୍ୟ ୪.୪୪ ଟ୍ରିଲିୟନ୍ ଟଙ୍କା ଥିଲା। ସୂଚନାଯୋଗ୍ୟ ଯେ ୨୦୨୦ ନଭେମ୍ବରରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ସୁପାରିସକ୍ରମେ ଏହି ମିଶ୍ରଣ କରାଯାଇଛି।

ସେହିଭଳି ଉଭୟଙ୍କ ମିଶ୍ରଣ ଫଳରେ ୧୨.୮ ଲକ୍ଷ କୋଟି ଟଙ୍କାର ମାର୍କେଟ୍ ମୂଲ୍ୟ ଥିବା ଏକ କମ୍ପାନୀ ଆରମ୍ଭ ହେବ। ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ମିଶ୍ରଣ ଉଭୟ କମ୍ପାନୀ,ସେମାନଙ୍କ ହିତାଧିକାରୀ, ଗ୍ରାହକ ଏବଂ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ଏହି ମିଶ୍ରଣ ପରେ ଟିସିଏସ୍‌କୁ ପଛରେ ପକାଇ ମାର୍କେଟ୍ କ୍ୟାପ୍ କ୍ଷେତ୍ରରେ ରିଲାୟନ୍ସ ପରେ ଦ୍ୱିତୀୟ ସ୍ଥାନ ହାତେଇଛି ଏହି ମିଶ୍ରିତ କମ୍ପାନୀ।

## ପ୍ରୋଭୋଷ୍ଟ ଭାବେ ଡ. ଗୁରୁସ୍ୱାମୀ ନିଯୁକ୍ତ

ମୁମ୍ବାଇ,୪।୪

ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଗ୍ରୁପର ସହଯୋଗୀ ଅନୁଷ୍ଠାନ ଜିଓ ଇନଷ୍ଟିଚ୍ୟୁଟ୍ ପକ୍ଷରୁ ସୋମବାର ଘୋଷଣା କରାଯାଇଛି ଯେ ଇନଷ୍ଟିଚ୍ୟୁଟ୍‌ର ଶିକ୍ଷାଦାନ ନେତୃତ୍ୱ ମଣ୍ଡଳୀକୁ ସୁଦୃଢ଼ କରିବା ଲାଗି ବରିଷ୍ଠ ଶିକ୍ଷାବିତ ପ୍ରଫେସର ଗୁରୁସ୍ୱାମୀ ରବିଚନ୍ଦ୍ରନଙ୍କୁ ଏହାର ପ୍ରୋଭୋଷ୍ଟ ଭାବେ ନିଯୁକ୍ତ କରାଯାଇଛି। ଚଳିତ ବର୍ଷ ଜୁଲାଇ ପହିଲାରେ ଜିଓ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପ୍ରୋଭୋଷ୍ଟ ଭାବେ ପ୍ରଫେସର ରବିଚନ୍ଦ୍ରନ ଯୋଗଦେବେ। ସେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ କାଲ୍‌ଟେକ୍‌ର ଇଞ୍ଜିନିୟରିଂ ଆଣ୍ଡ୍ ଆପ୍ଲାଏଡ୍ ସାଇନ୍ସ ଡିଭିଜନ୍‌ର ଓଟିସ ବୁଥ୍ ଲିଡର୍‌ଶିପ୍ ଭାବେ କାର୍ଯ୍ୟ କରିଛନ୍ତି। ୨୦୦୯ରୁ ୨୦୧୫ ପର୍ଯ୍ୟନ୍ତ କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍‌ଅଫ୍‌ଟେକ୍ନୋଲୋଜିର ଗ୍ରାଜୁଏଟ ଏରୋସ୍ପେସ୍ ଲାବୋରେଟୋରିଜ୍‌ର ନିର୍ଦ୍ଦେଶକ ଭାବେ ମଧ ସେ କାର୍ଯ୍ୟ



କରିଥିଲେ। ଡ. ରବିଚନ୍ଦ୍ରନ ଆମେରିକାର ବ୍ରାଉନ୍ ବିଶ୍ୱବିଦ୍ୟାଳୟରୁ ଇଞ୍ଜିନିୟରିଂରେ ପିଏଚ୍‌ଡି ଓ ଇଞ୍ଜିନିୟରିଂରେ ଏମ୍‌ଏସ୍ ଏବଂ ରିଜିଓନାଲ ଇଞ୍ଜିନିୟରିଂ କଲେଜ (ଏନ୍‌ଆଇଟି), ତ୍ରିଚିରରୁ ମେକାନିକାଲ୍ ଇଞ୍ଜିନିୟରିଂରେ ବିଇ (ଅନର୍ସ) ଡିଗ୍ରୀ ହାସଲ କରିଛନ୍ତି। ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି ଯେ, ଜିଓ ଇନଷ୍ଟିଚ୍ୟୁଟ ଓ ରିଲାଏନ୍ସ ପରିବାରକୁ ଡକ୍ଟର ରବିଚନ୍ଦ୍ରନଙ୍କୁ ସ୍ୱାଗତ କରିବା ମୋତେ ଅତ୍ୟନ୍ତ ଖୁସି ପ୍ରଦାନ କରିଛି।

# ବିଗ୍ ବାସ୍କେଟର ବଜାର ପ୍ରବେଶ

ଭୁବନେଶ୍ୱର,୪।୪

ଟାଟା ଗ୍ରୁପର ସହଯୋଗୀ ସଂସ୍ଥା ବିଗ୍ ବାସ୍କେଟ ବର୍ତ୍ତମାନ ଓଡିଶା ବଜାରରେ କାରବାର ପାଇଁ ଆନୁଷ୍ଠାନିକ ଭାବେ ପ୍ରବେଶ କରିଛି। କମ୍ପାନୀ ବର୍ତ୍ତମାନ ସମୟରେ ଦେଶର ପ୍ରମୁଖ ଅନଲାଇନ ସୁପରମାର୍କେଟ ଭାବେ ପରିଚିତ। ଏପରିକି ଓଡିଶାର ଭୁବନେଶ୍ୱର ବଜାରରେ ମଧ ଏହାର ଦୈନିକ କାରବାର (ଅର୍ଡର) ରେ ବ୍ୟାପକ ବୃଦ୍ଧି ଘଟୁଛି। ବର୍ତ୍ତମାନ ସହରରେ ଏହାର ଅର୍ଡର ସଂଖ୍ୟା ପ୍ରତି ମାସରେ ପ୍ରାୟ ୧୮,୦୦୦ ଥିବାବେଳେ ରାଜସ୍ୱ ପରିମାଣ ପ୍ରାୟ ୧.୬୩ କୋଟି ଟଙ୍କା ରହିଛି। କମ୍ପାନୀ ଆଗାମୀ ୬ ମାସ ମଧରେ ନିଜର ଉପସ୍ଥିତିକୁ ଓଡିଶା ବଜାରରେ ସୁଦୃଢ କରିବା ସହ ମାସିକ ୫ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଭୁବନେଶ୍ୱର ବ୍ୟତୀତ କମ୍ପାନୀ ପୁରୀ, କଟକ ଏବଂ ଯାଜପୁର-କଳିଙ୍ଗନଗର ଭଳି ପ୍ରମୁଖ ସହରର ଲୋକଙ୍କୁ ଖାଦ୍ୟସାମଗ୍ରୀ




- ଆଗାମୀ ୬ ମାସରେ ଉପସ୍ଥିତିକୁ ସୁଦୃଢ଼ କରିବ କମ୍ପାନୀ
- ପ୍ରତି ମାସରେ ୫ କୋଟି ରାଜସ୍ୱ ସଂଗ୍ରହ ଲକ୍ଷ୍ୟ

ଯୋଗାଇବା ଆରମ୍ଭ କରିବ।

ଏ ସମ୍ପର୍କରେ ବିଗବାସ୍କେଟର ସହ-ପ୍ରତିଷ୍ଠାତା ତଥା ସିଇଓ ହରି ମେନନ କହିଛନ୍ତି, ଭୁବନେଶ୍ୱରବାସୀଙ୍କଠାରୁ ଆମକୁ ଏକ ଉତ୍ସାହଜନକ ପ୍ରତିକ୍ରିୟା ମିଳିଛି। ଆମେ ଏବେ ସହରରେ ଆମର ୩୦ ମିନିଟର ବିତରଣ ସେବା ଶୀଘ୍ର ଆରମ୍ଭ କରିବାକୁ ଯାଉଛୁ। ଆମେ କ୍ରମାଗତ ଭାବେ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରକୁ ଆମର କାରବାର ବିସ୍ତାର କରୁଛୁ। ଯେଉଁଠାରେ ଆମର ଅର୍ଡର ପରିମାଣ ମାତ୍ର ତିନି ମାସ ମଧରେ ୧୪ ଗୁଣା ବୃଦ୍ଧି ପାଇଛି। ସେହିଭଳି ଟାଟା ଷ୍ଟିଲର ଗ୍ରୁପ ନିର୍ଦ୍ଦେଶକ ଚାଣକ୍ୟ ଚୌଧୁରୀ କହିଥିଲେ, ଏକ ବଡ ଗ୍ରାହକ ଡିଜିଟାଲ ଇକୋସିଷ୍ଟମ ସୃଷ୍ଟି କରିବାର ଦୃଷ୍ଟିକୋଣ ସହିତ ବିଗବାସ୍କେଟର ଗ୍ରାହକ ସେବା ଆଭିମୁଖ୍ୟ ଜାରି ରହିଛି।

## ୧୩୦୦ ଅଙ୍କ ଟପିଲା ସେନ୍‌ସେକ୍ସ

ମୁମ୍ବାଇ, ୪।୪

ସପ୍ତାହର ପ୍ରଥମ କାରବାର ଦିନରେ ଅର୍ଥାତ୍ ସୋମବାର ଶେୟାର ବଜାରରେ ଆଖିଦୃଶିଆ ବୃଦ୍ଧି ଦେଖିବାକୁ ମିଳିଛି। ଦିନର କାରବାର ଶେଷ ସୁଦ୍ଧା ସେନ୍‌ସେକ୍ସରେ ୧୩୩୫.୦୫ (୨.୨୫%) ଅଙ୍କ ବୃଦ୍ଧି ହୋଇ ୬୦,୬୧୧.୭୪ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। ସେହିପରି ନିଫ୍ଟିରେ ୩୮୨.୯୫ (୨.୧୭%) ବୃଦ୍ଧି ହୋଇ ୧୮,୦୫୩.୪୦ ରେ ବନ୍ଦ ରହିଛି। ଦିନର କାରବାରରେ ସେନ୍‌ସେକ୍ସ ସର୍ବାଧିକ ୧୪୦୦ ଅଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲା। ସବୁଜ ସଙ୍କେତରୁ ଦିନର କାରବାର ଆରମ୍ଭ ହୋଇଥିବା ବେଳେ ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ମିଶ୍ରଣ ଖବର ପରେ ବଜାରରେ ଅଧିକ ମାତ୍ରାରେ ବୃଦ୍ଧି ଘଟିଥିଲା। ଏଚ୍‌ଡିଏଫ୍‌ସି ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ଶେୟାରରେ ୧୦% ବୃଦ୍ଧି ଦେଖିବାକୁ ମିଳିଥିଲା।

## ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର,୪।୪

ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍-ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ସୁନ୍ଦରଗଡ ଜିଲାର କଲମଙ୍ଗ ଗ୍ରାମବାସୀଙ୍କ ନିମନ୍ତେ ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ରକୁ କୋଇଡା ବ୍ଲକ ବିଡିଓ ପଲ୍ଲବୀ ରାଜ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ କୋଇଡା ବ୍ଲକ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ କୁମାର, ଏଏମ୍-ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଏଏମ୍-ଏନ୍‌ଏସ୍ ଇଣ୍ଡିଆର ଟେକ୍ନିକାଲ ସର୍ଭିସେସ୍‌ର ମୁଖ୍ୟ ସତୀଶ ମହାନ୍ତି, କମ୍ପାନୀର ସାଗାସାହି ଖଣିର ମ୍ୟାନେଜର ଏଲ୍.ଡି. ବାବୁ ଏବଂ ସ୍ଥାନୀୟ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ମାଲଦା ପଞ୍ଚାୟତ ଅନ୍ତର୍ଗତ ସାଗାସାହି, ଘୋରାଭୁରାନୀ, କଲମଙ୍ଗ ଗ୍ରାମରେ ବସବାସ କରୁଥିବା ୫୦୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ଏହି କେନ୍ଦ୍ର ଜରିଆରେ ଆବଶ୍ୟକ ସ୍ୱାସ୍ଥ୍ୟସେବାର ସୁବିଧା ପ୍ରଦାନ କରାଯିବ। ଉକ୍ତ କେନ୍ଦ୍ରରେ ଜଣେ ଡାକ୍ତର, ଫାର୍ମାସିଷ୍ଟ ଏବଂ ଷ୍ଟାଫନର୍ସ ଆଦି ରହିବେ। ଏଠାରେ ରୋଗୀଙ୍କୁ ପରାମର୍ଶ ଦେବା ବ୍ୟତୀତ ଔଷଧ ମଧ ପ୍ରଦାନ କରାଯିବ। ଏହି କେନ୍ଦ୍ରରେ ଏକ ଆଡଭାନ୍ସ ଲାଇଫ ସପୋର୍ଟ ଆମ୍ବୁଲାନ୍ସ ମଧ ରହିବ। ଏହାଫଳରେ ଗୁରୁତର ରୋଗୀମାନେ ଜରୁରିକାଳୀନ ପରିସ୍ଥିତିରେ ନିକଟବର୍ତ୍ତୀ ମୁଖ୍ୟ ଚିକିତ୍ସାଳୟକୁ ଯାଇପାରିବେ। ଏହି ଅବସରରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର୍ ମୁଖ୍ୟ ଯାଦଭେନ୍ଦୁ କହିଥିଲେ, ଆମେ ନିଜର କାର୍ଯ୍ୟକ୍ଷେତ୍ର ଏବଂ ଆଖପାଖ ଅଂଚଳରେ ସମସ୍ତ ବିକାଶମୁଖୀ କାର୍ଯ୍ୟକ୍ରମ ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି କ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ର ଆମର ଆଉ ଏକ ପଦକ୍ଷେପ। ଏହି କେନ୍ଦ୍ରକୁ ସ୍ଥାନୀୟ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

**ଫୁର୍‌ସତ୍**

# ଦେଶର ଆର୍ଥିକ ବିକାଶରେ ନୌବାଣିଜ୍ୟ

**ଜାତୀୟ ନୌବାଣିଜ୍ୟ ଦିବସ**

ମାନବ ସଭ୍ୟତାରେ ନୌବାଣିଜ୍ୟ କାହିଁ କେଉଁକାଳରୁ ଜାରି ରହିଛି। ଏହାଦ୍ୱାରା ଦେଶର ଆର୍ଥିକ ବିକାଶ ସମ୍ଭବ ହୋଇଥାଏ। ପ୍ରାଚୀନ ଯୁଗରେ ଭାରତର ଚୋଳ, ଚେର୍‌ୟ, ପାଣ୍ଡ୍ୟ ଆଦି ଉପକୂଳବର୍ତ୍ତୀ ରାଜ୍ୟ ନୌବାଣିଜ୍ୟକୁ ପ୍ରାଧାନ୍ୟ ଦେଉଥିଲେ। ଫଳରେ ସେସବୁ ରାଜ୍ୟ ସମୃଦ୍ଧିର ଶିଖରରେ ପହଞ୍ଚି ପାରିଥିଲେ। ପ୍ରତିବର୍ଷ ଭାରତରେ ଜାତୀୟ ନୌବାଣିଜ୍ୟ ଦିବସ ୫ ଏପ୍ରିଲରେ ପାଳନ କରାଯାଇଥାଏ। ନୌବାଣିଜ୍ୟ ଅବସରରେ ସମୁଦ୍ରରେ ବହୁ ମାସ ବିତାଉଥିବା ଲୋକମାନଙ୍କୁ କୃତଜ୍ଞତା ଜଣାଇବା ଏବଂ ଦେଶର ଆର୍ଥିକ ବିକାଶରେ ସେମାନଙ୍କ ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିନ ପାଳିତ ହୋଇଥାଏ। ୧୯୬୪ ଏପ୍ରିଲ ୫ଠାରୁ ଏହି ଦିବସ ପାଳିତ ହୋଇଆସୁଛି।

୧୯୧୯ ଏପ୍ରିଲ୍ ୫ରେ ପ୍ରଥମ ଭାରତୀୟ ବ୍ୟବସାୟିକ ଜାହାଜ ଏସ୍.ଏସ୍. ଲୟାଲିଟି ମୁମ୍ବାଇରୁ ଲଣ୍ଡନ ଅଭିମୁଖେ



ଯାତ୍ରା କରିଥିଲା। ସିନ୍ଧିଆ ଷ୍ଟିମ୍ ନାଭିଗେଶନ କମ୍ପାନୀ ଲିମିଟେଡ୍ ଏହାର ମାଲିକ ଥିଲେ। ଜାତୀୟ ନୌବାଣିଜ୍ୟ ଦିବସ ସମୁଦ୍ର କୂଳର ସେବାକୁ ତଥା ଜାତୀୟ ସାମୁଦ୍ରିକ ଶିଳ୍ପର ପ୍ରୋତ୍ସାହନ ତଥା ବିକାଶ ସହିତ ଜଡ଼ିତ ବ୍ୟକ୍ତି ତଥା ସଂଗଠନର ସେବାକୁ ସ୍ୱୀକୃତି ପ୍ରଦାନ କରିଥାଏ। ଏହି ଅବସରରେ ସେମାନଙ୍କୁ ପୁରସ୍କାର, ବୃତ୍ତି ଏବଂ ସୁବିଧା ପ୍ରଦାନ କରାଯାଇଥାଏ। ବିଶ୍ୱସ୍ତରରେ ଜାହାଜ ନିର୍ମାଣରେ ଭାରତ ଏକବିଂଶ ସ୍ଥାନରେ ରହିଛି। ବିଶ୍ୱ ନୌବାଣିଜ୍ୟ କ୍ଷେତ୍ରରେ ତାଲିମ୍‌ପ୍ରାପ୍ତ ମାନବ ଶକ୍ତି ଯୋଗାଣକୁ ନେଇ ଭାରତ ୫ମ ସ୍ଥାନରେ ରହିଛି। ଭାରତରେ ୧୨ଟି ପ୍ରମୁଖ ବନ୍ଦର ଅଛି। ସେହିପରି ୨୦୦ରୁ ଅଧିକ ସାଧାରଣ ବନ୍ଦର ରହିଛି। ନୌବାଣିଜ୍ୟ କ୍ଷେତ୍ରରେ ଭାରତର ବାଣିଜ୍ୟରେ ୬୫ ପ୍ରତିଶତ ଯୋଗଦାନ ରହିଛି। ଦେଶର ବାଣିଜ୍ୟ କାରବାରର ୯୫ ପ୍ରତିଶତ ସାମୁଦ୍ରିକ କ୍ଷେତ୍ର ମାଧମରେ କରାଯାଇଥାଏ। ଭାରତର ବନ୍ଦରଗୁଡ଼ିକରେ ପରିଚାଳିତ ସମୁଦାୟ କାର୍ଗୋ ମଧରୁ ୫୪ ପ୍ରତିଶତ ମାଲ୍ ପରିବହନ ୧୨ଟି ପ୍ରମୁଖ ବନ୍ଦର ଦ୍ୱାରା ପରିଚାଳିତ ହୋଇଥାଏ। ୪୦ଟି ବିଶ୍ୱସ୍ତରୀୟ କଣ୍ଟେନର ବନ୍ଦର ତାଲିକାରେ ଜବାହରଲାଲ ନେହେରୁ ପୋର୍ଟ ଟ୍ରଷ୍ଟ ୩୩ତମ ସ୍ଥାନରେ ଏବଂ ମୁନ୍ଦ୍ରା ୩୭ତମ ସ୍ଥାନରେ ରହିଛି। ଗତ କିଛିବର୍ଷ ମଧରେ ଭାରତ ଆଭ୍ୟନ୍ତରୀଣ ଜଳ ପରିବହନରେ ଅଭିବୃଦ୍ଧି ହେବାରେ ଲାଗିଛି। ଭାରତରେ ୫,୦୦୦ କିଲୋମିଟରରୁ ଅଧିକ ଆଭ୍ୟନ୍ତରୀଣ ଜଳପଥ ବିକଶିତ ହୋଇ ପାରିଛି। ବିଶ୍ୱସ୍ତରରେ ଜାହାଜ ରିସାଇକ୍ଲିଂ କ୍ଷେତ୍ରରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି।

## ଅନନ୍ୟାଙ୍କ ବ୍ରେକଅପ୍

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଇଶାନ ଖଟ୍ଟରଙ୍କ ବ୍ରେକ୍‌ଅପ୍ ହୋଇଛି। ଦୁହେଁ ୩ ବର୍ଷ ହେଲା ରିଲେଶନଶିପ୍‌ରେ ରହିଥିବାବେଳେ ଏବେ ସେମାନଙ୍କ ସମ୍ପର୍କରେ ଫାଟ ଦେଖିବାକୁ ମିଳିଛି। କିଛି ଦିନ ହେବ ଉଭୟେ ଏକାଠି ନଜର ଆସୁଥିଲେ। କିନ୍ତୁ ବର୍ତ୍ତମାନ ଦୁହିଁଙ୍କ ରାସ୍ତା ଅଲଗା ହୋଇଯାଇଛି। ପିଙ୍କ୍‌ଭିଲ୍ଲାର ରିପୋର୍ଟ ମୁତାବକ, ଶୁଟିଂ ସମୟରେ ଉଭୟେ ପରସ୍ପରକୁ ଜାଣିବାକୁ ପାଇଥିଲେ। ସେଠାରୁ ହିଁ ସେମାନଙ୍କ ଭଲ ପାଇବା ଆରମ୍ଭ ହୋଇଥିଲା। ଦୁହେଁ ବହୁତ କମ୍ ସମୟରେ ବଲିଉଡ୍‌ରେ ଅନେକ ନାଁ କମାଇଛନ୍ତି। ହେଲେ ଇଶାନ ଏବଂ ଅନନ୍ୟାଙ୍କ ମଧରେ କେତେକ ଚିନ୍ତାଧାରା ମେଳ ଖାଉ ନ ଥିବାରୁ ସେମାନେ ଅଲଗା ଥିବାରୁ ସେମାନେ ଅଲଗା ହେବାର ନିଷ୍ପତ୍ତି ନେଇଥିବା ଜଣାପଡିଛି। ଦୁହେଁ ୨୦୨୦ରେ ଫିଲ୍ମ 'ଖାଲି ପିଲି'ରେ ଏକାଠି ପରଦାରେ ନଜରକୁ ଆସିଥିଲେ। ଅନନ୍ୟାଙ୍କୁ ନିକଟରେ ସିନେମା ଲାଇଗର, ଗେହେରାଇୟାଁରେ ଦେଖିବାକୁ ମିଳିଥିଲା।



## ୧୭ରେ ବିବାହ କରିପାରନ୍ତି ରଣବୀର-ଆଲିଆ

**ମୁମ୍ବାଇ:** ବଲିଉଡ୍‌ର ରୋମାଣ୍ଟିକ ଯୋଡ଼ି ରଣବୀର କପୁର ଏବଂ ଆଲିଆ ଭଟ୍ଟଙ୍କ ଘରେ ଶୀଘ୍ର ହିଁ ସାହାନାଇ ବାଜିବ। କିଛିଦିନ ହେବ ରଣବୀର- ଆଲିଆଙ୍କ ବିବାହ ୨୦୨୨ ଏପ୍ରିଲରେ ହେବା ନେଇ ଚର୍ଚ୍ଚା ଲାଗିରହିଥିଲା। ତେବେ ତାରିଖ ମଧ ପକ୍କା ହୋଇସାରିଛି। ଇ-ଟାଇମ ରିପୋର୍ଟ ଅନୁସାରେ ଏପ୍ରିଲ ୧୭ତାରିଖରେ ରଣବୀର ଆଲିଆଙ୍କୁ ବିବାହ କରିପାରନ୍ତି। ହେଲେ ଆଲିଆଙ୍କ ଅଜା ଏନ୍ ରାଜଦନ୍‌ଙ୍କ ଦେହ ଖରାପ ଥିବାରୁ ବିବାହ ତାରିଖ ଗୋଟିଏ ଦିନ ଏପଟ ସେପଟ କରିବାକୁ ପଡ଼ିପାରେ। ମୁମ୍ବାଇ ଚେମ୍ବୁରର ଆର୍‌କେ ହାଉସ୍‌ରେ ଦୁହିଁଙ୍କ ହାତଗଣ୍ଠି ପଡ଼ିବ, ଯେଉଁଠି ରଣବୀରଙ୍କ ବାପା-ମା' ଋଷି କପୁର ଏବଂ ନୀତୁ କପୁରଙ୍କ ବିବାହ ହୋଇଥିଲା। ଖବର ଅନୁସାରେ ବିବାହରେ କେବଳ ନିକଟ ସମ୍ପର୍କୀୟଙ୍କୁ ମିଶାଇ ୪୫୦ ଜଣଙ୍କୁ ନିମନ୍ତ୍ରଣ ରହିଛି। ଆଲିଆ କହିଛନ୍ତି, ଏହା ଏକ ଛୋଟ ସେଲିବ୍ରେଶନ୍, ଯେଉଁଥିରେ କେବଳ ପରିବାର ଲୋକ ହିଁ ସାମିଲ ହେବେ। ଅଜାଙ୍କ ଇଚ୍ଛା ପୂରଣ ପାଇଁ ବିବାହ କରୁଥିବା ସେ କହିଛନ୍ତି।



## ଭଉଣୀଙ୍କୁ କୋଳରେ ଧରି ସ୍କୁଲରେ ପାଠପଢ଼ା

ଇମ୍ଫାଲ

ସ୍କୁଲ ଯିବା ସମୟରେ ସାଙ୍ଗରେ ଥାଏ ତାଙ୍କ ୨ ବର୍ଷର କୁନି ଭଉଣୀ। ବୟସ ୧୦ ବର୍ଷ ହେଲେ ମଧ ସାନ ଭଉଣୀଙ୍କୁ ଏକୁଟିଆ ଛାଡନ୍ତି ନାହିଁ ସେ। ୪ର୍ଥ ଶ୍ରେଣୀରେ ପଢୁଥିବା ତାମେଲଙ୍ଗଲୋଙ୍ଗ୍ ଜିଲାର ମେଇନିଂସିନଲ୍ୟୁ ଡଲୋଙ୍ଗ୍ ପ୍ରାଇମେରୀ ସ୍କୁଲ ଗଲାବେଳେ ପ୍ରତିଦିନ ସାଙ୍ଗରେ ଛୋଟ ଭଉଣୀଙ୍କୁ ଧରି ଯାଇଥାନ୍ତି। ସ୍କୁଲରେ କୋଳରେ ଧରି ପାଠ ପଢ଼ନ୍ତି ସେ। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଣିପୁରର ମନ୍ତ୍ରୀ ବିଶ୍ୱଜିତ ସିଂ ଏହି ଫଟୋକୁ ଶେୟାର କରିବା ସହ ଛାତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଏଥିସହ ସେ ସେମାନଙ୍କୁ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମେଇନିଂସିନଲ୍ୟୁଙ୍କ ବାପା ମା' ଚାଷ କରିବା ପାଇଁ ବାହାରକୁ ଚାଲି ଯାଆନ୍ତି। ସାନ ଭଉଣୀର ଦେଖାରଖା କରିବା ପାଇଁ ସେ ତାକୁ ନିଜ ସହିତ ସ୍କୁଲ ନେଇ ଯାଇଥାନ୍ତି। ଘଟଣା ସାମ୍ନାକୁ ଆସିବା ପରେ ମନ୍ତ୍ରୀ ସିଂ ମେଇନିଂସିନଲ୍ୟୁଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଛନ୍ତି। ଝିଅଟିର ସ୍ନାତକ ପର୍ଯ୍ୟନ୍ତ ସମସ୍ତ ପାଠପଢା ଖର୍ଚ୍ଚ ସେ ବୁଝିବେ ବୋଲି ମଧ ପ୍ରତିଶ୍ରୁତି ଦେଇଛନ୍ତି।



## କନଷ୍ଟେବଲଙ୍କ ସାହସିକତା

**ଜୟପୁର:** ରାଜସ୍ଥାନରେ ଦଙ୍ଗା ମଧରେ ଭୟଙ୍କର ନିଆଁରୁ କନଷ୍ଟେବଲ ଜଣେ ଛୋଟ ପିଲାକୁ ଉଦ୍ଧାର କରିଛନ୍ତି। ଏହି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ସହ କନଷ୍ଟେବଲଙ୍କୁ ଅନେକ ପ୍ରଶଂସା ମିଳିଛି। ସୂଚନା ମୁତାବକ, ରାଜସ୍ଥାନର କରାଉଲିରେ ହୋଇଥିବା ଦଙ୍ଗାରେ ଏକ ବିଲ୍ଡିଂରେ ନିଆଁ ଲାଗିଯାଇଥିଲା। ସେହି ବିଲ୍ଡିଂ ଭିତରେ ଜଣେ ଶିଶୁ ନିଆଁରେ ଫସି ଯାଇଥିଲେ। ସେଠାର ଜଣେ କନେଷ୍ଟବଲ ଛୋଟ ପିଲାର ଜୀବନ ବଞ୍ଚାଇବା ପାଇଁ ବିଲ୍ଡିଂରେ ଲାଗିଥିବା ନିଆଁ ମଧକୁ ପ୍ରବେଶ କରିଥିଲେ। ସେଠାରୁ ପିଲାଟିକୁ ଉଦ୍ଧାର କରି ଆଣିବା ସମୟରେ କେହି ଏହି ଫଟୋଟିକୁ ଉଠାଇଥିବା ଜଣାପଡିଛି। ତେବେ ଏହି ଫଟୋକୁ ଆଇପିଏସ୍ ଅଫିସର ସୁକୀର୍ତ୍ତି ମାଧବ ମିଶ୍ର ଟୁଇଟ୍ କରି ଶେୟାର କରିଛନ୍ତି। ସେ କ୍ୟାପଶନ୍‌ରେ ଲେଖିଛନ୍ତି, କନଷ୍ଟେବଲ ନେତ୍ରେଶ ଶର୍ମାଙ୍କ ପାଇଁ ଆମେ ଗର୍ବିତ। ଏହି ଦଙ୍ଗାରେ ୪୨ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧରେ ପୋଲିସ ଅଧିକାରୀ ଥିବା ମଧ ସୂଚନା ମିଳିଛି। ଏପ୍ରିଲ ୨ ତାରିଖରେ ହିନ୍ଦୁ ନବବର୍ଷ ଅବସରରେ ଏକ ଧାର୍ମିକ ରାଲି ସମୟରେ କିଛି ସନ୍ଦିଗ୍ଧ ବ୍ୟକ୍ତି ରାଲିରେ ଯାଉଥିବା ଲୋକଙ୍କ ଉପରକୁ ପଥର ଫିଙ୍ଗିଥିଲେ। ଫଳରେ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇଥିଲା। ଆନ୍ଦୋଳନକାରୀମାନେ କିଛି ଦୋକାନ ଗୃହ ଏବଂ କିଛି ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ।



## ଦମ୍ପତିଙ୍କ ଆତ୍ମହତ୍ୟା

**ବାଲେଶ୍ୱର ଅଫିସ:** ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ଝଗଡପାଢ଼ୀ ଗ୍ରାମର ଏକ ଦମ୍ପତି ସୋମବାର ରାତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେମାନଙ୍କ ଚିତ୍କାର ଶୁଣି ପଡୋଶୀ ପହଞ୍ଚିଥିଲେ ମଧ୍ୟ ସେତେବେଳକୁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉକ୍ତ ଦମ୍ପତି ହେଲେ ବିଶେଷ ରଞ୍ଜନ ପତି ଓ ସ୍ତ୍ରୀ ସସ୍ମିତା। ବିଶେଷ ଦ୍ୱିତୀୟ ବିବାହ କରି ସ୍ତ୍ରୀଙ୍କ ଗାଁରେ ରହୁଥିବା ବେଳେ ତାଙ୍କ ପ୍ରଥମ ସ୍ତ୍ରୀ ତାଙ୍କ ବାପଘରେ ରହୁଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ଲାଗିରହିଥିଲା।

# ପୂର୍ଣ୍ଣ ମର୍ଯ୍ୟାଦାର ସହ ପାଳନ ହେବ ରାଜଧାନୀ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୪।୪(ବ୍ୟୁରୋ)

- ବିଧାନସଭା ସୌଧ ସମ୍ମୁଖରେ ହେବ ସାମୂହିକ ପରେଡ୍
- ଉତ୍କଳ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଆସନ୍ତା ୧୩ ତାରିଖରେ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ହେବ। ଏଥିନିମନ୍ତେ ପ୍ରସ୍ତୁତି ଆରମ୍ଭ କରାଯାଇଛି। ରାଜ୍ୟ ଲୋକସେବା ଭବନରେ ସୋମବାର ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଦିବସ ପାଳନର ପ୍ରସ୍ତାବିତ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ପ୍ରତିଷ୍ଠା ଦିବସକୁ ରାଜଧାନୀ ଭୁବନେଶ୍ୱରର ଜନ୍ମ ଉତ୍ସବ ଭାବେ ପୂର୍ଣ୍ଣ ମର୍ଯ୍ୟାଦା ସହ ପାଳନ କରିବାକୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିବସ ପାଳନରେ ସରକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ, ଜନପ୍ରତିନିଧି, ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ସାମିଲ କରି ଏହାକୁ ଏକ ଆକର୍ଷଣୀୟ ଜନଉତ୍ସବରେ ପରିଣତ କରିବା ଲାଗି ଜେନା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଖୋର୍ଦ୍ଧା ଜିଲାପାଳ ଏବଂ ପୋଲିସ୍ କମିଶନରେଟ୍‌କୁ ଉନ୍ନୟନ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ରାଜଧାନୀ ପ୍ରତିଷ୍ଠା ଦିବସ ନିମନ୍ତେ ୧୨ ତାରିଖରେ ମିଳିତ ପରେଡ୍ ଅଭ୍ୟାସ କରାଯିବ। ୧୩ ତାରିଖ ସକାଳ ୮ ଘଟିକାରେ ଓଡ଼ିଶା ବିଧାନସଭା ବାଚସ୍ପତି ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ଏହି ପରେଡ୍ ବିଧାନସଭା ସୌଧ ସମ୍ମୁଖ ରାଜଧାନୀ ପ୍ରତିଷ୍ଠା ଫଳକ ସମ୍ମୁଖ ରାସ୍ତାରେ ରବୀନ୍ଦ୍ର ମଣ୍ଡପଠାରୁ ଜୟଦେବ ଭବନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଧାରଣ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଉତ୍କଳ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ। ଏପ୍ରିଲ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମାଧ୍ୟମରେ ଉଚ୍ଚମାନର ରାଜ୍ୟସ୍ତରୀୟ କଳା ଅନୁଷ୍ଠାନଗୁଡ଼ିକୁ ଏଥିରେ ସାମିଲ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଆସନ୍ତା ବର୍ଷ ରାଜଧାନୀ ପ୍ରତିଷ୍ଠାର ୭୫ ବର୍ଷ ପୂର୍ତ୍ତି ହେଉଥିବାରୁ ଏହାକୁ ଏକ ମହୋତ୍ସବ ଭାବେ ପାଳନ କରିବା ନିମନ୍ତେ ଆଗୁଆ ପ୍ରସ୍ତୁତି କରିବାକୁ ଉନ୍ନୟନ କମିଶନର ବିଏମ୍‌ସିକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ବିଏମ୍‌ସି କମିଶନର ସଞ୍ଜୟ କୁମାର ସିଂ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଖୋର୍ଦ୍ଧା ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ, ରାଜଧାନୀ ପ୍ରତିଷ୍ଠା ଦିବସ କମିଟିର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ସନତ୍ ମିଶ୍ର ଏବଂ ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ଦୁଇଜଣଙ୍କ ମୃତ୍ୟୁ

**କୁଚିଣ୍ଡା,୪।୪(ଡି.ଏନ.ଏ.):** ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ରଙ୍ଗିଆଟିକିରା ପଞ୍ଚାୟତରେ ଦୁଇଟି ପୃଥକ୍ ଘଟଣାରେ ପାଣିରେ ବୁଡ଼ି ୨ଜଣଙ୍କ ମୃତ୍ୟୁ ଘଟିଛି। ପ୍ରଥମ ଘଟଣାରେ ରଙ୍ଗିଆଟିକିରା ଗ୍ରାମର ନମିତା ରାଜ ନାମ୍ନୀ ୮ବର୍ଷର ଝିଅ ରବିବାର ସାଙ୍ଗମାନଙ୍କ ସହ ଗାଁ ପୋଖରୀକୁ ଶାମୁକା ଓ ଗେଣ୍ଡା ଧରିବାକୁ ଯାଇଥିଲେ। ସାଙ୍ଗମାନେ ଫେରିଆସିଥିବାବେଳେ ନମିତା ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ସୋମବାର ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ସହାୟତାରେ ପୋଖରୀରୁ ନମିତାର ମୃତଦେହ ଉଦ୍ଧାର କରିଥିଲା। ଦ୍ୱିତୀୟ ଘଟଣାରେ ରଙ୍ଗିଆଟିକିରା ପଞ୍ଚାୟତ ତୁରିପଡାର ବୁଧବାରୀ ବାଘ (୮୫) ସୋମବାର ସକାଳୁ ମହୁଲଫୁଲ ଗୋଟାଇବାକୁ ବାହାରିଥିଲେ। ବିଲ ମଧ୍ୟଦେଇ ଯିବା ସମୟରେ ଅସାବଧାନତା ବଶତଃ ସେ ମୁକୁଳା ପଡିଥିବା ପରିତ୍ୟକ୍ତ କୂଅରେ ପଡିଯାଇଥିଲେ। କୂଅ ଭିତରୁ ବାହାରି ନ ପାରି ସେ ମୃତ୍ୟୁବରଣ କରିଥିଲେ। ଗାଁର କେତେଜଣ ଲୋକ ସେହିବାଟ ଦେଇ ଯିବାବେଳେ ବୁଧବାରୀ କୂଅ ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଗୋବିନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦମକଳବାହିନୀ ସହାୟତାରେ ବୃଦ୍ଧାଙ୍କ ମୃତଦେହ ଉଦ୍ଧାର କରି ବାମରା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଥାନାରେ ପୃଥକ୍ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ଗୋଷ୍ଠୀ ସଂଘର୍ଷ ଘଟଣା: ୪ ଅଭିଯୁକ୍ତ ଗିରଫ

**ଚାନ୍ଦବାଲି, ୪।୪ (ଡି.ଏନ୍.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଥାନା ଅଧୀନ ଚନ୍ଦିନୀପାଳଠାରେ ଦୁଇ ମତ୍ସ୍ୟଜୀବୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ସିଙ୍ଗିଟି ଗାଁର ରତ୍ନାକର ଦାସ, ପାଇକସାହିର ଗୌତମ ଦାସ, ଟୁକୁନା ଦାସ ଓ ପ୍ରକାଶ ଦାସ। ଏନେଇ ଧାମରା ଥାନାରେ ହତ୍ୟା ମାମଲା (ନଂ.୫୦/୨୨) ରୁଜୁ କରାଯାଇଛି। ପ୍ରକାଶ ଯେ, ଚନ୍ଦିନୀପାଳ ଉଡ଼ାବାଲି ନିକଟରେ ନଦୀରେ ଜାଲ ବେଢ଼ମରାକୁ କେନ୍ଦ୍ରକରି ଗତ ୨୯ ତାରିଖରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗୋଟିଏ ଗୋଷ୍ଠୀର ମତ୍ସ୍ୟଜୀବୀମାନେ ୩୧ ତାରିଖରେ ଚନ୍ଦିନୀପାଳସ୍ଥିତ ସଙ୍ଗଠନ ନିକଟରେ ଫେରାଦ ହୋଇଥିଲେ। ଏହି ସମୟରେ ସଙ୍ଗଠନ କାର୍ଯ୍ୟାଳୟ ଆଗରେ ପ୍ରତିପକ୍ଷର ୧୫ରୁ ୨୦ଜଣ ସଂଘବଦ୍ଧ ଭାବେ ଲୁହା ରଡ୍ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ୬ ମତ୍ସ୍ୟଜୀବୀ ଆହତ ହୋଇଥିଲେ। ସେମାନଙ୍କୁ ପ୍ରଥମେ ଧାମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ଥିବା ଚାନ୍ଦବାଲି ଥାନା ଅଧୀନ ସିଙ୍ଗିଟି ଗାଁର ଜଡ଼ା ଦାସଙ୍କୁ ବାସୁଦେବପୁର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଡ଼ା କାମ କରୁଥିବା ମାଲିକ ପାଇକସାହିର ରମେଶ ଦାସ ଥାନାରେ ଅଭିଯୋଗ କରିଥିଲେ।


1st Birthday Wish



(Prachi)
Saanvi Mahapatra
Jharpara, Bhubaneswar
Well, little princess, your reign over the kingdom of our hearts has reached a full year.
Spcl. Wishes From: Jeje, Bou, Aja, Aai, Apa & Peesa, Mamu & ur loving Brother Swaroop.
ଧ-୦୧୯

ଜନ୍ମଦିନ ଶୁଭେଚ୍ଛା



ଶ୍ରୀ ହରି ନାରାୟଣ ବେବର୍ତ୍ତା
(RLY- Retd.), Office Secretary, All India Central Govt. Pensioners Association, Cuttack
ଆଜି ତୁମର ଜନ୍ମଦିନ, ୭୦ବର୍ଷରେ ପାଦଦେଲେ। ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୁମକୁ ଦୀର୍ଘଜୀବୀ ରଖନ୍ତୁ।
ଶୁଭେଚ୍ଛା ସହ: ଭାରତୀ, ସୁମିତ, ସସ୍ମିତା, ନାନନା, ସତ୍ୟ, ସୋମୁ, T.Suba Rao, ଚୁମକି ପାଣ୍ଡେ, S.K. Behera, D.K. Das, Tapan Kumar Das, R.N. Tripathi (V.P) Members of all India Pensioners Association, Cuttack.
ଧ-୦୩୧


## ବନ୍ଧୁକ ମୁନରେ ୭ ଲକ୍ଷ ଟଙ୍କା, ୯୦୦ ଗ୍ରାମ୍ ସୁନା ଲୁଟ୍

ରାୟଗଡ଼ା ଅଫିସ,୪।୪

ବନ୍ଧୁକ ମୁନରେ ଜଣେ ସୁନା ବ୍ୟବସାୟୀ (ଏଜେଣ୍ଟ)ଙ୍କଠାରୁ ୭ ଲକ୍ଷ ଟଙ୍କା ଏବଂ ୯୦୦ ଗ୍ରାମ୍ ସୁନା ଲୁଟି ନେଇଛନ୍ତି ଲୁଟେରା। ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଟ ନିକଟ କାଞ୍ଚିକାୱାଲସା ଛକ ନିକଟରେ ଏଭଳି ଘଟଣା ଘଟିଛି। ଲୁଟର ଶିକାର ହୋଇଥିବା ସୁନା ବ୍ୟବସାୟୀ ହେଲେ ଆନ୍ଧ୍ରପ୍ରଦେଶର ବାଲାଜି ରାଓ।

ସୂଚନା ଅନୁଯାୟୀ, ବାଲାଜି ଏବଂ ତାଙ୍କ ସହଯୋଗୀ ଶ୍ରୀନିବାସ ରାୟଗଡ଼ା ସହରର ବିଭିନ୍ନ ସୁନା ଦୋକାନରେ ଦେଇଥିବା ସୁନାର ଟଙ୍କା ଆଦାୟ ପାଇଁ ସ୍କୁଟି ଯୋଗେ ଆନ୍ଧ୍ରର ଶ୍ରୀକାକୁଲମରୁ ଆସିଥିଲେ। ସଂଗ୍ରହ ହୋଇଥିବା ଟଙ୍କା ଏବଂ ବଳକା ସୁନା ନେଇ ଅପରାହ୍ନରେ ଦୁହେଁ ଶ୍ରୀକାକୁଲମ ଅଭିମୁଖେ ବାହାରିଥିଲେ। ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଟ ପେଟ୍ରୋଲ ପମ୍ପରେ ତେଲ ପକାଇ ଫେରୁଥିବାବେଳେ କାଞ୍ଚିକାୱାଲସା ଛକ ନିକଟରେ ବିପରୀତ ଦିଗରୁ କଳା ରଙ୍ଗର ବୁଲେଟରେ ଆସୁଥିବା ୨ ମୁଖାପିନ୍ଧା ଦୁର୍ବୃତ୍ତ ସ୍କୁଟିକୁ ଧକ୍କା ଦେଇଥିଲେ। ବାଲାଜି ଓ ଶ୍ରୀନିବାସ ଗାଡ଼ିରୁ ତଳେ ପଡ଼ିଯିବା ପରେ ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ଟଙ୍କା ଓ ସୁନା ଥିବା ବ୍ୟାଗ୍ ଲୁଟି ନେଇଥିଲେ। ଏ ନେଇ ବାଲାଜି ଶେଷଖାଲ ଥାନାରେ ଅଭିଯୋଗ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ ଓ ଶେଷଖାଲ ଥାନା ଅଧିକାରୀ ନୀଳାମ୍ବର ଜାନି ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଥିବା ସୂଚନା ମିଳିଛି।



ପବିତ୍ର ରମ୍‌ଜାନ୍ ମାସରେ ଉପବାସ ଅବସରରେ ସୋମବାର କଟକ କେଶରପୁର ଅଞ୍ଚଳରେ ଏକ ଦୋକାନରୁ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ଲଚ୍ଛା ଓ ଫଳ କିଣୁଛନ୍ତି।

## ଆଲୁମ୍‌ନି ଟ୍ରଷ୍ଟର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ

ଭୁବନେଶ୍ୱର, ୪।୪

ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟ ଆଲୁମ୍‌ନି ଟ୍ରଷ୍ଟର ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟଅତିଥି ଭାବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପବିତ୍ର ମୋହନ ଦାଶ, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ଏବଂ ସମ୍ମାନିତ ଅତିଥି ଭାବେ ସଂସ୍ଥାର ପୃଷ୍ଠପୋଷକ ତପନ କୁମାର ମହାନ୍ତି ଯୋଗ ଦେଇଥିଲେ। ଏହାଛଡ଼ା ଟ୍ରଷ୍ଟର ସଭାପତି ସୂର୍ଯ୍ୟନାରାୟଣ ଦାଶ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ପଟ୍ଟନାୟକ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ ଏବଂ ସମସ୍ତେ ଏକାଠି ହୋଇ ବିଦ୍ୟାଳୟର ବିକାଶ କାର୍ଯ୍ୟରେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ଦାଶ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଆଲୁମ୍‌ନି ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ସଭାରେ ୭୦୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ମ୍ୟାନେଜିଂ ଟ୍ରଷ୍ଟି ଦୁର୍ଗା ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବାର୍ଷିକ ରିପୋର୍ଟ ଏବଂ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଟ୍ରଷ୍ଟର ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ କାନୁନ୍‌ଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରୋଇ କଳିରୁ ଗଛକୁ ଚଢ଼ିଲେ ମହିଳା

**ବାରିପଦା ଅଫିସ, ୪।୪:** କୁହାଯାଏ ରାଗ ବ୍ରହ୍ମଚଣ୍ଡାଳ। କ୍ରୋଧ ସମ୍ବରଣ କରି ନ ପାରି ବେଳେ ବେଳେ କେହିକେହି ଅଦ୍ଭୁତ ଧରଣର ଆଚରଣ ପ୍ରଦର୍ଶନ କରିବା ଅନେକ ନଜିର ରହିଛି। ପାରିବାରିକ ଅଶାନ୍ତିକୁ ନେଇ ଜଣେ ମହିଳା ୪୦ ଫୁଟ ଉଚ୍ଚ ଗଛ ଉପରେ ଚଢ଼ି ପରିବାର ଲୋକଙ୍କ ସହ ଦମକଳ ବାହନୀ କର୍ମଚାରୀଙ୍କୁ ନାକେଦମ କରିବା ଚର୍ଚ୍ଚାର ହୋଇଛି। ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଆମ୍ବଡିହା ଗ୍ରାମରେ ରବିବାର ରାତିରେ ଏହି ଘଟଣା ଘଟିଛି।



ଗଛରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି।

ଗ୍ରାମର ସଞ୍ଜୟ ସିଂ କିଛି ଦିନ ତଳେ ସ୍ଥାନୀୟ ଅଞ୍ଚଳର ଟୁଲବୁଲି ସିଂ(୨୩)ଙ୍କୁ ପ୍ରେମ ବିବାହ କରି ଘରକୁ ଆଣିଥିଲେ। ବିବାହ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ରବିବାର ରାତିରେ ଝଗଡ଼ା ହେବାରୁ ଟୁଲବୁଲି ରାଗି ଯାଇ ଘର ପାଖ ୪୦ ଫୁଟ ଉଚ୍ଚ ଏକ ଉପରୁ ଚଢ଼ିଯାଇଥିଲେ। ଶାଶୁଘର ଲୋକେ ଯେତେ ବୁଝାଇଲେ ମଧ୍ୟ ସେ ତଳକୁ ଓହ୍ଲାଇ ନ ଥିଲେ। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ଦୀର୍ଘ ସମୟ ପରେ ତାଙ୍କୁ ତଳକୁ ଓହ୍ଲାଇବାରେ ସକ୍ଷମ ହୋଇଥିଲେ।

## ବିଦେଶୀ ଶିକ୍ଷାନୁଷ୍ଠାନ ସହ ଏମ୍‌ଓୟୁ ପ୍ରଥମ ଘଟଣା

ସମ୍ବଲପୁର,୪।୪(ବ୍ୟୁରୋ)

- ମାଲେସିଆର ସେଗୀ-ଏସ୍‌ୟୁ ମଧ୍ୟରେ ବୁଝାମଣା
- ଉପକୃତ ହେବେ ଛାତ୍ରୀଛାତ୍ର

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଏସ୍‌ୟୁ) ଓ ମାଲେସିଆର ସେଗୀ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏସ୍‌ୟୁ ଦେଶ ବାହାର ଶିକ୍ଷା ଅନୁଷ୍ଠାନ ସହିତ ଏମ୍‌ଓୟୁ କରିବା ପ୍ରଥମ ଘଟଣା। ଏଥିରେ ଉଭୟ ଶିକ୍ଷା ଅନୁଷ୍ଠାନର ଛାତ୍ରୀଛାତ୍ର, ଫେକଲ୍ଟି ଷ୍ଟାଫ୍ ଉପକୃତ ହୋଇପାରିବେ। ଶିକ୍ଷାଦାନ ସହିତ ଶିକ୍ଷା ପ୍ରଣାଳୀ, ସାହିତ୍ୟ, ସଂସ୍କୃତି, ପରମ୍ପରା, ଚାଲିଚଳନ ଆଦି ଦିଗରେ ଉଭୟ ଅନୁଷ୍ଠାନର ଛାତ୍ରୀଛାତ୍ର ଜାଣିବାରେ ସୁବିଧା ହେବ। ଏହା ନିଯୁକ୍ତି କ୍ଷେତ୍ରରେ ମଧ୍ୟ ସୁଯୋଗ ସୃଷ୍ଟି କରିବ। ସ୍ୱୀକୃତିପତ୍ର ପାଇବା ପରେ ଏସ୍‌ୟୁ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲ କହିଛନ୍ତି, ଏମ୍‌ଓୟୁ ହେବା ଫଳରେ ଦୁଇ ବିଶ୍ୱବିଦ୍ୟାଳୟ ଭିତରେ ଶିକ୍ଷା, ତାଲିମ ଓ ଅନ୍ୟ ସବୁ ଦିଗରେ ଆଦାନପ୍ରଦାନ କରାଯିବ। ଆନ୍ତର୍ଜାତୀୟ ସେମିନାର ଗୁଡିକରେ ଛାତ୍ରୀଛାତ୍ର ଯୋଗ ଦେଇପାରିବେ। ଗବେଷଣା କ୍ଷେତ୍ରରେ ମଧ୍ୟ ସୁବିଧାସୁଯୋଗ ମିଳିବ ବୋଲି କହିଥିଲେ।

ମିଳିଥିବା ରିପୋର୍ଟ ଅନୁସାରେ ଏମ୍‌ଓୟୁ ପାଇଁ ମାଲେସିଆ ସେଗୀ ବିଶ୍ୱବିଦ୍ୟାଳୟ ସହ ୩ମାସ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସମସ୍ତ ଗାଇଡ୍‌ଲାଇନ ପାଳନ କରି ଏମ୍‌ଓୟୁ ସ୍ୱାକ୍ଷର ହୋଇ ସୋମବାର ବିଶ୍ୱବିଦ୍ୟାଳୟରେ ପହଞ୍ଚିଛି। ଏମ୍‌ବିଏ ବିଭାଗର ବିଶ୍ୱଜିତ ଶତପଥୀ କହିଛନ୍ତି, ଉଭୟ ବିଶ୍ୱବିଦ୍ୟାଳୟ ଭିତରେ ପାଠ୍ୟକ୍ରମରେ କି ବିଷୟ ରହିଛି ସେ ବିଷୟରେ ଆଦାନପ୍ରଦାନ କରାଯିବ। ସେଗୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ର ଓ ଫେକଲ୍ଟିମାନେ ଏସ୍‌ୟୁ ପରିଦର୍ଶନ କରି ତାଲିମ ପ୍ରଦାନ କରିବେ। ଏସ୍‌ୟୁ ଛାତ୍ରୀଛାତ୍ର ମଧ୍ୟ ମାଲେସିଆ ଗସ୍ତ କରି ଶିକ୍ଷାଗ୍ରହଣ ସହ ଶିକ୍ଷାଦାନ କରିପାରିବେ। ଏହା ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଏକ ନିଆରା ଅନୁଭୂତି ମିଳିପାରିବ। ଏହା ଏସ୍‌ୟୁର ମାନକୁ ଆହୁରି ବଢାଇ ଦେବ। ଏହା ସହ ନାକ୍ ର୍ୟାଙ୍କିଂ ପାଇବାରେ ସହଯୋଗ କରିବ।

## ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ବଡ଼ବିଲ, ୪।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡ଼ବିଲ ଅଞ୍ଚଳର ଜଣେ ୮ବର୍ଷର ଶିଶୁକନ୍ୟା ବଳାତ୍କାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ରବିବାର ରାତିରେ ଏକୋଇଶିଆ ଚାଲିଥିବା ବେଳେ ସେଠାରେ ଥିବା ଶିଶୁ କନ୍ୟାଙ୍କୁ ଜଣେ ଯୁବକ ଟେକି ନେଇଥିବା ପରିବାର ଲୋକେ ଜାଣିବାକୁ ପାଇ ଖୋଜାଖୋଜି କରିଥିଲେ। ବହୁ ସମୟ ପରେ ଅଭିଯୁକ୍ତ ଜଣକ ଶିଶୁ କନ୍ୟାଙ୍କୁ ଆଣି ଛାଡି ଦେଇଥିଲେ। ଶିଶୁଟି ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା ରୁଜୁ ହୋଇ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି ବୋଲି ବଡ଼ବିଲ ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

## ବାପାଙ୍କ ଋଣ ଶୁଝିବାକୁ ଦିବ୍ୟାଙ୍ଗ ଝିଅଙ୍କୁ ନୋଟିସ୍

**ଉଦଳା,୪।୪(ଡି.ଏନ.ଏ.):** ଋଣ କରିଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଦିବ୍ୟାଙ୍ଗ ଝିଅ ପାଖକୁ ପରିଶୋଧ ନୋଟିସ ପଠାଇଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ତେବେ ଅସହାୟ ଅବସ୍ଥାରେ ଜୀବନ ବିତାଉଥିବା ଦିବ୍ୟାଙ୍ଗ ଝିଅ ଏବେ କିପରି ଋଣ ପରିଶୋଧ କରିବେ ତାହା ଚର୍ଚ୍ଚାର ବିଷୟ ହୋଇଛି।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଅଧୀନ ଫୁଲଝରି ଗ୍ରାମର କୁଶଧର ନାଏକ ଆଜକୁ ୧୫ ବର୍ଷ ତଳେ ସ୍ଥାନୀୟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ଛେଳି ଋଣ କରିଥିଲେ। ୧୦ ବର୍ଷ ହେଲା କୁଶଧରଙ୍କର ମୃତ୍ୟୁ ହୋଇସାରିଛି। ତାଙ୍କର ୪ ଝିଅଙ୍କ ମଧ୍ୟରୁ ୩ଜଣ ବାହା ହୋଇ ସାରିଛନ୍ତି। ଏକ ମାତ୍ର ପୁଅ ମଧ୍ୟ ଆରପାରିକୁ ଚାଲି ଯାଇଛନ୍ତି। ଏବେ ଘରେ କେବଳ ଦିବ୍ୟାଙ୍ଗ ଝିଅ ରଞ୍ଜିତା ରହୁଛନ୍ତି। ଯିଏକି ୮୦ ପ୍ରତିଶତ ଭିନ୍ନକ୍ଷମ। ସେ କଥା କହି ପାରନ୍ତିନି କିମ୍ବା କିଛି ବୁଝି ପାରନ୍ତିନି। ହେଲେ କିଛି ଦିନ ତଳେ ବ୍ୟାଙ୍କ କର୍ତ୍ତୃପକ୍ଷ କୁଶଧର ନେଇଥିବା ଋଣ ଟଙ୍କା ପରିଶୋଧ ନିମନ୍ତେ ରଞ୍ଜିତାଙ୍କ ପାଖକୁ ଏକ ନୋଟିସ୍ ପଠାଇଛନ୍ତି। ଋଣ ବାବଦକୁ ମୋଟ ୪୬ ହଜାର ୯୧୦ ଟଙ୍କା ପରିଶୋଧ କରିବାକୁ ନୋଟିସ୍‌ରେ ଉଲ୍ଲେଖ ରହିଛି। କିଛିଦିନ ହେଲା ରଞ୍ଜିତାଙ୍କ ପାଖରେ ରହୁଥିବା ବିଧବା ଭଉଣୀ ସୁଭଦ୍ରା ଏହି ନୋଟିସ୍ ଦେଖି ତାଜୁବ୍। ଋଣ ଟଙ୍କା ତୁରନ୍ତ ପରିଶୋଧ ନ କଲେ ଘରେ ନାଲି ପତାକା ଲଗାଇ ଦେବେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଧମକ ଦେଇଥିବା କହିଛନ୍ତି ସୁଭଦ୍ରା। ଏ ସଂକ୍ରାନ୍ତରେ ବ୍ୟାଙ୍କ ଶାଖା ପରିଚାଳକ ଚିନ୍ତାମଣି ଦାସଙ୍କୁ ପଚାରିବାରୁ ଏକ୍ଷେତ୍ରରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି କୁଶଧରଙ୍କ ବିଦ୍ୟାଙ୍ଗ ଝିଅ କିପରି ଋଣ ମୁକ୍ତ ହୋଇ ପାରିବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୯ ଜିଲାର ରାଜସ୍ୱ ସମସ୍ୟା ସମୀକ୍ଷା କଲେ ସଚିବ



ସମୀକ୍ଷା ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ଅନ୍ୟମାନେ।

ଭୁବନେଶ୍ୱର,୪।୪(ବ୍ୟୁରୋ)

- ରାଜସ୍ୱ ବିଭାଗ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ପ୍ରତି ମାସରେ ଦରକାର

ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହିତ ଦକ୍ଷିଣାଞ୍ଚଳର ଅନ୍ୟ ଜିଲାଗୁଡ଼ିକର ମୁଖ୍ୟ ରାଜସ୍ୱ ସମସ୍ୟାଗୁଡ଼ିକ ସମ୍ପର୍କିତ ଆଲୋଚନା ହୋଇଛି। ସୋମବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଗଞ୍ଜାମ ଜିଲା ଗସ୍ତ କରି ସେଠାର ରାଜସ୍ୱ ବିଭାଗ କାର୍ଯ୍ୟର ସମୀକ୍ଷା କରିବା ସହିତ ଅନ୍ୟ ୯ ଜିଲାର ମୁଖ୍ୟ ରାଜସ୍ୱ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସମୀକ୍ଷା ବୈଠକରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଟି. ଆପାଙ୍ଗ ଆଓ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଞ୍ଚାସୀନ ଥିବାବେଳେ ଜିଲାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ସାହୁ ଏହି ଅବସରରେ କହିଛନ୍ତି, ଜିଲାପାଳମାନେ ଜିଲାର ସବୁ ବିଭାଗର ଉନ୍ନୟନ କାର୍ଯ୍ୟ ଦେଖି ସବୁ ଯୋଜନାର ସଫଳ ରୂପାୟନ କରିବା ସେମାନଙ୍କ ଦାୟିତ୍ୱ। ଜିଲାପାଳମାନେ ସମସ୍ତ ଉନ୍ନୟନ କାର୍ଯ୍ୟ ସହିତ ଜନହିତକର ଯୋଜନାଗୁଡିକ କିଭଳି ଠିକ୍ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚିବ ସେନେଇ ଗୁରୁତ୍ୱ ଦେବା ଜରୁରୀ। ରାଜସ୍ୱ ବିଭାଗର କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ପ୍ରତି ମାସରେ ହେବା ଉଚିତ, ତେବେ ଯାଇ ସମସ୍ୟାଗୁଡ଼ିକରେ ସୁଧାର ଆସିବ। ଜମିଜମା ମାମଲାର ସମାଧାନ, ରାଜସ୍ୱ ଆଦାୟ ସମେତ ଜନସାଧାରଣଙ୍କୁ ଯୋଗାଯାଉଥିବା ସେବାଗୁଡିକ କିଭଳି ସୀମିତ ସମୟସୀମା ମଧ୍ୟରେ ଯୋଗାଇ ଦିଆଯାଇପାରିବ ପଦକ୍ଷେପ ଗ୍ରହଣ କରନ୍ତୁ। ଜମି ଅଧିଗ୍ରହଣ ଓ ହସ୍ତାନ୍ତର କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ଦରକାର। ଉନ୍ନୟନ କାର୍ଯ୍ୟ ଲାଗି ଲଘୁ ଖଣିଜ ଦ୍ରବ୍ୟ ଆବଶ୍ୟକ, ତେଣୁ ସେଗୁଡିକୁ ନିୟମିତ ଯୋଗାଇବା ଦିଗରେ ବିଳମ୍ବ ଯେମିତି ହେବନାହିଁ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟର ପ୍ରତି ଅଞ୍ଚଳରେ ଆର୍.ଆଇ. କାର୍ଯ୍ୟାଳୟ ନିର୍ମାଣ ହେବ। ଏଣୁ ଜମି ଚିହ୍ନଟ କରି ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ସହ ୨୦୨୩ ମାର୍ଚ୍ଚ, ଏପ୍ରିଲ୍ ସୁଦ୍ଧା କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେବା ଦରକାର। ଓ.ଆର୍.ଏସ୍. ଏବଂ ଓଏଏସ୍. ଅଧିକାରୀମାନେ ସେମାନଙ୍କ ପଦୋନ୍ନତି ସକାଶେ ଭୁବନେଶ୍ୱର ଯିବା ଆବଶ୍ୟକ ନାହିଁ। ଲଘୁ ଖଣିଜ ଦ୍ରବ୍ୟ କିଭଳି ଚୋରାଚାଲାଣ ହେବ ନାହିଁ ସେ ଦିଗରେ ପଦକ୍ଷେପ ନେବାକୁ ସେ ଜଣାଇଛନ୍ତି। ସରକାରୀ ବିଦ୍ୟାଳୟ ଏବଂ ଯୁକ୍ତ୨ ବିଦ୍ୟାଳୟଗୁଡ଼ିକ ନିମନ୍ତେ ପଟ୍ଟା ପ୍ରଦାନ କରିବା ଦିଗରେ ବିଳମ୍ବ ନ କରିବାକୁ ସେ କହିଛନ୍ତି। ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟଗୁଡ଼ିକରେ ଅନ୍‌ଲାଇନ୍ ସେବା ଉପଲବ୍ଧ କରାଇବା ସହିତ କେଉଁସେବା ବାବଦକୁ କେତେ ଟଙ୍କା ପଇଠ କରିବାକୁ ପଡିବ ସେନେଇ ତାଲିକା ପ୍ରସ୍ତୁତ କରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଗଲେ ଦଲାଲ୍‌ମାନଙ୍କ ଠକାମିରୁ ଜନସାଧାରଣ ବର୍ତ୍ତିପାରିବେ ବୋଲି ସେ ଉଲ୍ଲେଖ କରିଛନ୍ତି।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



୰ଚୌଧୁରୀ ରାଜକିଶୋର ଦାଶ
ପୁଣ୍ୟ ତିଥି: ୦୫.୦୪.୨୦୨୨
ସତ୍ୟ ସିନା ମୃତ୍ୟୁ ହେଲେ... ଆତ୍ମା ତ ଅମର
ମନରେ - ପ୍ରାଣରେ - ସ୍ମୃତିରେ
ତୁମ୍ଭେ ବିଦ୍ୟମାନ
ହେ ଯଶସ୍ୱୀ ଘେନ ଆମ୍ଭ ଚିର ନମସ୍କାର।
:: ଶୋକସନ୍ତପ୍ତ ::
ସହଧର୍ମିଣୀ: କାନ୍ତିଲତା ଓ ପରିବାରବର୍ଗ
୮୦୨, ମହାବୀର ନଗର, ଝାରପଡ଼ା, ଭୁବନେଶ୍ୱର, ମୋ-୯୪୩୭୪୪୧୩୦୭
ଧ-୦୩୨

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା।
(୨) ଗୃହ ସୋଲାର ପ୍ୟାନେଲ ଯୋଜନା।
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା।
(୪) କିଷାନ କ୍ରେଡିଟ କାର୍ଡ ଯୋଜନା।
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉପକାରୀ ଅଦା



**ମହିଳାମାନେ ସାଧାରଣତଃ ଘରୋଇ ଉପଚାରକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଯଦି ଆପଣ ବି ଏପରି କରୁଥାନ୍ତି ତେବେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଭରିରହିଥିବା ଅଦାକୁ ନେଇ କିପରି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିପାରିବେ ଜାଣିରଖନ୍ତୁ ଟିପ୍ସ...**

- ପ୍ରତିଦିନ ଖାଦ୍ୟ ତାଲିକାରେ ଅଦାକୁ ସାମିଲ କରିବା ଦ୍ୱାରା ଭାଇରାଲ ରୋଗର ଆଶଙ୍କା ହ୍ରାସ ପାଇଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ହାନିକାରକ ବ୍ୟାକ୍ଟେରିଆଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।
- ପାଟିରେ ଘା' ବା ଛାଲ ହେବାଦ୍ୱାରା ଖାଇବାରେ ଅନେକଙ୍କୁ ଅସୁବିଧା ହୋଇଥାଏ। ହେଲେ ଯଦି ଆପଣ ଖଣ୍ଡେ ଅଦାକୁ ଚୋବାଇ ଚୋବାଇ ଖାଇବେ ତେବେ ଏଥିରେ ଥିବା ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ଆପଣଙ୍କୁ ଏହି ସମସ୍ୟାରୁ ଶୀଘ୍ର ଉପଶମ ଦେବ।
- କାଶ ହେଉଥିଲେ ଅଦା ରସରେ ମହୁ ମିଶାଇ ଖାଆନ୍ତୁ ଉପକୃତ ହେବେ। ଏହା ଥଣ୍ଡା ମଧ୍ୟ ଦୂର କରିଥାଏ। ଏଥିପାଇଁ ଆପଣ ଅଦା ଚା' ପିଇପାରିବେ।
- ଛୋଟ ଅଦା ଖଣ୍ଡ ସହ ଅଳ୍ପ ଲୁଣ ନେଇ ଚୋବାଇବା ଦ୍ୱାରା ପେଟ ସଫା ରହିବା ସହ ପ୍ରତିଦିନ ଏହିପରି କରିବା ଦ୍ୱାରା ମାତ୍ର ୭-୮ ଦିନ ମଧ୍ୟରେ ଭୋକ ମଧ୍ୟ ଲାଗିବା ଆରମ୍ଭ ହୋଇଥାଏ।
- ସେହିପରି ବଦହଜମି, ଆମ୍ଳିଆ ହାକୁଟି, ଗ୍ୟାସ୍ ଆଦି ସମସ୍ୟା ଦୂରେଇବାରେ ଅଦା ବେଶ୍ ଉପକାରୀ। ଅଦା ରସରେ ଜୁଆଣି, ସୈନ୍ଧବ ଲବଣ, ଲେମ୍ବୁରସ ମିଶାଇ ପ୍ରତିଦିନ ୨ ଚାମଚ ଲେଖାଏଁ ସେବନ କରିବା ଦ୍ୱାରା ପାଚନ କ୍ରିୟା ଠିକ୍ ରହିବା ସହ ଏସବୁ ସମସ୍ୟାରୁ ଉପଶମ ମିଳିଥାଏ।

# ଖରାଦିନିଆ ଶାଢ଼ି



**ଖରାଦିନେ ପ୍ରବଳ ଗରମ ଏବଂ ଝାଳ ହେଉଥିବାରୁ ମହିଳାମାନେ କେଉଁ ଭଳି ଶାଢ଼ି ପିନ୍ଧିଲେ ଆରାମଦାୟକ ଲାଗିବ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତି। ଯଦି ଆପଣ ବି କେଉଁ ଶାଢ଼ି ପିନ୍ଧିଲେ କମ୍ଫର୍ଟେବଲ୍ ଲାଗିବା ସହ ଆଟ୍ରାକ୍ଟିଭ୍ ଲାଗିବେ ବୋଲି ଚିନ୍ତାରେ ଅଛନ୍ତି ତେବେ ଜାଣିରଖନ୍ତୁ ଏହି ଟିପ୍ସ...**

- କଟନ ଶାଢ଼ି ପିନ୍ଧୁଥିଲେ ଏହା ଆପଣଙ୍କୁ ଖରା ଓ ଗୁଳୁଗୁଳିରୁ ରକ୍ଷା କରିବ। ଏହା ଝାଳକୁ ଆବ୍‌ଜର୍ବ କରିନେବା ସହ ଏହାକୁ ପିନ୍ଧିଲେ ଥଣ୍ଡା ଏବଂ ଆରାମଦାୟକ ଲାଗିଥାଏ। କଟନର ବିଭିନ୍ନ ପ୍ରକାର ଶାଢ଼ି ମାର୍କେଟ୍‌ରେ ଉପଲବ୍ଧ।
- ସିର୍ ଶାଢ଼ି ମୁଖ୍ୟତଃ ଖରାଦିନେ ପିନ୍ଧିବାକୁ ତିଆରି କରାଯାଇଥାଏ। ଏହା ବ୍ରିଟିଶ୍ ଅମଳରୁ ବୁଣାଯାଉଥିବା ଶାଢ଼ି ଯାହାର ଭାରତରେ ସ୍ୱତନ୍ତ୍ର ପରିଚୟ ଅଛି। ଓଢଣି କିମ୍ବା ହାଲୁକା ଝାଳର ପରି ଦେଖାଯାଉଥିବା ଏହି ଶାଢ଼ି ପିନ୍ଧିବାକୁ ଖୁବ୍ ଆରାମଦାୟକ।
- ଖଦି ଶାଢ଼ି ବି ଆପଣ ଖରାଦିନେ ଚାହିଁଲେ ପିନ୍ଧିପାରିବେ। ଏହାର ଲୁକ୍ ସୁନ୍ଦର ହୋଇଥିବାରୁ ଏହାକୁ ଅଧିକାଂଶ ମହିଳା ପିନ୍ଧିବାକୁ ପସନ୍ଦ କରନ୍ତି।
- ଅନେକଙ୍କର ଧାରଣା ଥାଏ ସିଲ୍କ ଶାଢ଼ି ଖରାଦିନେ ପିନ୍ଧିବା ଦ୍ୱାରା ବହୁତ ଗରମ ଲାଗିଥାଏ। କିନ୍ତୁ ବଜାରରେ ଏବେ ଏପରି କିଛି ସିଲ୍କ ଶାଢ଼ି ଉପଲବ୍ଧ ଯାହାକୁ ପିନ୍ଧିବା ଦ୍ୱାରା ଷ୍ଟାଇଲିଶ୍ ଦେଖାଯିବା ସହ ବେଶ୍ କମ୍ଫର୍ଟେବଲ୍ ମଧ୍ୟ ଫିଲ୍ କରିବେ।

## ଖାଦ୍ୟରୁଚି: କୋକୋନଟ୍ କୁକିଜ୍

**ଆବଶ୍ୟକ ସାମଗ୍ରୀ:** ମଇଦା-୧ କପ୍, ବେକିଂ ପାଉଡର- ୧/୨ ଚାମଚ, ଚିନି-୧/୨ କପ୍, ବଟର-୧/୨ କପ୍, ଭାନିଲା ଏସେନ୍ସ-୨-୩ ଡ୍ରପ୍, ନଡ଼ିଆ ପାଉଡର-୩ କପ୍, କ୍ଷୀର-୧/୨ କପ୍

**ପ୍ରସ୍ତୁତି ପ୍ରଣାଳୀ :** ପ୍ରଥମେ ଏକ ପାତ୍ରରେ ମଇଦା ଏବଂ ବେକିଂ ପାଉଡର ଏକାଠି ନେଇ ଘାଣ୍ଟି ଦିଅନ୍ତୁ। ଏକ ଛଣାରେ ଭଲ ଭାବେ ଚଲାଇ ଦିଅନ୍ତୁ, ଯେପରି କୌଣସି ବଡ଼ ଦାନା ବା ଖଦଡ଼ା ନ ରୁହେ। ଅନ୍ୟ ଏକ ପାତ୍ରରେ ଚିନି, ଲୁଣ ଏବଂ ବଟରକୁ ଭଲ ଭାବେ ଗୋଳାଇ ଦିଅନ୍ତୁ ଓ ପରେ ଭାନିଲା ଏସେନ୍ସ ଓ ନଡ଼ିଆଗୁଣ୍ଡ ପକାଇ ମିଶାନ୍ତୁ। ଏବେ ପୂର୍ବ ପ୍ରସ୍ତୁତ ମଇଦା ଏବଂ ବେକିଂ ପାଉଡର ପକାଇ ଗୋଳାନ୍ତୁ। ପରେ ସେଥିରେ ଅଳ୍ପ କ୍ଷୀର ପକାଇ ଘାଣ୍ଟନ୍ତୁ, ଯେମିତି ସେଗୁଡ଼ିକୁ ଗୋଲ ଗୁଳା ଆକାରର କରିହେବ। ଏକ ଟ୍ରେରେ ସାମାନ୍ୟ ତେଲ ଲଗାଇ ସେହି ଗୋଲ ଗୁଳାଗୁଡ଼ିକୁ ଅଳ୍ପ ଚେପ୍‌ଟା କରି ସେଥିରେ ରଖନ୍ତୁ। ଏବେ ଟ୍ରେକୁ ନେଇ ଓଭେନ୍‌ରେ ୧୫-୨୦ ମିନିଟ୍ ପାଇଁ ରଖନ୍ତୁ। ଏହା ହାଲ୍‌କା ହଳଦିଆ ରଙ୍ଗ ଆସିବା ପରେ ସେଗୁଡ଼ିକୁ ବାହାର କରିଦିଅନ୍ତୁ ଓ ଅଳ୍ପ ସମୟ ପାଇଁ ଥଣ୍ଡାରେ ରଖିଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା କୋକୋନଟ୍ କୁକିଜ୍। ଏହାକୁ ଆପଣ ଯେକୌଣସି ସମୟରେ ଖାଇପାରିବେ।



# ସୌନ୍ଦର୍ଯ୍ୟ: ଦୂରାନ୍ତୁ ଆଖି ତଳ କଳା...



**ଆଖି ମଣିଷର ସୁନ୍ଦରତା ବଢ଼ାଇଥାଏ। ହେଲେ ବିଭିନ୍ନ କାରଣରୁ ଆଖି ତଳ କଳା ପଡ଼ିଥାଏ। ଯାହାକୁ ଦୂରକରିବା ପାଇଁ ଅନେକେ ବିଭିନ୍ନ କ୍ରିମ୍, ମେଡିସିନ୍ ଆଦି ବ୍ୟବହାର କରିଥାନ୍ତି। ହେଲେ ଆପଣ ଚାହିଁଲେ ବିଭିନ୍ନ ଘରୋଇ ଉପଚାର କରି ଏହି ସମସ୍ୟାରୁ ମୁକ୍ତି ପାଇପାରିବେ...**

- କକୁମ୍ବର ବା କାକୁଡ଼ି ଥେରାପି ଆଖି ତଳ କଳାଦାଗ ଦୂରକରିବା ପାଇଁ ବେଶ୍ ଉପଯୋଗୀ। କାକୁଡ଼ିକୁ କାଟି ଆଖି ଉପରେ ରଖିବା ଦ୍ୱାରା ଏହା ଆଖିକୁ ଥଣ୍ଡା ରଖିବା ସହ ଆପଣଙ୍କୁ ଆରାମ ପ୍ରଦାନ କରିବ ଏବଂ କଳାଦାଗ ମଧ୍ୟ ଦୂରହୋଇଯିବ।
- ବ୍ୟବହାର କରିସାରିଥିବା ଟି ବ୍ୟାଗ୍‌କୁ ଆଖି ତଳେ ରଖନ୍ତୁ। ଏଥିରେ ଥିବା ତତ୍ତ୍ୱ ଟ୍ୟାନିଂ, ଆଖି ଫୁଲିବା ଏବଂ ଆଖି ତଳର କଳାଦାଗ ଦୂରକରିବାରେ ସାହାଯ୍ୟ କରିଥାଏ।
- ରାତିରେ ଶୋଇବା ପୂର୍ବରୁ ଅଧା ଚାମଚ ବାଦାମତେଲ ଏବଂ ୨ ବୁନ୍ଦା ମହୁର ମିଶ୍ରଣକୁ ଆଖି ତଳେ ଲଗାଇ କିଛି ସମୟ ପରେ ଧୋଇଦିଅନ୍ତୁ। ଏହି ମିଶ୍ରଣକୁ ଆଙ୍ଗୁଳି ଦ୍ୱାରା ଆଖିର ଚାରିପାଖେ ମାଲିସ କରନ୍ତୁ।
- ୫୦ ଗ୍ରାମ୍ ତୁଳସୀପତ୍ର, ନିମ୍ବପତ୍ର ଏବଂ ପୋଦିନାପତ୍ରରେ ସାମାନ୍ୟ ଗୋଲାପଜଳ ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରନ୍ତୁ। ଏହି ମିଶ୍ରଣରେ ସାମାନ୍ୟ ହଳଦୀଗୁଣ୍ଡ ମିଶାଇ ପେଷ୍ଟ ପ୍ରସ୍ତୁତ କରି ଆଖି ତଳେ ଲଗାନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ। କିଛିଦିନ ଏପରି କଲେ ଦେଖିବେ କଳାଦାଗ ଦୂରହୋଇଯାଉଛି।
- ଆଖିକୁ ରେଷ୍ଟ ନ ମିଳିବା ଦ୍ୱାରା ମଧ୍ୟ ଆଖି ତଳ କଳା ପଡ଼ିଥାଏ। ଏଥିପାଇଁ ଅତି କମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ।



# ବ୍ୟବହାର ଦିଏ ପରିଚୟ



**ଉତ୍ତମ ବ୍ୟବହାର ଏବଂ କାର୍ଯ୍ୟକଳାପ ହିଁ ମଣିଷର ପରିଚୟ। କାରଣ ଏହାହିଁ ଅନ୍ୟମାନଙ୍କର ହୃଦୟ ଜିଣି ସଭିଙ୍କ ପ୍ରିୟପାତ୍ର କରାଇବାରେ ସାହାଯ୍ୟ କରିଥାଏ। ହେଲେ ବେଳେ ବେଳେ ବହୁ ଭଲ ଗୁଣ ଥିଲେ ସୁଦ୍ଧା ଅନେକଙ୍କୁ ପ୍ରିୟଭାଜନ ହେବାରୁ ବଞ୍ଚିତ କରିଥାଏ। ତେଣୁ ଯଥା ସମୟରେ ନିଜ ବଦଗୁଣ ସୁଧାରିନେବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...**



ଅଧିକାଂଶ ମହିଳା ଏକାଠି ହେବାମାତ୍ରେ ଗପସପରେ ମସ୍‌ଗୁଲ ହୋଇଯାଆନ୍ତି। ଘର ପରିବାରଠୁ ଆରମ୍ଭକରି ରୋଷେଇବାସ, ଲୁଗାପଟା ଏବଂ ଅନ୍ୟମାନଙ୍କ ସମ୍ପର୍କରେ ମଧ୍ୟ ସେମାନଙ୍କ ମଧ୍ୟରେ ଚାଲେ ଆଲୋଚନା। ଏମିତିରେ ଅଜାଣତରେ କରୁଥିବା କେଉଁ ଭୁଲ୍ ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପକାଉଛି ନିଜେ ବୁଝିବା ସହ ଯଥାଶୀଘ୍ର ଏହାକୁ ସୁଧାରିବା ଆବଶ୍ୟକ...

**ଜରୁରୀ ବାକ୍ ସଂଯମ:** ଅନେକ ମହିଳା ଅଛନ୍ତି ଯେଉଁମାନେ ସାଧାରଣ କଥାରେ ବି ହଠାତ୍ ରାଗିଯାଇ ଯୁକ୍ତିକରିବା, ବାକ୍‌ସଂଯମ ହରାଇ ଅନ୍ୟକୁ ମାସିକ ସ୍ତରରେ ଆଘାତ ପହଞ୍ଚାଇବାକୁ ବି ପଛାନ୍ତି ନାହିଁ। ଏପରି କରିବା ଦ୍ୱାରା ଯେ ସେମାନେ ନିଜ ପ୍ରତି ଅନ୍ୟମାନଙ୍କ ଦୃଷ୍ଟିରେ ଏକ ନକାରାତ୍ମକ ଭାବନା ସୃଷ୍ଟି କରୁଛନ୍ତି ଏବଂ ସମସ୍ତେ କଳିହୁଡ଼ି ବୋଲି ଘୃଣା ଦୃଷ୍ଟିରେ ଦେଖୁଛନ୍ତି ସେ ଦିଗରେ ଅବଗତ ନ ଥାନ୍ତି। ତେଣୁ କ୍ରୋଧ ଭାବନା, ଅଯଥା ତର୍କକରିବା ଏବଂ ଆକ୍ରୋଶମୂଳକ ଆଚରଣଠାରୁ ଦୂରେଇ ରହି ମିଷ୍ଟଭାଷୀ ହୁଅନ୍ତୁ।

**କୁହନ୍ତୁ ନାହିଁ ଉପରେ ପଡ଼ି:** ଉପରେ ପଡ଼ି ଅନ୍ୟ କଥାରେ ମୁଣ୍ଡ ଖେଳାଇବାର ବଦଭ୍ୟାସ କେତେକଙ୍କ ଠାରେ ରହିଛି। ଅନ୍ୟ କେହି ନିଜ ବ୍ୟକ୍ତିଗତ ଜୀବନରେ ମୁଣ୍ଡଖେଳାଇବା ସମସ୍ତଙ୍କୁ ପସନ୍ଦ ନୁହେଁ। ଏପରି କରିବା ଦ୍ୱାରା ଅନ୍ୟମାନଙ୍କ ମନରେ ଆପଣଙ୍କ ପ୍ରତି ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ। ତେଣୁ କେହି ଆପଣଙ୍କୁ ପରାମର୍ଶ ନ ମାଗିବା ପର୍ଯ୍ୟନ୍ତ ଉପରେ ପଡ଼ି କାହାର ବ୍ୟକ୍ତିଗତ ଜୀବନରେ ଅଯଥାରେ ହସ୍ତକ୍ଷେପ ଆଦୌ କରନ୍ତୁ ନାହିଁ।



**ଅନ୍ୟର ଚର୍ଚ୍ଚା :** ଅନ୍ୟର ଦୋଷତ୍ରୁଟି ଖୋଜିବୁଲିବା, ପଛରେ ତାଚ୍ଛଲ୍ୟ କରିବା ଏବଂ କିଏ କ'ଣ କରୁଛି ସେ ସମ୍ପର୍କରେ ଆଲୋଚନା କରିବା ଦ୍ୱାରା ନିଜ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆସିଥାଏ, ଏକଥା ଅନେକେ ଭୁଲିଯାଆନ୍ତି। ତେଣୁ ଏଭଳି ଅଭ୍ୟାସଠାରୁ ନିଜକୁ ନିବୃତ୍ତ ରଖିବା ଆବଶ୍ୟକ। କାରଣ ଏପରି ନ କଲେ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏକ ଭଲ ଭାବନା ସୃଷ୍ଟି ହୋଇପାରିବ।



**ଆତ୍ମପ୍ରଶଂସା:** ମଣିଷର ବ୍ୟକ୍ତିତ୍ୱ ଭଲ ହୋଇଥିଲେ ଆପେ ଆପେ ସମସ୍ତଙ୍କ ମୁଖରୁ ପ୍ରଶଂସା ବାହାରେ। ହେଲେ ଏମିତି ଅନେକ ମହିଳା ଅଛନ୍ତି, ଯେଉଁମାନେ ନିଜର ପ୍ରଶଂସା ନିଜ ମୁହଁରେ ଗାଇବୁଲନ୍ତି। ଏମିତିକି ଆତ୍ମପ୍ରଶଂସାରେ ବିଭୋର ହୋଇ ସେମାନେ ଅନ୍ୟକୁ କିଛି କହିବାର ସୁଯୋଗ ମଧ୍ୟ ଦିଅନ୍ତି ନାହିଁ। ହେଲେ ବାରମ୍ବାର ଆତ୍ମପ୍ରଶଂସା କରିବାଦ୍ୱାରା ପରିହାସର ପାତ୍ରୀ ହେବାକୁ ପଡ଼ିପାରେ ଏକଥା ଅନେକେ ଭୁଲିଯାଆନ୍ତି। କେବଳ ଏତିକି ନୁହେଁ, ଏହାଦ୍ୱାରା ଶିଷ୍ଟାଚାର ଦୃଷ୍ଟିରୁ ଆପଣଙ୍କ କଥା ଶୁଣୁଥିବା ଲୋକମାନେ ମଧ୍ୟ ଧୀରେ ଧୀରେ ଦୂରେଇବା କିମ୍ବା ଅଣଦେଖା କରିବା ଆରମ୍ଭ କରିଦେବେ।



**ଠିକ୍ ନୁହେଁ ପର ନିନ୍ଦା:** କାହାର ଭଲ କାର୍ଯ୍ୟରେ ପ୍ରଶଂସା କରିବା ବଦଳରେ ଏଣୁତେଣୁ କହିବା କିମ୍ବା ସହି ନ ପାରି ନିନ୍ଦା କରିବା, ନିଜର କୌଣସି ଦୋଷତ୍ରୁଟିକୁ ଅନ୍ୟ ମୁଣ୍ଡରେ ଲଦିଦେବା ଭଳି ମାନସିକତା ଆପଣଙ୍କ ବ୍ୟକ୍ତିତ୍ୱ ଉପରେ ଆଞ୍ଚ ଆଣିପାରେ। ତେଣୁ ଅନ୍ୟର ପ୍ରଶଂସା କରିବା ଶିଖନ୍ତୁ। ହେଲେ ମନେରଖନ୍ତୁ, କାମ ହାସଲ କରିବା ଉଦ୍ଦେଶ୍ୟରେ ମଧ୍ୟ କାହାକୁ ଅଯଥା ପ୍ରଶଂସା କରିବା ବି ଠିକ୍ ନୁହେଁ।

## କ'ଣ କୁହନ୍ତି ଏମାନେ...

**ଅନୁପମା ମିଶ୍ର (ଗୃହିଣୀ, କୋରୁଆ ଶାସନ, ଭଦ୍ରକ)**



କେତେଜଣଙ୍କୁ ଉପରେ ପଡ଼ି କଥା ହେବା କିମ୍ବା କାହାର ଝଗଡ଼ାରେ ମୁଣ୍ଡ ପୂରାଇବାକୁ ଭଲ ଲାଗେ। ସେସବୁ କରିବା ଆଦୌ ଠିକ୍ ନୁହେଁ। ସେମିତି କିଛି ପରିସ୍ଥିତି ଆସିଲେ ମୁଁ ଚୁପ୍ ରହିବାକୁ ଠିକ୍ ମଣିଥାଏ। ଏହାଦ୍ୱାରା ନିଜ ବ୍ୟବହାର ଓ ଚରିତ୍ର ଠିକ୍ ରହିଥାଏ ଏବଂ ଅନ୍ୟ କାହାକୁ ମୋ ବ୍ୟକ୍ତିତ୍ୱ ଉପରେ ଆଙ୍ଗୁଳି ଉଠାଇବାକୁ ସାହସ ହୋଇ ନ ଥାଏ। ନିଜ କାମରେ ନିଜେ ବ୍ୟସ୍ତ ରହେ। ପରିବାର, ସାହି ପଡ଼ିଶା ସମସ୍ତଙ୍କ ସହ ମନ ଖୋଲି ମିଶେ। କିନ୍ତୁ କୌଣସି ଝଗଡ଼ାରେ ଭାଗ ନିଏନି କି କାହା ନାଁ ରେ ଚୁଗୁଲି କରିବାକୁ ଠିକ୍ ଭାବେନି।

**କଲ୍ୟାଣୀ ପଣ୍ଡା** ( ଅଧ୍ୟାପିକା, ଶ୍ରୀହରି ବିହାର, ଜଟଣୀ, ଖୋର୍ଦ୍ଧା)-



ଆତ୍ମସମ୍ମାନ ରକ୍ଷା କରିବା ପ୍ରତ୍ୟେକ ମଣିଷର ଏକ ଗୁରୁଦାୟିତ୍ୱ। କାରଣ ଏହାହିଁ ସମାଜରେ ଏକ ପରିଚୟ ଦିଏ। ଦେଖିଛି, ଅନେକ ମହିଳା ସାମାନ୍ୟ ପ୍ରଶଂସା ପାଇଲେ ଆତ୍ମବିଭୋର ହୋଇ ଅନେକ କଥା ଗପି ଦିଅନ୍ତି, ଯାହାକି ଅପରପକ୍ଷେ ସେମାନଙ୍କ ସମ୍ମାନ ହାନି କରାଇଥାଏ। ମୁଁ ଆଦୌ ସେଭଳି ନ କରିବା ପ୍ରତି ଯତ୍ନଶୀଳ ରୁହେ। କଥା ହେବା ବେଳେ ବାକ୍ ସଂଯମ ରକ୍ଷାକରେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୫/୨୦୨୨ Bhubaneswar, Tuesday, April 5/ 2022

# ଲକ୍ଷ୍ନୌର ଦ୍ୱିତୀୟ ବିଜୟ

**ମୁମ୍ବାଇ, ୪।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୧୨ ରନରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ଲକ୍ଷ୍ନୌ ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୬୯ ରନ୍ କରିଥିଲା। ଜବାବରେ ସନ୍‌ରାଇଜର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଲିଗ୍‌ରେ ୩ ମ୍ୟାଚରୁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସର ଏହା ଦ୍ୱିତୀୟ ବିଜୟ। ଅନ୍ୟପକ୍ଷରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଖେଳିଥିବା ୨ଟି ଯାକ ମ୍ୟାଚରେ ପରାଜୟ ବରଣ କରିଛି।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ହାଇଦ୍ରାବାଦ। ଲକ୍ଷ୍ନୌ ୮ ରନ୍‌ରେ ପ୍ରଥମ, ୧୬ରେ ଦ୍ୱିତୀୟ ଏବଂ ୨୭ ରନ୍‌ରେ ତୃତୀୟ ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ଅଧିନାୟକ ଲୋକେଶ ରାହୁଲ ଓ ଦୀପକ ହୁଦା ୪ର୍ଥ ଉଇକେଟରେ ୬୨ ବଲ୍‌ରୁ ୮୭ ରନ୍ ଯୋଗକରି ଇନିଂସ ସମ୍ଭାଳି ନେଇଥିଲେ। ଷ୍ଟ୍ରୋକ୍‌ପୂର୍ଣ୍ଣ ଇନିଂସ ଖେଳିଥିବା ହୁଦା ୩୩ ବଲ୍‌ରୁ ୩ ଚୌକା ଓ ୩ ଛକା ସହାୟତାରେ ୫୧ ରନ୍ କରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ହାଇଦ୍ରାବାଦକୁ ବ୍ରେକ୍ ଥ୍ରୁ ଦେଇଥିଲେ ରୋମାରିଓ ଶେଫର୍ଡ। ରାହୁଲ ୫୦ ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୬୮ ରନ୍ କରି ଟି. ନଟରାଜନ୍‌ଙ୍କ ୟର୍କରର ଶିକାର ହୋଇଥିଲେ। ରାହୁଲ ରିଭ୍ୟୁ ନେଇଥିଲେ ହେଁ ଫଳାଫଳ ନଟରାଜନଙ୍କ ସପକ୍ଷରେ ଯାଇଥିଲା। ଭଲ ଫର୍ମରେ ଥିବା ଆୟୁଷ ବୋଦୋନି ୧୯ ରନ୍ କରି ଇନିଂସର ଶେଷ ବଲ୍‌ରେ ରନ୍‌ଆଉଟ ହୋଇଯାଇଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର, ରୋମାରିଓ ଶେଫର୍ଡ ଓ ଟି. ନଟରାଜନ ୨ଟି ଲେଖାଏ ଉଇକେଟ ନେଇଥିଲେ।

ସନ୍‌ରାଇଜର୍ସର ଅଧିକାଂଶ ବ୍ୟାଟର ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ରାହୁଲ ତ୍ରିପାଠୀ ୩୦ ବଲ୍‌ରୁ ସର୍ବାଧିକ ୪୪ (୫ ଚୌକା, ୧ ଛକା) ଓ ନିକୋଲସ ପୁରନ ୨୪ ବଲ୍‌ରୁ ୩୪ (୩ ଚୌକା, ୨ ଛକା) ରନ ସ୍କୋର କରିଥିଲେ। ପୁରନ ଆଉଟ ହେବା ସହ ଦଳର ବିଜୟ ଆଶା ମଉଳିଥିଲା। ଅଭିଷେକ ଶର୍ମା ୧୩, ଅଧିନାୟକ କେନ୍ ୱିଲିୟମସନ ୧୬, ଏଡେନ ମାରକ୍ରାମ ୧୨ ଓ ୱାଶିଂଟନ ସୁନ୍ଦର ୧୮ ରନ କରିବାକୁ ସକ୍ଷମ ହୋଇଥିଲେ। ଲକ୍ଷ୍ନୌ ପକ୍ଷରୁ ଆଭେଶ ଖାଁ ୨୪ ରନରେ ସର୍ବାଧିକ ୪ଟି, ଜାସନ ହୋଲ୍ଡର ୩ଟି ଓ କୃନାଲ ପାଣ୍ଡ୍ୟା ୨ଟି ଉଇକେଟ ନେଇଥିଲେ।


ପାର୍ଟନରଶିପ୍ ଅବସରରେ ଲୋକେଶ ରାହୁଲ ଓ ଦୀପକ ହୁଦା।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

ରାଜସ୍ଥାନ ରୟାଲ୍ସ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
ସ୍ଥାନ: ମୁମ୍ବାଇ
ସମୟ: ରାତି ୭ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୧୬୯/୭ (ଲୋକେଶ ରାହୁଲ-୬୮, ଦୀପକ ହୁଦା-୫୧, ୱାଶିଂଟନ ସୁନ୍ଦର-୨/୨୮, ରୋମାରିଓ ଶେଫର୍ଡ-୨/୪୨, ଟି. ନଟରାଜନ-୨/୨୬)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୫୭/୯ (ରାହୁଲ ତ୍ରିପାଠୀ-୪୪, ନିକୋଲସ ପୁରନ-୩୪, ଆଭେଶ ଖାଁ-୪/୨୪, ଜାସନ ହୋଲ୍ଡର-୩/୩୪, କୃନାଲ ପାଣ୍ଡ୍ୟା-୨/୨୭)।

## ଆଜି ରୟାଲ୍ସ ଲଢ଼େଇ

**ମୁମ୍ବାଇ, ୪।୪ (ପି.ଟି.):** ଆଇପିଏଲ୍-୧୫ରେ ମଙ୍ଗଳବାର ରୟାଲ୍ସ ଲଢ଼େଇରେ ରାଜସ୍ଥାନ ଓ ବାଙ୍ଗାଲୋର ମଧ୍ୟରେ ମୁକାବିଲା ହେବ। ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୩ ରନର ବିଜୟ ପରେ ରାଜସ୍ଥାନ ଏହି ମ୍ୟାଚ ଖେଳିବାକୁ ଯାଉଛି। ସେହିପରି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଏହାର ପୂର୍ବ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସଙ୍କୁ ୩ ଉଇକେଟରେ ପରାସ୍ତ କରିଛି। ଫାଫ୍ ଡୁପ୍ଲେସିଙ୍କ ନେତୃତ୍ୱରେ ଆର୍‌ସିବି ଏପର୍ଯ୍ୟନ୍ତ ଦକ୍ଷତା ଅନୁସାରେ ଖେଳିବାରେ ସମର୍ଥ ହୋଇନାହିଁ।

## ପୁରୁଷ ଟ୍ରାପ୍‌ରେ ଭାରତକୁ ବ୍ରୋଞ୍ଜ

**ଲିମା, ୪।୪ (ପି.ଟି.):** ଏଠାରେ ଆରମ୍ଭ ହୋଇଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପରେ ଭାରତ ପଦକ ଖାତା ଖୋଲିଛି। ପୁରୁଷ ଟ୍ରାପ୍ ଟିମ୍ ଇଭେଣ୍ଟରେ ଭାରତର କିନାନ ଚେନାଇ, ମାନବାଦିତ୍ୟ ସିଂ ରାଠୋର ଓ ଶପଥ ଭରଦ୍ୱାଜ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପଦକ ମୁକାବିଲାରେ ଭାରତୀୟ ଦଳ ବ୍ରାଜିଲକୁ ଶୁଟ୍-ଅଫ୍ ମାଧ୍ୟମରେ ପରାଜିତ କରିଥିଲା। ୫ଟି ସିରିଜରେ ୫ଟି ଲେଖାଏ ଶୁଟ୍ ପରେ ୫-୫ ସ୍ଥିତିରେ ମ୍ୟାଚ ଟାଇ ରହିଥିଲା। ଶୁଟ୍-ଅଫ୍ ପର୍ଯ୍ୟାୟରେ ଭାରତ ଶୁଟ୍ କରିବାରେ ସକ୍ଷମ ହୋଇଥିବାବେଳେ ବ୍ରାଜିଲ ମିସ୍ କରିଥିଲା। ୧୧ ଦଳବିଶିଷ୍ଟ କ୍ୱାଲିଫିକେଶନ ରାଉଣ୍ଡରେ ଭାରତ ୨୨୫ରୁ ୨୦୫ ସ୍କୋର କରି ୪ର୍ଥ ସ୍ଥାନରେ ରହିଥିଲା। ଫଳରେ ୨୦୭ ସ୍କୋର କରି ତୃତୀୟ ସ୍ଥାନରେ ଥିବା ବ୍ରାଜିଲ ସହିତ ବ୍ରୋଞ୍ଜ ପଦକ ମୁକାବିଲା ହୋଇଥିଲା। ଟାଇଟଲ ପର୍ଯ୍ୟାୟରେ ସ୍ପେନ୍‌କୁ ହରାଇ ଆମେରିକା ସ୍ୱର୍ଣ୍ଣ ପଦକ ହାସଲ କରିଛି। ମହିଳା ଟ୍ରାପ୍ ଇଭେଣ୍ଟରେ ଭାରତର ଭେଟେରାନ ଶଗୁନ ଚୌଧାରୀ ୪ର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଟ୍ରାପ୍ ମିକ୍ସଡ ଟିମ୍ ଇଭେଣ୍ଟରେ କିନାନ ଚେନାଇ ଓ ରାଜେଶ୍ୱରୀ କୁମାରୀ ବ୍ରୋଞ୍ଜ ପଦକ ମୁକାବିଲାରେ ସ୍ପେନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୨-୬ରେ ହାରିଯାଇଥିଲେ। ପ୍ରତିଯୋଗିତା ବୁଧବାର ଶେଷ ହେବ।

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୪।୪ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ସିନିୟର ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ଏଲିଟ ଗ୍ରୁପ୍-ବି ମ୍ୟାଚ ତ୍ରିଭେନ୍ଦ୍ରମଠାରେ ଚଳିତ ମାସ ୧୮ରୁ ମେ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ସୋମବାର ଓଡ଼ିଶା ମହିଳା କ୍ରିକେଟ ଦଳ ଘୋଷିତ ହୋଇଛି। ମଧୁସ୍ମିତା ବେହେରାଙ୍କୁ ଦଳର ଅଧିନାୟିକା ଦାୟିତ୍ୱ ଅର୍ପଣ କରାଯାଇଛି। ପ୍ରତିଯୋଗିତାରେ ଅଂଶଗ୍ରହଣ ଲାଗି ଓଡ଼ିଶା ଦଳ ୧୫ ତାରିଖରେ ତ୍ରିଭେନ୍ଦ୍ରମ ଯିବ। ସେଠାରେ ୨ ଦିନ ଅଭ୍ୟାସ କରିବାପରେ ୧୮ ତାରିଖରେ ଛତିଶଗଡ଼ ବିପକ୍ଷରେ ପ୍ରଥମ ମ୍ୟାଚ ଖେଳିବ। ଏହାପରେ ଦଳ ୧୯ରେ ବିହାର, ୨୧ରେ ତ୍ରିପୁରା, ୨୨ରେ ଝାଡ଼ଖଣ୍ଡ ଓ ୨୪ରେ ତାମିଲନାଡୁ ବିପକ୍ଷରେ ମୁକାବିଲା କରିବ। ମନୋନୀତ ଖେଳାଳିମାନଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ଶୁଭେଚ୍ଛା ଜଣାଇଛନ୍ତି।

**ଓଡ଼ିଶା ଦଳ:** ମଧୁସ୍ମିତା ବେହେରା (ଅଧିନାୟିକା), କାଜଲ ଜେନା, ସରିତା ମେହେର, ସୁଶ୍ରୀ ଦିବ୍ୟଦର୍ଶିନୀ, ପ୍ରଜ୍ଞାପାରମିତା ମହାନ୍ତି (ଉଇକେଟ କିପର), ତନ୍ମୟୀ ବେହେରା, ଶୁଭ୍ରା ନିର୍ଝରିଣୀ ସ୍ୱାଇଁ, ମାଧୁରୀ ମେହେଟା, ପୁନମ ନାୟକ, ମୋନାଲିସା ରାଉତ (ଉଇକେଟ କିପର), ରାମେଶ୍ୱର ନାଏକ, ସୁଜାତା ମଲିକ, ତରାନ୍ନା ପ୍ରଧାନ, ବନଲତା ମଲିକ, ପ୍ରିୟଙ୍କା ସାହୁ, ରସନାରା ପରୱିନ୍, ଲକ୍ଷ୍ମୀପ୍ରିୟା ନାଏକ, ସୁନୀତା ମୁର୍ମୁ, ସରୋଜିନୀ ଗିରି, ଶିଳ୍ପା ସ୍ୱାଇଁ। ଷ୍ଟାଇଣ୍ଡବାଇ: ରଶ୍ମିତା ଚିହ୍ନାରା, କୁନି ବଦରା, ରାଜଶ୍ରୀ ସ୍ୱାଇଁ, ଅଞ୍ଜଳି ସିଂ, ଶୁଭଲକ୍ଷ୍ମୀ ରାଉତ। ମୁଖ୍ୟ କୋଚ୍: ସୁରେଶ କୁମାର, କୋଚ୍: ବିକାଶ ସ୍ୱରୂପ ପତି, ଫିଜିଓ: ଅମ୍ରିତା ତ୍ରିପାଠୀ, ଫିଟ୍‌ନେସ ଟ୍ରେନର: ଶ୍ୱେତା ସାମନ୍ତରାୟ।

**ଓଡ଼ିଶାର କାର୍ଯ୍ୟସୂଚୀ**

ଏପ୍ରିଲ ୧୮: ବନାମ ଛତିଶଗଡ଼
ଏପ୍ରିଲ ୧୯: ବନାମ ବିହାର
ଏପ୍ରିଲ ୨୧: ବନାମ ତ୍ରିପୁରା
ଏପ୍ରିଲ ୨୨: ବନାମ ଝାଡ଼ଖଣ୍ଡ
ଏପ୍ରିଲ ୨୪: ବନାମ ତାମିଲନାଡୁ


ମଧୁସ୍ମିତା ବେହେରା

**ବିସିସିଆଇ ସିନିୟର ମହିଳା ଟି୨୦**




# ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିଜୟୀ

**ଡର୍ବାନ, ୪।୪ (ଏପି)**

ଏଠାରେ ଅନୁଷ୍ଠିତ ପ୍ରଥମ କ୍ରିକେଟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୨୨୦ ରନରେ ବାଂଲାଦେଶକୁ ପରାସ୍ତ କରିଛି। ୨୭୪ ରନ ବିଜୟ ଲକ୍ଷ୍ୟନେଇ ବାଂଲାଦେଶ ଦ୍ୱିତୀୟ ଇନିଂସରେ ମାତ୍ର ୫୩ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୩୬୭ ଓ ଦ୍ୱିତୀୟ ଇନିଂସରେ ୨୦୪ ରନ କରିଥିଲା। ବାଂଲାଦେଶ ପ୍ରଥମ ଇନିଂସରେ ୨୯୮ ରନ କରିଥିଲା।

**ମହାରାଜଙ୍କୁ ୭ ଉଇକେଟ**

ଦ୍ୱିତୀୟ ଇନିଂସରେ ବାଂଲାଦେଶର ବ୍ୟାଟିଂ ବିପର୍ଯ୍ୟୟ ଘଟାଇବାରେ ମୁଖ୍ୟ ଭୂମିକା ନେଇଥିଲେ ବାମହାତୀ ସ୍ପିନର କେଶବ ମହାରାଜ। ସେ ମାତ୍ର ୩୨ ରନ ବିନିମୟରେ ୭ ଉଇକେଟ ସଫଳତା ପାଇଥିଲେ। ଅଫ୍‌ସ୍ପିନର ସିମନ ହାର୍ମର ଅବଶିଷ୍ଟ ୩ଟି ଉଇକେଟ ନେଇଥିଲେ। ଅର୍ଥାତ୍ ଦକ୍ଷିଣ ଆଫ୍ରିକା କେବଳ ଦୁଇଜଣ ସ୍ପିନରଙ୍କୁ ବ୍ୟବହାର କରି ବାଂଲାଦେଶକୁ ଅଲ୍‌ଆଉଟ କରିଥିଲା। ବାଂଲାଦେଶର ଦ୍ୱିତୀୟ ଇନିଂସ କେବଳ ୧୯ ଓଭର ତିଷ୍ଠିଥିଲା। ଦଳ ପକ୍ଷରୁ କେବଳ ନଜମୁଲ ହୋସେନ ସାଣ୍ଟୋ (୨୬) ଓ ତାସକିନ ଅହମଦ (୧୪) ଦୁଇଅଙ୍କ ସ୍ପର୍ଶ କରିବାକୁ ସକ୍ଷମ ହୋଇଥିଲେ। ଏହି ବିଜୟ ଫଳରେ ଦକ୍ଷିଣ ଆଫ୍ରିକା ୨ ମ୍ୟାଚବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି। କେଶବ ମହାରାଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ୫୩ ରନ ଟେଷ୍ଟ କ୍ରିକେଟରେ ବାଂଲାଦେଶର ଦ୍ୱିତୀୟ ସର୍ବନିମ୍ନ ସ୍କୋର।


କେଶବ ମହାରାଜ

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୩୬୭। ବାଂଲାଦେଶ ପ୍ରଥମ ଇନିଂସ: ୨୯୮। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୦୪। ବାଂଲାଦେଶ ଦ୍ୱିତୀୟ ଇନିଂସ: ୫୩/ଅଲ୍‌ଆଉଟ (ନଜମୁଲ ହୋସେନ ସାଣ୍ଟୋ-୨୬, କେଶବ ମହାରାଜ-୭/୩୨, ସିମନ ହାର୍ମର-୩/୨୧)।

# ଶେଷ ମ୍ୟାଚ ଖେଳିଲେ ଟେଲର

**ହାମିଲଟନ, ୪।୪ (ଏପି)**

ନ୍ୟୁଜିଲାଣ୍ଡର ରସ୍ ଟେଲର ସୋମବାର କ୍ୟାରିୟରର ଶେଷ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ନେଦରଲାଣ୍ଡ୍ସ ବିପକ୍ଷ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ସେ ୧୪ ରନ କରି ବିଦାୟ ନେବାବେଳେ ଉଭୟ ଦଳର ଖେଳାଳି ତାଙ୍କୁ ସମ୍ମାନ ଜଣାଇଥିଲେ। ଏହାଥିଲା ତାଙ୍କ କ୍ୟାରିୟରର ୪୫୦ତମ ଅନ୍ତର୍ଜାତୀୟ ଏବଂ ନ୍ୟୁଜିଲାଣ୍ଡ ପାଇଁ ଶେଷ ମ୍ୟାଚ। ଏଥିସହ ତାଙ୍କର ୧୬ ବର୍ଷ ଅନ୍ତର୍ଜାତୀୟ କ୍ୟାରିୟରର ଅନ୍ତ ଘଟିଛି। ୩୮ ବର୍ଷୀୟ ଟେଲର ଚଳିତ ବର୍ଷ ଦକ୍ଷିଣ ଆଫ୍ରିକା ବିପରେ ଶେଷ ଟେଷ୍ଟ ଖେଳିଥିଲେ ହେଁ ଘରୋଇ ପଡ଼ିଆ ଶେଡନ ପାର୍କରେ ବିଦାୟୀ ମ୍ୟାଚ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଟେଲର କ୍ୟାରିୟରରେ ୧୧୨ ଟେଷ୍ଟ, ୨୩୬ ଦିନିକିଆ ଓ ୧୦୨ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ।

## ସ୍ୱିଟେକ ନମ୍ବରୱାନ

**ପ୍ୟାରିସ, ୪।୪ (ଏପି):** ଇଗା ସ୍ୱିଟେକ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ନମ୍ବରୱାନ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ପୋଲାଣ୍ଡର ପ୍ରଥମ ଖେଳାଳିଭାବେ ସେ ଟେନିସ ର୍‍ୟାଙ୍କିଙ୍ଗର ଶୀର୍ଷସ୍ଥାନ ମଣ୍ଡନ କରିଛନ୍ତି। ସୋମବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ୨୦ ବର୍ଷୀୟା ସ୍ୱିଟେକ ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟିଙ୍କ ସ୍ଥାନ ନେଇଛନ୍ତି। ୩ ଗ୍ରାଣ୍ଡସ୍ଲାମ ବିଜୟିନୀ ବାର୍ଟି ଗତ ମାସରେ ଟେନିସରୁ ଅବସର ଘୋଷଣା କରି ସମସ୍ତଙ୍କୁ ବିସ୍ମିତ କରିଥିଲେ। ମାତ୍ର ୨୫ ବର୍ଷ ବୟସରେ ସେ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି। ସେ ଦୀର୍ଘ ଦୁଇବର୍ଷରୁ ଅଧିକ ସମୟ ଧରି ନମ୍ବରୱାନ ସ୍ଥାନରେ ଥିଲେ।




# ରାଜ୍ୟସ୍ତରୀୟ କବାଡ଼ି: ରେଲୱେ, କଟକ ଚାମ୍ପିୟନ

**ପୁରୀ ଅଫିସ, ୪।୪**

ପୁରୀ ଜିଲା ପ୍ରଶାସନ ଏବଂ ଓଡ଼ିଶା କବାଡ଼ି ମହାସଂଘ ମିଳିତ ଆନୁକୂଲ୍ୟରେ ବ୍ଲୁ ଫ୍ଲାଗ ବିଚ୍‌ରେ ଆୟୋଜିତ ୩ଦିନିଆ ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପ- ୨୦୨୨ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗରେ ଢେଙ୍କାନାଳ ଓ କଟକ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ୨୭ ପଏଣ୍ଟ ପାଇ ଚାମ୍ପିୟନ ଓ ଢେଙ୍କାନାଳ ୧୬ ପଏଣ୍ଟ ପାଇ ରନର୍ସଅପ୍ ହୋଇଛି। ସେମି ଫାଇନାଲରେ କଟକଠାରୁ ଓଡ଼ିଶା ପୋଲିସ ୩୪-୩୨ ପଏଣ୍ଟରେ ଏବଂ ଢେଙ୍କାନାଳଠାରୁ ନୂଆପଡ଼ା ୨୭-୨୫ ପଏଣ୍ଟରେ ହାରିଯାଇଥିଲା। ଫଳରେ ଉଭୟ ଓଡ଼ିଶା ପୋଲିସ ଓ ନୂଆପଡ଼ା ଯୁଗ୍ମ ଭାବେ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ମହିଳା ବିଭାଗରେ ପୂର୍ବତଟ ରେଲୱେ ଓ ଢେଙ୍କାନାଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପୂର୍ବତଟ ରେଲୱେ ୩୮ ପଏଣ୍ଟ ପାଇ ଚାମ୍ପିୟନ ଓ ଢେଙ୍କାନାଳ ୧୩ ପଏଣ୍ଟ ପାଇ ରନର୍ସ ଅପ୍ ହୋଇଥିଲା। ମହିଳା ବିଭାଗ ସେମିଫାଇନାଲରେ ପୂର୍ବତଟ ରେଲୱେ ୪୫ ପଏଣ୍ଟ ଓ କିଟ୍ ବିଶ୍ୱବିଦ୍ୟାଳୟ ୮ ପଏଣ୍ଟ ପାଇଥିଲା। ଢେଙ୍କାନାଳ ୨୯ ପଏଣ୍ଟ ପାଇ ଗଞ୍ଜାମକୁ ୨୬ ପଏଣ୍ଟରେ ହରାଇଥିଲା। ଫଳରେ କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଗଞ୍ଜାମ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅକ୍ତିଆର କରିଥିଲେ। ଚାମ୍ପିୟନ ଟିମ୍‌କୁ ୩୦ ହଜାର, ରନର୍ସ ଅପ୍ ଦଳକୁ ୨୦ ହଜାର, ତୃତୀୟ ସ୍ଥାନ ହାସଲ କରିଥିବା ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ବିଭାଗରୁ ୩ଜଣ ଶ୍ରେଷ୍ଠ ଖେଳାଳିଙ୍କୁ ୩ ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଓ ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ରବିଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କୋଚ୍ ଏବଂ ଅଫିସିଆଲମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳ (ରାଜସ୍ୱ) ସୁଭାଷ ଚନ୍ଦ୍ର ନାଥଶର୍ମା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଖେଳାଳି ଓ କବାଡ଼ି ପ୍ରଶିକ୍ଷିକା ସଂହିତା ଦାସ, ଜୁଡ଼ୋ ପ୍ରଶିକ୍ଷିକା ସବିତା ନନ୍ଦଙ୍କ ସମେତ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।





ରାଜ୍ୟସ୍ତରୀୟ କବାଡ଼ି ଚାମ୍ପିୟନଶିପର ମହିଳା ବିଭାଗରେ ଚାମ୍ପିୟନ ପୂର୍ବତଟ ରେଲୱେ ଏବଂ ପୁରୁଷରେ ଟାଇଟଲ ବିଜୟୀ କଟକ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୭ ହଜାର ଚାଷୀ ଧାନବିକ୍ରିରୁ ବଞ୍ଚିତ

**ଖୋର୍ଦ୍ଧା ଅଫିସ,୪।୪**

- ଅବଧି ପୂର୍ବରୁ ସରିଗଲା ଧାନକିଣା
- ଚାଷୀଙ୍କୁ ଝୋଟ ଅଖା ଦେଲେନି
- ୧୩ ଲକ୍ଷ ୧୨ ହଜାର କୁଇଣ୍ଟାଲ ଧାନ କିଣା ହୋଇଛି

ଖୋର୍ଦ୍ଧା ଜିଲାରେ ଖରିଫ ଧାନକିଣା ୨୦୨୧-୨୨ର ମାର୍ଚ୍ଚ ୩୧ ତାରିଖ ରହିଥିଲା ଶେଷ ଦିବସ। ତେବେ ଅବଧିର ୬ଦିନ ପୂର୍ବରୁ ଅର୍ଥାତ୍ ୨୫ତାରିଖରେ ମଣ୍ଡିରୁ ଧାନକିଣା ସରିଯାଇଛି। ଖରିଫ ଧାନକିଣାର ଟାର୍ଗେଟ ୧୩ଲକ୍ଷ ୫୨ହଜାର ୮୪୧ କୁଇଣ୍ଟାଲ ରହିଥିବା ବେଳେ ୧୩ଲକ୍ଷ ୧୬ହଜାର କୁଇଣ୍ଟାଲ ଧାନ କିଣାଯାଇଛି। ୩୬ହଜାର ୮୪୧ କୁଇଣ୍ଟାଲ ଧାନ କ୍ରୟ ହୋଇପାରି ନାହିଁ। ଧାନ ବିକ୍ରି ଲାଗି ଜିଲାର ୧୫୪ଟି ପ୍ରାଥମିକ ସେବା ସମବାୟ ସମିତି(ପ୍ୟାକ୍ସ)ରେ ୪୬ହଜାର ୭୧୯ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ସେଥିରୁ ୩୯ହଜାର ୭୧୯ଚାଷୀ ଧାନ ବିକ୍ରି କରିପାରିଥିବା ବେଳେ ୭ହଜାର ଚାଷୀଙ୍କ ଟୋକନ ଲାପ୍ସ ଯୋଗୁ ଧାନ ବିକ୍ରିରୁ ବଞ୍ଚିତ ହୋଇଛନ୍ତି। ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା, ମିଲ୍ ମାଲିକଙ୍କ ମନମାନି ଯୋଗୁ ଚାଷୀ ନାହିଁ ନ ଥିବା ହଇରାଣ ହୋଇଛନ୍ତି। ଅନେକ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଥିଲେ। ଏହାର ସୁଯୋଗ ନେଇ ଆନ୍ଧ୍ର ବେପାରୀ ଗାଁରେ ପଶି ସରକାରୀ ଧାର୍ଯ୍ୟ ଦର ଠାରୁ କମ୍ ମୂଲ୍ୟରେ ଶତାଧିକ ଟନ୍ ଧାନ କିଣିନେଇଥିବା ଜଣାପଡ଼ିଛି।

ଜିଲାରେ ଧାନକିଣା ବିଳମ୍ବରେ ଆରମ୍ଭ ହୋଇଥିଲା। ଜିଲାପାଳ ମଣ୍ଡି ଉଦ୍‌ଘାଟନ କରିଥିଲେ ମଧ୍ୟ ପ୍ରଥମ ଦିନରେ ମଣ୍ଡିରୁ ଧାନ ଉଠି ପାରି ନ ଥିଲା। ଧାନର ଏଫ୍ଏକ୍ୟୁ ମାନ ଠିକ୍ ନ ଥିବା କହି ମିଲ୍ ମାଲିକ ଧାନ ଉଠାଇ ନ ଥିଲେ। ପ୍ରଥମ ଦିନରୁ ଚାଷୀଙ୍କୁ ନିରାଶ ହେବାକୁ ପଡିଥିଲା। ଅନ୍ୟପଟେ ଧାନ କିଣିବା ଲାଗି ମିଲ୍ ମାଲିକଙ୍କ ପଞ୍ଜୀକରଣରେ ବିଳମ୍ବ ଯୋଗୁ ମଣ୍ଡି ବିଳମ୍ବରେ ଖୋଲିଥିଲା। ମଣ୍ଡି ସ୍ୱାଭାବିକ ହେବା ବେଳକୁ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ସରିଗଲା। ଫଳରେ ସମିତି ସମ୍ପାଦକମାନେ ଧାନ କିଣିବାକୁ ମନା କରିଦେଲେ। ଅନ୍ୟପଟେ ଧାନର ମାନ ଉପଯୁକ୍ତ ନ ଥିବା କହି କଟନିଛଟନି କରିଥିଲେ। ୭କେଜିରୁ ୧୫କେଜି ପର୍ଯ୍ୟନ୍ତ ଧାନ ମିଲ୍ ମାଲିକମାନେ କାଟିନେଇଥିଲେ। କଟନିଛଟନି ଯୋଗୁ ଚାଷୀଙ୍କ ପ୍ରାୟ ୪କୋଟି ଟଙ୍କା ଚଳୁ କରିଦେଲେ। ସମିତି ସମ୍ପାଦକ, ଯୋଗାଣ ବିଭାଗର ଅସାଧୁ କର୍ମଚାରୀ ଏବଂ ମିଲ ମାଲିକଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଚାଷୀ ସରକାରୀ ଧାର୍ଯ୍ୟ ଠାରୁ କମ୍ ଟଙ୍କା ପାଇଥିବା ବେଳେ ମିଲ୍ ମାଲିକମାନେ ମାଲାମାଲ ହୋଇଥିବା କୁହାଯାଇଛି। ଚାଷୀଙ୍କୁ ଧାନ ଆଣିବା ପାଇଁ ମିଲ୍ ମାଲିକମାନେ ଝୋଟ ଅଖା ଦେବାକୁ ବିଭାଗୀୟ ତାଗିଦ୍ ପରେ ଏହାକୁ କାର୍ଯ୍ୟକାରୀ କରାଗଲା। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଜଣାପଡିଛି। ଏବାବଦକୁ ପ୍ରାୟ କୋଟିଏ ଟଙ୍କା ଚଳୁ ହୋଇଥିବା ଜଣାପଡ଼ିଛି। ସେହିପରି ବିଭାଗୀୟ ନିର୍ଦ୍ଦେଶ ସତ୍ତ୍ୱେ ମିଲ୍ ମାଲିକମାନେ ମଣ୍ଡିରୁ ଧାନ ଉଠାଇବା ପାଇଁ ଆସିଲେ ନାହିଁ। ଚାଷୀ ମଣ୍ଡିରେ ଆଖି ସ୍ନାନ କରିବା ପରେ ନିର୍ଦ୍ଧାରିତ ଧାନ ଖର୍ଚ୍ଚାନ୍ତ ହୋଇ ମିଲ୍‌ରେ ପହଞ୍ଚାଇଲେ। ଟ୍ରାନ୍ସପୋର୍ଟେସନ ଏବଂ ଶ୍ରମିକଙ୍କ ବାବଦକୁ ଚାଷୀ ଜଣ ପିଛା ୩ରୁ ୪ହଜାର ଟଙ୍କା ଖର୍ଚ୍ଚ କରିଥିବା ଜଣାପଡିଛି। ଚାଷୀ ଏପଟେ କୁଇଣ୍ଟାଲ ପିଛା ୧୦କେଜି ଧାନ ହରାଇଲେ। କଟନିଛଟନି ବାବଦକୁ ଲକ୍ଷାଧିକ ଟଙ୍କା ଖାଇଗଲେ। ଧାନ ଏଫଏକ୍ୟୁ ମାନ ନ ଥିବା କହି ମଣ୍ଡିରୁ ଉଠାଇଲେ ନାହିଁ। ଅନ୍ୟପଟେ ଦଲାଲଙ୍କ ଜରିଆରେ ଚାଷୀଙ୍କ ଧାନ ଧାର୍ଯ୍ୟ ଦର ଠାରୁ କମ୍ ମୂଲ୍ୟରେ କିଣି ଗୋଦାମରେ ଷ୍ଟକ ରଖିଲେ। ପୁଣି ସେହି ଧାନ ନକଲି ଚାଷୀଙ୍କ ନାଁରେ ଖାତାରେ ଚଢ଼ାଇ ଲକ୍ଷାଧିକ ଟଙ୍କା ନେଇଗଲେ। ଆକଳନ ଅନୁସାରେ ଏବାବଦକୁ ପ୍ରାୟ ୧କୋଟି ଟଙ୍କା ଖାଇଗଲେ। କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୪୦ଟଙ୍କା ଧାର୍ଯ୍ୟ କରିଥିଲେ। ତେବେ ଚାଷୀ ଏହାର ସୁଫଳ ପାଇପାରିଲେ ନାହିଁ। ଏଭଳି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି।

## ‘୭ ଦିନରେ ଚାଷୀଙ୍କ ସମସ୍ୟା ସମାଧାନ କର’

ଟୋକନ ଲାପ୍ସ ଯୋଗୁ ଚାଷୀ ଧାନ ବିକ୍ରି କରିପାରିଲେ ନାହିଁ। ଟୋକନ ଅବଧି ବୃଦ୍ଧି ଏବଂ ଧାନ କିଣିବା ଲାଗି ଚାଷୀଙ୍କ ସମେତ ବହୁ ଚାଷୀ ସଙ୍ଗଠନ ଜିଲାପାଳ ଏବଂ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୌଡିଲେ। ପ୍ରତିଶ୍ରୁତି ମିଳିଲା, କିନ୍ତୁ ଲାପ୍ସ ଟୋକନ ଅବଧି ବଢ଼ିଲା ନାହିଁ। ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଚାଷୀ ହଇରାଣ ହେଉଛନ୍ତି ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲା ସଂଯୋଜକ ସୁରେଶ କୁମାର ମାନସିଂ କହିଛନ୍ତି। ଚାଷୀଙ୍କ ଧାନ ଉଠାଇବା ଲାଗି ଗତ ୧୭ ତାରିଖରେ ଧାନବସ୍ତା ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ୩ଦିନ ଅନଶନରେ ବସିଥିଲେ। ଚାଷୀଙ୍କ ଧାନ କିଣିବା ଲାଗି ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ କାର୍ଯ୍ୟକାରୀ ହେଲା ନାହିଁ। ସପ୍ତାହକ ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଗଲେ ଅଷ୍ଟମ ଦିନଠାରୁ କାର୍ଯ୍ୟାଳୟ ଆଗରେ ଚାଷୀ ପୁଣି ଥରେ ଧାରଣାରେ ବସିବେ। ଏ ସମ୍ପର୍କରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଥିବା ସାନସିଂ କହିଛନ୍ତି।

## ସଂକ୍ଷେପରେ

### କୁଷ୍ମାଣ୍ଡା ବେଶରେ ଦର୍ଶନ ଦେଲେ ଜାଗୁଳାଇ



**ଜଟଣୀ,୪।୪(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରିର ଗ୍ରାମଦେବୀ ମା’ଜାଗୁଳାଇଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଜାରି ରହିଛି। ସୋମବାର ସକାଳେ ସୂର୍ଯ୍ୟ ପୂଜା ଓ ସନ୍ଧ୍ୟାରେ ମହାସ୍ନାନ କରାଯାଇ ମା’ଙ୍କୁ କୁଷ୍ମାଣ୍ଡା ବେଶରେ ସଜ୍ଜିତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ବହୁ ଶ୍ରଦ୍ଧାଳୁ ମା’ଙ୍କର ଏହି ବେଶ ଦର୍ଶନ କରିଥିଲେ। ପଣ୍ଡିତ ଭୁବନେଶ୍ୱର ଦାଶ ଓ ମନୋଜ ପାଣିଗ୍ରାହୀଙ୍କ ଦ୍ୱାରା ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀପାଠ କରାଯିବା ସହିତ ହୋମଯଜ୍ଞ ରାତି ୧୦ଟା ପର୍ଯ୍ୟନ୍ତ ଚାଲିଥିଲା। ଚିତ୍ରକର ବିଜୟ ପଣ୍ଡା, ପ୍ରବାସ ପଣ୍ଡା, ଶ୍ରୀକାନ୍ତ କର, ଟୁଲୁ ପଣ୍ଡା ଦିବ୍ୟବେଶ ସମ୍ପନ୍ନ କରିଥିଲେ। ନୀତିକାନ୍ତି ଓ କୋଠ ଭୋଗ ପାଇଁ ସମସ୍ତ ଖର୍ଚ୍ଚ ନିରୁପମା ସାହାଣୀ ବହନ କରିଥିଲେ ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ରାଧାମୋହନ ପଟ୍ଟନାୟକ କହିଛନ୍ତି। ତ୍ରିନାଥ ପାଟ୍ଟଶାଣୀ, ଅଶୋକ ଦାସ, କୃତ୍ତିବାସ, ଶିବପ୍ରସାଦ କହଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। ମଙ୍ଗଳବାର ମା’ ସ୍କନ୍ଦମାତା ବେଶରେ ଦର୍ଶନ ଦେବେ ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି।

### ଘରେ ପଶି ମାଡ଼ ମାରିବା ଘଟଣା, ଯୁବକ ଗିରଫ

**ଯାଁଳା,୪।୪(ଡି.ଏନ୍.ଏ.):** ଘରେ ପଶି ଗାଳିଗୁଲଜ ସହ ମାଡ଼ ମାରିବା ଅଭିଯୋଗରେ ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ମଠଖଜୁରିଆ ଗ୍ରାମର ନୀଳକଣ୍ଠ ବାରିକ(୨୪)। ତେବେ ପିତାପଲ୍ଲି ନିକଟ ସୁଲଭ ହାଉସରେ ନୀଳକଣ୍ଠ ରହୁଥିଲେ। ସୂଚନା ମୁତାବକ, ଗଙ୍ଗପଡା ପୁରୁଣା ଟୋଲ ଗେଟ ନିକଟରେ ରଜନୀ ବର୍ଗତି ଏବଂ ନୀଳକଣ୍ଠଙ୍କ ଦୋକାନ ରହିଛି। କୌଣସି କାରଣକୁ ନେଇ ଉଭୟ ପରିବାରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥାଏ। ଗତ ୧୨ ତାରିଖରେ ନୀଳକଣ୍ଠ ଓ ପରିବାର ସଦସ୍ୟ ଘରେ ପଶି ରଜନୀ ଓ ତାଙ୍କ ପରିବାରର ସଦସ୍ୟଙ୍କୁ ସଂଘବଦ୍ଧ ଭାବେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଥିସହ ଏକ ମୋବାଇଲ ଓ ୧୦୦୦ଟଙ୍କା ନେଇଯାଇଥିଲେ। ଏନେଇ ରଜନୀ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୋଲିସ ନୀଳକଣ୍ଠଙ୍କୁ ଗିରଫ କରିବା ସହ ମୋବାଇଲ ଜବତ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### କୁଟୁରାକୁ ଧରି ବନ ବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ

**ନିରାକାରପୁର,୪।୪(ଡି.ଏନ୍.ଏ.):** ଖାଦ୍ୟ ଅନ୍ୱେଷଣ କିମ୍ବା ଅସହ୍ୟ ଗରମ ଯୋଗୁ ଜଙ୍ଗଲୀ ଜନ୍ତୁ ଗାଁମୁହାଁ ହେଉଛନ୍ତି। ସୋମବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଓ ଭୂଷଣ୍ଡପୁର ଫରେଷ୍ଟର ଅଧୀନ କନ୍ଧନୟାଗଡ ଗ୍ରାମକୁ ଉଦୁଗିରି ଜଙ୍ଗଲରୁ ଏକ କୁଟୁରା ପଶିଆସିଥିଲା। ଗ୍ରାମବାସୀ କୁଟୁରାକୁ ଧରିବା ସହ ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି କୁଟୁରାକୁ ଉଦ୍ଧାର କରି ନିକଟ ଜଙ୍ଗଲରେ ଛାଡିଥିବା ଜଣାପଡିଛି।

## ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ପୁରୀ ଅଫିସ, ୪।୪**

ପୁରୀ ଏସ୍‌ଟିଏଫ୍ ଏବଂ ବାସେଳୀସାହି ଥାନା ପୋଲିସ ମିଳିତ ଭାବେ ଚଢାଉ କରି ସୋମବାର ୨ ଆନ୍ତଃ ଜିଲା ବ୍ରାଉନସୁଗାର ବେପାରୀଙ୍କୁ ଧରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅଧୀନ ଗୁରୁଜଙ୍ଗ ଅଞ୍ଚଳର ସର୍ବେଶ୍ୱର ବେହେରା ଓରଫ ବାପି (୩୨) ଏବଂ ଅନ୍ୟ ଜଣେ ନାବାଳକ। ସର୍ବେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି। ଏ ନେଇ ସୋମବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି କହିଛନ୍ତି, ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ୧୧ ହଜାର ଟଙ୍କା, ୬ଟି ମୋବାଇଲ ଫୋନ ସହ ଦୁଇଟି ବାଇକ୍ ଏବଂ ୧୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ। ଏ ନେଇ ଏକ କେସ୍ (ନଂ. ୭୮/୨୨) ରୁଜୁ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଅଧିକାଂଶ ସମୟରେ ପୁରୀ ଆସି ବ୍ରାଉନସୁଗାର ବେପାର କରିଥାନ୍ତି। ଶନିବାର ବିଳମ୍ବିତ ରାତିରେ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରି ଦୁହିଁଙ୍କୁ ଧରିଥିଲା।



ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳିସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ସୋମବାର ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଉଛି।

## ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ବୋଲଗଡ଼,୪।୪(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଦେଉଳି ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଉପଲକ୍ଷେ ୮ ଦିନିଆ ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଡ.ତପନ କୁମାର ଜେନାଙ୍କ ସଭାପତିତ୍ୱରେ ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଳିକାମାନେ ଆତ୍ମରକ୍ଷା କୌଶଳ ଏହି ଶିବିରରୁ ଉପଲବ୍ଧ କରିବା ସହ ନିର୍ଭୀକ ସାହାସୀ ଓ ସଶକ୍ତ ହେବା ପାଇଁ ପରାମର୍ଶ ଦେଇଥିଲେ। ଶିବିରର ସଂଯୋଜିକା ଅଧ୍ୟାପିକା ଅମୀୟବାଳା ନନ୍ଦ କାର୍ଯ୍ୟକ୍ରମର ଉପାଦେୟତା ତଥା ଅସାମାଜିକଙ୍କ ଦୌରାତ୍ମ୍ୟରୁ କିପରି ବାଳିକାମାନେ ନିଜକୁ ସୁରକ୍ଷିତ ରଖିପାରିବେ ମତ ରଖିଥିଲେ। ପ୍ରଶିକ୍ଷିକା ଭାବେ ଗୀତାଞ୍ଜଳି ପ୍ରଧାନ ଯୋଗଦେଇଥିଲେ। ଶିବିରରେ ମୋଟ୍ ୯୯ ଜଣ ଛାତ୍ରୀ ଭାଗ ନେଇଛନ୍ତି।

## ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା

**ପୁରୁଣା ଭୁବନେଶ୍ୱର, ୪।୪(ଡି.ଏନ୍.ଏ.)**

ଭୁବନେଶ୍ୱରସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଳେଇଠାରୁ ଏହି ଚିତ୍ରକଳା ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୩୫ଜଣ ବିଦ୍ୟାର୍ଥୀ ସାମିଲ୍ ହୋଇ ନିଜର ଅନ୍ତର୍ନିହିତ କଳାକୁ ରଙ୍ଗତୁଳୀରେ ପରିପ୍ରକାଶ କରିଥିଲେ। ଆଦିବାସୀ ଶିଶୁଙ୍କ ମଧ୍ୟରେ ରହିଥିବା ସୃଜନଶୀଳ କଳାର ବିକାଶ ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ପ୍ରୟାସ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନର ସାମଲ କହିଛନ୍ତି। ସୁଶାନ୍ତ ସାହ, ସୁସ୍ମିତାରାଣୀ ରାଉତ, ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା ଉପସ୍ଥିତ ଥିଲେ।

## ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୪।୪**

ଖୋର୍ଦ୍ଧା ଜିଲା ଗଠନ ହେବାର ୨୯ବର୍ଷ ବିତିଯାଇଥିଲେ ମଧ୍ୟ କେତେଜଣ ସରକାରୀ ଅଧିକାରୀଙ୍କୁ ବାଦ୍ ଦେଲେ ଅଧିକାଂଶ ଅଫିସର ଭୁବନେଶ୍ୱରରେ ରହୁଛନ୍ତି। ଜିଲା ସଦର ମହକୁମା ସତ୍ତ୍ୱେ ଏଠାରେ ଅଧିକାରୀ ରହୁନାହାନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର ମଧ ଖୋର୍ଦ୍ଧାରେ ନ ରହି ଭୁବନେଶ୍ୱରକୁ ଯାତାୟାତ କରୁଛନ୍ତି। ଏନେଇ ଖୋର୍ଦ୍ଧା ବିକାଶ ମଞ୍ଚ ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ମଞ୍ଚ କର୍ମକର୍ତ୍ତାମାନେ ସିଡିଏମଓଙ୍କୁ ସାକ୍ଷାତ୍ କରି ପଦକ୍ଷେପ ନେବା ପାଇଁ ନିବେଦନ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ସୋମବାର ଏହାର ପ୍ରତିବାଦରେ ମଞ୍ଚ ପକ୍ଷରୁ ସିଡିଏମଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଖବରପାଇ ଅତିରିକ୍ତ ଏସପି ଏସ.ଏନ.ମୁର୍ମୁ, ସଦର ଏସିଡପିଓ ସୁଶୀଲ କୁମାର ମିଶ୍ର, ତହସିଲଦାର ଈପସ୍ୱିତ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏନେଇ ଜିଲାପାଳଙ୍କୁ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମଞ୍ଚ ଆବାହକ ନରେନ୍ଦ୍ର ପୃଷ୍ଟି, ପ୍ରକାଶ ଦାସ, ବିଜୟ ସାମନ୍ତସିଂହାର, ପ୍ରଭାତ ବେହେରା, ନୃସିଂହ ମିଶ୍ର, ବିକ୍ରମ ଚମ୍ପତି, କାହ୍ନୁ ଖୁଣ୍ଟିଆ, ଏମ୍.ଡି. କାଲାମ, ସ୍ନିଗ୍ଧାରାଣୀ ଦାଶ, ସନ୍ଧ୍ୟାରାଣୀ ମିଶ୍ର, ଜୟନ୍ତୀ ସାହୁ, ଜୟଶ୍ରୀ ସାହୁ, ଶର୍ମିଷ୍ଠା ପଟ୍ଟନାୟକ, ତସ୍‌ଲିମା ବେଗମ୍, ସୁଶାନ୍ତ ମହାନ୍ତି, ପ୍ରଭାତ ପରିଡା, ଜିତେନ୍ଦ୍ର ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସୁନ୍ଦରାୟ ପ୍ରମୁଖ ସାମିଲ ହୋଇଥିଲେ।

## ବିରୋଧ ସତ୍ତ୍ୱେ ପ୍ରଶାସନ ଭାଙ୍ଗିଲା ଘର

**ବାରଙ୍ଗ,୪।୪(ଡି.ଏନ୍.ଏ.)**

ବାରଙ୍ଗସ୍ଥିତ ତଳଗଡ଼ ମୌଜାରେ ଥିବା କୁକୁଡ଼ା ଗବେଷଣା ପ୍ରଶାସନ ପକ୍ଷରୁ କେନ୍ଦ୍ର ପାଇଁ ଅଧିକ ଜମି ଆବଶ୍ୟକ ଥିବାରୁ ସୋମବାର ତିନୋଟି ପରିବାରର ଘରକୁ ଉଚ୍ଛେଦ କରାଯାଇଛି। ପ୍ରଶାସନ ଗୋଟିଏ ପରିବାରର ଘର ଭାଙ୍ଗିଥିବାବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଉଚ୍ଛେଦ କାର୍ଯ୍ୟ ଅଧା ବନ୍ଦ କରି ଫେରିଥିଲା। କିନ୍ତୁ ଦୁଇ ଘଣ୍ଟା ପରେ ପ୍ରଶାସନ ପୁଣି ଯାଇ ବାକି ଥିବା ଘରକୁ ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ତଳଗଡ଼ ମୌଜାରେ ଥିବା କୁକୁଡ଼ା ଗବେଷଣା କେନ୍ଦ୍ର ପାଖରେ ୩ଟି ପରିବାର ଦୀର୍ଘବର୍ଷ ଧରି ଘର କରି ସପରିବାରେ ରହୁଥିଲେ। କେନ୍ଦ୍ର ପାଇଁ ଅଧିକ ଜାଗାର ଆବଶ୍ୟକ ଥିବାରୁ ଏହି ୩ ପରିବାରକୁ ଉଚ୍ଛେଦ ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏହି ପରିବାର ଆଇନର ସହାୟତା ନେବାପରେ ଉଚ୍ଛେଦ ହୋଇପାରି ନ ଥିଲା। ପରେ ପୁଣି ଏହି ପରିବାରକୁ ଉଚ୍ଛେଦ ପାଇଁ କୁହାଯାଇଥିଲେ ମଧ୍ୟ ସେମାନେ ଉଠି ନ ଥିଲେ। ତେଣୁ ସୋମବାର ବାରଙ୍ଗ ତହସିଲଦାର ସ୍ୱସ୍ତିକ ସଂକଳ୍ପ ସାହୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଆସି ଗୋଟିଏ ପରିବାରର ଘରକୁ ଭାଙ୍ଗିଥିଲେ। ଗ୍ରାମବାସୀ ଉଚ୍ଛେଦ କାର୍ଯ୍ୟ ବିରୋଧ କରିବା ସହ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ପ୍ରଶାସନ ଗ୍ରାମବାସୀଙ୍କ ବିରୋଧକୁ ଖାତିର ନ କରି ୨ଟି ପରିବାରଙ୍କ ଘରକୁ ଭାଙ୍ଗିଥିଲା।

## ଶିକ୍ଷାନୁଷ୍ଠାନ ବିକାଶରେ ସହଭାଗିତା ଜରୁରୀ

**ଖୋର୍ଦ୍ଧା ଅଫିସ,୪।୪**




କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଏବଂ ଅନ୍ୟମାନେ।

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସୋମବାର କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ଡ.ରଞ୍ଜିତା ସେଠୀ ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇ କହିଥିଲେ, ଶିକ୍ଷାନୁଷ୍ଠାନର ପ୍ରଗତିରେ ପୁରାତନ ଛାତ୍ରୀଛାତ୍ରଙ୍କ ସହଭାଗିତା ଲାଗି ରାଜ୍ୟ ସରକାର ମୋ କଲେଜ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ସମସ୍ତଙ୍କ ସହଯୋଗ ରହିବା ଆବଶ୍ୟକ। ସଂସଦର ଉପଦେଷ୍ଟା ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଥିଲେ ଯେ, ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ଶୈକ୍ଷିକ ବାତାବରଣ ଲାଗି ସମୂହ ଉଦ୍ୟମ ଜରୁରୀ। ଏଥିପ୍ରତି ସମସ୍ତ ପୂର୍ବତନ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକଙ୍କ ମଧ୍ୟ ଭୂମିକା ରହିଛି। ସମସ୍ତଙ୍କ ସହଯୋଗରେ ଏକ ଉନ୍ନତ, ଶୃଙ୍ଖଳିତ ଶିକ୍ଷାନୁଷ୍ଠାନ ଗଠନ ହୋଇପାରିବ। ସଂସଦର ପୂର୍ବତନ ସମ୍ପାଦକ ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ଏହି ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ ଲାଗି ପ୍ରସ୍ତାବ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ଠାରୁ ସଂଗୃହୀତ ଅର୍ଥ ଏବଂ ସରକାରଙ୍କ ପକ୍ଷରୁ ମିଳିଥିବା ଅନୁଦାନ ଅର୍ଥରେ କଲେଜ ପରିସରରେ ଏକ ଅଭିଲେଖାଗାର ନିର୍ମାଣ କରାଯିବ। ମୋ କଲେଜ କାର୍ଯ୍ୟକ୍ରମର ସଂଯୋଜକ ଡ.ସନ୍ତୋଷ ମିଶ୍ର ରାଜ୍ୟର ବିଭିନ୍ନ କଲେଜର ମୋ କଲେଜ ପାଣ୍ଠି ସଂଗ୍ରହ ଏବଂ ବିନିଯୋଗ ସମ୍ପର୍କରେ କହିଥିଲେ।

## ଅମୃତ ଉତ୍ସବ ଉଦ୍‌ଘାଟିତ




ଉତ୍ସବରେ ଉପସ୍ଥିତ ଅତିଥି।

**ବୋଲଗଡ଼,୪।୪(ଡି.ଏନ୍.ଏ.)**

ବୋଲଗଡ଼ ତୃତୀୟାପଡ଼ା ସ୍ଥିତ ପନ୍ଦରଦଳ ପଡିଆରେ ଶ୍ରୀଅମୃତେଶ୍ୱର ଦେବଙ୍କ ପନ୍ଦରଦୋଳ ଯାତ୍ରା ଅବସରରେ ଅମୃତ ଉତ୍ସବ-୨୦୨୨ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟିର ଅଧ୍ୟକ୍ଷ ପ୍ରଭାତ ପରିଡାଙ୍କ ସଭାପତିତ୍ୱରେ ଏହି ଉତ୍ସବର ସାଧାରଣ ସଭାକୁ ଐତିହାସିକ ରବୀନ୍ଦ୍ର କୁମାର ପରିଡା ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଜିଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂହ, ଅତିଥିଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ବୋଲଗଡ଼ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ବଡ଼କୁମାରୀ ସରପଞ୍ଚ ପ୍ରଫୁଲ୍ଲ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଉତ୍ସବର ସଭାରେ ଉପସ୍ଥିତ ଜିଲାପରିଷଦ ସଭାପତି, ସରପଞ୍ଚ, ସମିତିସଭ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୋର୍ଦ୍ଧା ସବ-ରେଜିଷ୍ଟ୍ରର ବିଜୟ କୁମାର ସେଠୀ ସମ୍ବର୍ଦ୍ଧିତ ପ୍ରତିଭା ଭାବେ ସମ୍ବର୍ଦ୍ଧିତ ହୋଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ କୁଇଜ ପ୍ରତିଯୋଗିତା ହୋଇଥିଲା। ଅଖିଳେଶ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମନୋଜ କୁମାର ପଣ୍ଡା ସହାୟତା କରିଥିଲେ।

## ରଘୁ ଦିବାକରଙ୍କ ବଳିଦାନ ଅବିସ୍ମରଣୀୟ

**ଖୋର୍ଦ୍ଧା ଅଫିସ,୪।୪**

ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ(ବିଜେବି) ଆନୁକୂଲ୍ୟରେ ଶହୀଦ ରଘୁ ଦିବାକରଙ୍କ ବଳିଦାନ ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଏସ୍.ଗୋହର ଅଲ୍ଲୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁଖ୍ୟ ବକ୍ତାଭାବେ ପ୍ରଫେସର ନାରାୟଣ ରାଓ ଯୋଗଦେଇ ବିଗତ ତିରିଶ ଦଶନ୍ଧିରେ ରଣପୁରରେ ଚାଲିଥିବା ପ୍ରଜାମେଳି ଏବଂ ରଘୁ ଦିବାକରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଥିଲେ ଯେ, ଶିକ୍ଷାବିତ୍ ତଥା ସୁସାହିତ୍ୟକ ବାଞ୍ଛାନିଧି ପଟ୍ଟନାୟକ ରଘୁନାଥ ମହାନ୍ତିଙ୍କ ୭ଟି ଏବଂ ଦିବାକର ପରିଡାଙ୍କ ୩ଟି ପୁସ୍ତକ ରଚନା କରି ଉଭୟଙ୍କ ସ୍ୱଦେଶପ୍ରୀତି, ସାମାଜିକ ସଂସ୍କାର, ସମାଜସେବା ଆଦି ଜନହିତକାର୍ଯ୍ୟ ଲୋକଲୋଚନକୁ ଆଣିଥିଲେ। ଫଳରେ ରଘୁ ଦିବାକରଙ୍କ ତ୍ୟାଗମୟ ଜୀବନ ସମ୍ପର୍କରେ ରଚନା କରି ଓଡ଼ିଆ ବାଣୀ ଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଉଥିବାରୁ ତତ୍କାଳୀନ ବ୍ରିଟିଶ ସରକାର ତାଙ୍କୁ ବିହାରର ଭାଗଲପୁର ଜେଲରେ ୧୯୪୧ ଏପ୍ରିଲ ୪ରେ ଫାଶୀ ଦେଇଥିଲେ। ଉଭୟ ଏହି ବିଦ୍ୟାଳୟର ଛାତ୍ର ଥିଲେ। ଗୋଟିଏ ଦିନରେ ଦୁଇ ଜଣ ଛାତ୍ର ଫାଶୀ ପାଇବା ଭାରତୀୟ ଇତିହାସରେ ଏକ ବିରଳ ଘଟଣା। ତେଣୁ ଭାରତ ସରକାର ଏହାକୁ ଜାତୀୟ ବିଦ୍ୟାଳୟର ମାନ୍ୟତା ଦେବା ଆବଶ୍ୟକ ବୋଲି କହିଥିଲେ। ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂ ଉଭୟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବାରେ ବ୍ରତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ ଉପସ୍ଥିତ ଥିଲେ। ଶିକ୍ଷକ ଅଞ୍ଜନ ରାୟ, ସାମାଜିକ କର୍ମୀ ରାମଶଙ୍କର, ବିମଳ ଚନ୍ଦ୍ର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନ୍ୟାୟ ଦାବିରେ ଛଟେଇ କର୍ମଚାରୀଙ୍କ ଧାରଣା

**ଜଟଣୀ,୪।୪(ଡି.ଏନ୍.ଏ.)**



ଏଫ୍‌ସିଆଇ ଡିପୋ ଆଗରେ ଛଟେଇ କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି।

ଖୋର୍ଦ୍ଧା ଜିଲା ଜଟଣୀସ୍ଥିତ ଏଫ୍‌ସିଆଇ ଡିପୋରେ କର୍ମଚାରୀଙ୍କ ଛଟେଇକୁ ନେଇ ଅସନ୍ତୋଷ ଦେଖାଯାଇଛି। ସୂଚନା ମୁତାବକ ବିଗତ ୧୨ବର୍ଷ ଧରି ଏହି ଡିପୋରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ସ୍ୱଳ୍ପ ବେତନରେ କାର୍ଯ୍ୟକରି ଆସୁଥିଲେ। କୌଣସି କାରଣରୁ ଉକ୍ତ କର୍ମଚାରୀଙ୍କୁ ଛଟେଇ ଯୋଗୁ କ୍ଷତିଗ୍ରସ୍ତ କର୍ମଚାରୀ ଲେବର କମିଶନ କୋର୍ଟ, ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟରେ ନ୍ୟାୟ ପାଇଁ ମାମଲା ଦାୟର କରିଛନ୍ତି। ତେବେ ଉକ୍ତ ମାମଲା ବିଭିନ୍ନ ଫୋରମରେ ବିଚାରାଧୀନ ରହିଛି। ସୋମବାର ଜଟଣୀ ପୋଲିସ ସହାୟତାରେ ବାହାର ଅଞ୍ଚଳର କେତେକ ଲୋକଙ୍କୁ ଉକ୍ତ ଡିପୋରେ ନିଯୁକ୍ତି ପ୍ରଦାନକୁ ନେଇ ଛଟେଇ ହୋଇଥିବା କର୍ମଚାରୀମାନେ ବିରୋଧ କରିବା ସହିତ ନ୍ୟାୟ ପାଇଁ ଧାରଣା ଦେଇଥିଲେ। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି ଧାରଣାରେ ପ୍ରକାଶ ସୁବୁଦ୍ଧି, ଶିଶିର ପରିଡ଼ା, ଜଗଲକ୍ଷ୍ମୀ ସାମନ୍ତରାୟ, ଧୀରେନ୍ଦ୍ର ଜେନା, ବାଙ୍କନିଧି ବେହେରା, ନୂତନ ଦାଶ, ବିଶ୍ୱଜିତ ବେହେରା, ଆନନ୍ଦ ମାର୍ଥା, ରାକେଶ ବେହେରା, ରବି ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।




୪।୪।୨୦୨୨

| | |
|---|---|
| ୪,୭୧,୨୯୭ ଟଙ୍କା | |
| ସୁନା | ୬୦୦ ମିଲିଗ୍ରାମ |
| ରୁପା | ୧୪.୫୦୦ ଗ୍ରାମ |

# ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

■ ନାବାଳକଙ୍କ ସମେତ ୨ ଧରାପଡ଼ିଲେ

■ ୧୧ ହଜାର ଟଙ୍କା, ୬ ମୋବାଇଲ, ୨ ବାଇକ୍ ଜବତ

**ପୁରୀ ଅଫିସ, ୪।୪:**

ପୁରୀ ଏସ୍‌ଟିଏଫ୍ ଏବଂ ବାସେଳିସାହି ଥାନା ପୋଲିସ ମିଳିତ ଭାବେ ଚଢାଉ କରି ସୋମବାର ୨ ଆନ୍ତଃ ଜିଲା ବ୍ରାଉନସୁଗାର ବେପାରୀଙ୍କୁ ଧରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଅଧୀନ ଗୁରୁଜଙ୍ଗ ଅଞ୍ଚଳର ସର୍ବେଶ୍ୱର ବେହେରା ଓରଫ ବାପି (୩୨) ଏବଂ ଅନ୍ୟ ଜଣେ ନାବାଳକ। ସର୍ବେଶ୍ୱରଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକଙ୍କୁ ଜୁଭେନାଇଲ କୋର୍ଟକୁ ପଠାଯାଇଛି। ଏ ନେଇ ସୋମବାର ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ସୂଚନା ଦେଇଛନ୍ତି।



ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ ।

ଅତିରିକ୍ତ ଏସ୍‌ପି କହିଛନ୍ତି, ଅଭିଯୁକ୍ତ ଦ୍ୱୟଙ୍କଠାରୁ ନଗଦ ୧୧ ହଜାର ଟଙ୍କା, ୬ଟି ମୋବାଇଲ ଫୋନ ସହ ଦୁଇଟି ବାଇକ୍ ଏବଂ ୧୧୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ। ଏ ନେଇ ଏକ କେସ୍ (ନଂ. ୭୮/୨୨) ରୁଜୁ କରାଯାଇଛି। ଅଭିଯୁକ୍ତ ଦ୍ୱୟ ଅଧିକାଂଶ ସମୟରେ ପୁରୀ ଆସି ବ୍ରାଉନସୁଗାର ବେପାର କରିଥାନ୍ତି। ଶନିବାର ବିଳମ୍ବିତ ରାତିରେ ଦୁହେଁ ବ୍ରାଉନସୁଗାର ବିକ୍ରି କରୁଥିବା ଖବର ପୋଲିସ ପାଖରେ ପହଞ୍ଚିଥିଲା। ବାସେଳିସାହି ପୋଲିସ ଏବଂ ଏସ୍‌ଟିଏଫ୍ ମିଳିତ ଭାବେ ସେଠାରେ ଚଢାଉ କରି ଦୁହିଁଙ୍କୁ ଧରିଥିଲା।

## ପାରିବାରିକ ବିବାଦରୁ ୨ ପରିବାର ମଧ୍ୟରେ ଗଣ୍ଡଗୋଳ

**ନିମାପଡ଼ା,୪।୪(ଡି.ଏନ୍.ଏ.):**

ଚାରିଛକ ଫାଣ୍ଡି ଅନ୍ତର୍ଗତ ବାହାରେଣା ଗ୍ରାମରେ ପାରିବାରିକ ବିବାଦକୁ ନେଇ ରବିବାର ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ବିବାଦର ସମାଧାନ ପାଇଁ ଗ୍ରାମରେ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଆଲୋଚନା ଚାଲିଥିବା ବେଳେ ଏହି ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପରିବାରର ୫ଜଣ ବ୍ୟକ୍ତି ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ଗୋଟିଏ ପରିବାରର ଭବାନୀ ଭୋଇ ୨ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଥିବା ବେଳେ ଅନ୍ୟ ପରିବାରର ସୁଖିନା ଭୋଇ ୫ଆକ୍ରମଣକାରଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ପୃଥକ ଭାବେ ଉଭୟ ପରିବାରର ୭ଜଣଙ୍କ ବିରୋଧରେ ୨ଟି ମାମଲା(ନଂ.୧୦୦, ୧୦୧/୨୨) ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗିରଫ ଭୟରେ ଆକ୍ରମଣକାରୀମାନେ ଗ୍ରାମରୁ ଫେରାର ହୋଇଯାଇଛନ୍ତି।

## ସଂକ୍ଷେପରେ

### ପୋଲିସ, ଜନତାଙ୍କ ମଧ୍ୟରେ ସୁସମ୍ପର୍କ ରହୁ

କୋଣାର୍କ,୪।୪(ଡି.ଏନ୍.ଏ.): କୋଣାର୍କ ଥାନା ପରିସରରେ ସୋମବାର ଆମ ପୋଲିସ ସମିତିର ସଭାପତି ରାମକୃଷ୍ଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, ଆଇନଜୀବୀ ତପନ ପଟ୍ଟନାୟକ, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍.ଏ. ଶାହ ଅନ୍‌ସାରୀ, ପୂର୍ବତନ କାଉନସିଲର ପଦ୍ମଚରଣ ବେଉରା ଓ କୋଣାର୍କ ଥାନା ସବ୍ ଇନ୍ସପେକ୍ଟର ଦୀପକ ସାମନ୍ତରାୟ ପ୍ରମୁଖ ଯୋଗଦେଇ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତି ପଞ୍ଚାୟତରେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂ କଡାକଡି, ଟ୍ରାଫିକ ସମସ୍ୟା ନିରାକରଣ, ବ୍ରାଉନସୁଗାର ଓ ନିଶା କାରବାର ଉପରେ ରୋକ ଲଗାଇବା ଆଦି ପ୍ରସ୍ତାବ ବୈଠକରେ ଆଲୋଚନା ହୋଇଥିଲା। କୁରୁଜଙ୍ଗ, ଅବଦାନ, ସିମିଳି ସମେତ ବିଭିନ୍ନ ପଞ୍ଚାୟତ, କୋଣାର୍କ ଏନ୍‌ଏସିର ନାଗରିକ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

### ରାସ୍ତା ସାରା ଫାଟ

କଣାସ,୪।୪(ସ୍ୱ.ପ୍ର.):ବିଜିପୁରଠାରୁ ଜଙ୍ଘାର ପର୍ଯ୍ୟନ୍ତ ରାସ୍ତା ୩ବର୍ଷ ତଳେ ତିଆରି ହୋଇଥିଲା। କିଛିଦିନ ପରେ ଉକ୍ତ ରାସ୍ତାରେ ଫାଟ ଦେଖାଦେଇଥିଲା। ସେତେବେଳେ ମରାମତି କରାଯାଇଥିଲେ ମଧ୍ୟ ଏବେ ପୁଣି ଫାଟ ସୃଷ୍ଟି ହେଲାଣି। ଫଳରେ ଯାତାୟାତରେ ସମସ୍ୟା ହେବା ସହ ଦୁର୍ଘଟଣା ଘଟୁଛି। ତୁରନ୍ତ ରାସ୍ତା ମରାମତି ପାଇଁ ଦାବି ହେଉଛି। ଏ ନେଇ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରା କହିଛନ୍ତି, ଶୀଘ୍ର ରାସ୍ତା ମରାମତି କରାଯିବ।

### ୪ର୍ଥ ଥର ଗଡ଼ିଲା କରୋନା ଟିକାକରଣ ସଚେତନତା ରଥ

କୋଣାର୍କ,୪।୪(ଡି.ଏନ୍.ଏ.): ରାଜ୍ୟ ସରକାର, ଆକ୍ସନ୍ ଏଡ୍, ୟଙ୍ଗ ଇଣ୍ଡିଆ ଏବଂ ରେଡିଓ ନମସ୍କାର ମିଳିତ ଉଦ୍ୟମରେ କରୋନା ସଚେତନତା ରଥ ଉଦ୍‌ଘାଟିତ ହୋଇଛି। କରୋନା, ପାରିବାରିକ ହିଂସା, ବାଲ୍ୟବିବାହ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆଶୀର୍ବାଦ ଯୋଜନା ଏବଂ ଗ୍ରୀଷ୍ମପ୍ରବାହରୁ ରକ୍ଷା ନେଇ ଲୋକଙ୍କୁ ସଚେତନ କରାଯିବ ବୋଲି ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍.ଏ. ଶାହ ଅନ୍‌ସାରୀ କହିଛନ୍ତି। କାର୍ଯ୍ୟକ୍ରମରେ କାକଟପୁର ବିଡିଓ ଡ. ତୁଷାର ଜ୍ୟୋତି ରଞ୍ଜନ, ଥାନା ଅଧିକାରୀ ରଞ୍ଜନ ମଲ୍ଲିକ, ଶିକ୍ଷା ଅଧିକାରୀ ମନ୍ଦରଧର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ବିଭିନ୍ନ ଗ୍ରାମ ବୁଲିଲା ଶିକ୍ଷା ସଚେତନତା ରଥ

କଣାସ/ସାକ୍ଷୀଗୋପାଳ/ଡେଲାଙ୍ଗ/ଗୋପ/କାକଟପୁର,୪।୪(ସ୍ୱ.ପ୍ର./ଡି.ଏନ୍.ଏ.): ଦୀର୍ଘ ୨ ବର୍ଷ ପରେ ବିଦ୍ୟାଳୟ ଖୋଲିଛି। ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଆଗମନ ଓ ଅଭିଭାବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଶିକ୍ଷା ଅଭିଯାନ ନିର୍ଦ୍ଦେଶାନୁଯାୟୀ କଣାସ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ଶିକ୍ଷା ସଚେତନତା ରଥ ବ୍ଲକର ବିଭିନ୍ନ ଗ୍ରାମ ଓ ବିଦ୍ୟାଳୟ ବୁଲିଥିଲା। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟଠାରୁ ଲେଖକ ବିଭୂତି ଭୂଷଣ ପଟ୍ଟନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ୫ଟି ସାଧନକେନ୍ଦ୍ରରେ ଶିକ୍ଷାରଥ ସଚେତନତାର ବାର୍ତ୍ତା ପ୍ରଚାର କରାଯାଇଛି। ସେହିପରି ସାକ୍ଷୀଗୋପାଳରେ ବୀରଗୋବିନ୍ଦପୁର ବିଇଓଙ୍କ କାର୍ଯ୍ୟାଳୟଠାରୁ ବିଇଓ ଭବମ ପ୍ରଧାନଙ୍କ ଦ୍ୱାରା ରଥ ଉଦ୍‌ଘାଟିତ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରିଛି। ଡେଲାଙ୍ଗ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ଶିକ୍ଷା ସଚେତନତା ରଥ ବାହାରିଛି। ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ଉପାଧ୍ୟକ୍ଷ ବିଭିନ୍ନ ଗ୍ରାମ, ବିଦ୍ୟାଳୟ ବୁଲି ସମସ୍ତଙ୍କୁ ସଚେତନ କରାଇଥିଲେ। ଗୋପ ବ୍ଲକରେ ୨୦ଟି କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥ ବୁଲି  ବୋଲି ବିଇଓ ରମେଶ ଚନ୍ଦ୍ର ଦାଶ କହିଛନ୍ତି। ସେହିପରି କାକଟପୁର ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରୁ ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ବିଡିଓ ତୁଷାର ଜ୍ୟୋତି ରଞ୍ଜନ ପତକା ଦେଖାଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

# ମନ ମୋହିଲା ନାଟକ, ନାଚଗୀତ



ଜାଗୃତି ମହୋତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

## ଜାଗୃତି ମହୋତ୍ସବ ଉଦ୍‌ଯାପିତ

**ପିପିଲି,୪।୪(ସ୍ୱ.ପ୍ର.):**

ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ପିପିଲି ବଜାର ମେଳଣ ପଡିଆରେ ଚାଲିଥିବା ତ୍ରୟୋଦଶ ଜାଗୃତି ମହୋତ୍ସବ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥି ଭାବେ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେଇ ଅନୁଷ୍ଠାନର ଏହି ରାଷ୍ଟ୍ରନୀତି ପ୍ରୟାସକୁ ବେଶ୍ ପ୍ରଶଂସା କରିଥିଲେ। ଏଥିସହ ଅନୁଷ୍ଠାନର ସାମାଜିକ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁବ ଛାତ୍ରୀଛାତ୍ର ଓ କଳାକାରଙ୍କୁ ସେ ସମ୍ମାନିତ କରିଥିଲେ। ଜାଗୃତି ସାଂସ୍କୃତିକ ଯୁବ ସଂଗଠନର ସଭାପତି ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ସିନେ କଳାକାର ଅମରଜିତ୍ ମିଶ୍ର, ସୁଚରିତା ସ୍ୱାଇଁ, କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ର, ହାସ୍ୟ ଅଭିନେତା ପ୍ରତାପ, ସିନେ ନିର୍ଦ୍ଦେଶକ ହେମନ୍ତ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବର ଶେଷ ସନ୍ଧ୍ୟାରେ କଳାକାରଙ୍କ ବିଭିନ୍ନ ନୃତ୍ୟ ସହ ନାଟକ ଦର୍ଶକଙ୍କୁ ବାନ୍ଧି ରଖିପାରିଥିଲା।

ପ୍ରାରମ୍ଭରୁ ଭଏସ୍ ଅଫ୍ ଜାଗୃତି କାର୍ଯ୍ୟକ୍ରମ କରାଯାଇଥିବା ବେଳେ ସିନିୟର ଓ ଜୁନିୟରରେ ପ୍ରଥମ ସ୍ଥାନ ପାଇଥିବା ବର୍ଷାରାଣୀ ବଳ ଓ ପିଆଲି ପ୍ରିୟଦର୍ଶିନୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଙ୍ଗୀତ ଅଧ୍ୟାପକ ସଚିକାନ୍ତ ନାୟକ ଓ କଣ୍ଠଶିଳ୍ପୀ ସର୍ବେଶ୍ୱର ବୈଠାରୁ ସଙ୍ଗୀତ ପରିବେଷଣ କରିଥିଲେ। ପରେ ସ୍ଥାନୀୟ ଅଞ୍ଚଳର କୃଷି କ୍ଷେତ୍ରରେ ସଫଳତା ହାସଲ କରିଥିବା ମହିଳା ଚାଷୀ ଉଲ୍ଲାସ ବେହେରାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଲୋକକଳା ନୃତ୍ୟ, ଘୋଡା ନାଚ ଆଦି ପରିବେଷଣ କରାଯାଇଥିବା ବେଳେ ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ରାଣ୍ଡିପୁଅ ଅନନ୍ତା' ନାଟକ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ବିଭୂତି ସାମନ୍ତରାୟ, ଉପଦେଷ୍ଟା ରମେଶ ଚନ୍ଦ୍ର ଶତପଥୀ, ରଘୁନାଥ ଜେନା, ବାମଦେବ ମିଶ୍ର, କୋଷାଧ୍ୟକ୍ଷ ମାନସ ମହାପାତ୍ର, ସଦସ୍ୟ ସମ୍ପଦ ମହାପାତ୍ର, ବିକାଶ ଅଗ୍ରୱାଲ, ପ୍ରଫୁଲ୍ଲ ସାହୁ, ପ୍ରଫୁଲ୍ଲ କୁମାର ଦାସ, ଅଶୋକ ସାହୁ, ପ୍ରଭାତ ବେହେରା, ଚନ୍ଦନ ମହାନ୍ତି, ସୁଶୀଲ ମିଶ୍ର, ଜୀବନଜୟ ରାଉତରାୟଙ୍କ ସହ ସମସ୍ତ ସଭ୍ୟାସଭ୍ୟ ସହଯୋଗ କରି ପରିଚାଳନା କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ରାଜନୈତିକ ଦଳ

**ଶ୍ରୀମନ୍ଦିର ରୋଷଘରେ ଚୁଲିଭଙ୍ଗା ଘଟଣା**

■ହେରିଟେଜ୍ କ୍ୟାବିନେଟ୍ ବୈଠକ ଡକାଯାଉ

■ଲୋକଙ୍କ ଆସ୍ଥାର କଥା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେଉ

**ଭୁବନେଶ୍ୱର,୪।୪ (ବ୍ୟୁରୋ):**

ଶ୍ରୀମନ୍ଦିର ରୋଷଘରେ ଚୁଲିଭଙ୍ଗା ଘଟଣାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଉଥିବାବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ହେରିଟେଜ ବୈଠକ ଡାକି ଘଟଣାର ବଡ଼ଧରଣର ତଦନ୍ତ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି। ଲୋକଙ୍କ ଆସ୍ଥା ଓ ବିଶ୍ୱାସର କଥା, ତୁରନ୍ତ କାର୍ଯ୍ୟାନୁଷ୍ଠାନ ସହ ଶ୍ରୀମନ୍ଦିରର ସୁରକ୍ଷା କରାଯାଉ ବୋଲି ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି।

ସୋମବାର ସମାଜବାଦୀ ପାର୍ଟିର ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଦାବି ଜଣାଇଛନ୍ତି। ସେ ତାଙ୍କ ଚିଠିରେ ଲେଖିଛନ୍ତି ଯେ, ଜଗନ୍ନାଥଙ୍କ ରୋଷେଇ ଘର ମାଲିକ ହେଉଛନ୍ତି ମହାଲକ୍ଷ୍ମୀ। ତାଙ୍କ ଚୁଲିକୁ ଭାଙ୍ଗି ଦୁର୍ବୃତ୍ତମାନେ ଓଡ଼ିଆ ଜାତି ମୁହଁରେ କେବଳ କଳା ବୋଳିନାହାନ୍ତି, ସମଗ୍ର ଜଗନ୍ନାଥ ସଂସ୍କୃତିକୁ ବିଶ୍ୱ ସମ୍ମୁଖରେ ଅପମାନିତ କରିଛନ୍ତି। ଏହା ମହାପ୍ରଭୁ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କ କୋଟି କୋଟି ଭକ୍ତଙ୍କୁ ଆଘାତ ଦେଇଛି। ଜଗନ୍ନାଥଙ୍କୁ ନେଇ ବିଗତ କିଛିବର୍ଷ ଧରି ଯେଉଁ ଦୁର୍ବୃତ୍ତମାନେ ବାରମ୍ବାର ଏଭଳି ଖେଳ ଖେଳୁଛନ୍ତି, ନିଜର ବ୍ୟକ୍ତିଗତ ଲାଭ, ପ୍ରତିଷ୍ଠା ଓ ବେପାର ବଣିଜକୁ କେନ୍ଦ୍ରକରି ଜଗନ୍ନାଥ ସଂସ୍କୃତି ଓ ଜଗନ୍ନାଥ ମନ୍ଦିରକୁ ଯେଉଁଭଳି ନିନ୍ଦିତ କରାଯାଉଛି, ତାହାକୁ ସପା ଘୋର ନିନ୍ଦା କରୁଛି। ସରକାର ତୁରନ୍ତ ହେରିଟେଜ୍ କ୍ୟାବିନେଟ୍ ବୈଠକ ଡାକି ଘଟଣା ଉପରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରନ୍ତୁ ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ କଡା ପଦକ୍ଷେପ ନିଅନ୍ତୁ। ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବରେ ହସ୍ତକ୍ଷେପ କରି ସବୁଦିନ ପାଇଁ ଏଭଳି ଘଟଣାରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ବେହେରା ଦାବି କରିଛନ୍ତି।

ଅପରପକ୍ଷେ, ସିପିଆଇ(ଏମ୍) ପକ୍ଷରୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜଗନ୍ନାଥ ମିଶ୍ର କହିଛନ୍ତି, ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସମସ୍ତେ ଭକ୍ତି ଜଣାଉଛନ୍ତି। ଏହା ବିଶ୍ୱବାସୀଙ୍କ ବିଶ୍ୱାସ ଓ ଆସ୍ଥାର କଥା। ମାତ୍ର ତାଙ୍କ ଚୁଲିକୁ ଭାଙ୍ଗିବା ସବୁଠୁ ଦୁଃଖଦ ଘଟଣା। ଏହାକୁ ନେଇ ଚାରିଆଡେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ମିଶ୍ର କହିଛନ୍ତି।

## ଘୋରଡ଼ିଆ ଦୟଣା ଚୋରି ମେଳଣ ପାଇଁ ପ୍ରସ୍ତୁତି

**ଡେଲାଙ୍ଗ,୪।୪(ଡି.ଏନ୍.ଏ.):**

ଡେଲାଙ୍ଗ ବ୍ଲକ ଘୋରଡ଼ିଆର ପ୍ରସିଦ୍ଧ ଦୟଣା ଚୋରି ମେଳଣ ପାଇଁ ପ୍ରସ୍ତୁତି ବୈଠକ ଘନିପୁର ପଞ୍ଚାୟତ ପାଠାଗାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ଓ ମୁସଲମାନଙ୍କ ସମନ୍ୱୟରେ ଏହି ମେଳଣ ହୋଇଥାଏ। ଆସନ୍ତା ୧୫ତାରିଖରେ ଜମାଣ ଉତ୍ସବ ହେବ। ବ୍ଲକ ପ୍ରଶାସନ ଓ ଆଞ୍ଚଳିକ ସମନ୍ୱୟ କମିଟି, ରାଧାକାନ୍ତ ଦେବ ଓ ରାଧାମୋହନ ଦେବ ମଠର ପରିଚାଳନା ସଭାପତିଙ୍କ ଉପସ୍ଥିତିରେ ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ତହସିଲଦାର ନିବେଦିତା ପରିଡା ଯୋଗଦେଇଥିଲେ। ସୁରକ୍ଷା, ପାନୀୟଜଳ, ପରିମଳ, ବିଦ୍ୟୁତ୍ ଯୋଗାଣ ନେଇ ଆଲୋଚନା କରାଯାଇଥିଲା। ବ୍ୟବସାୟୀଙ୍କୁ ମେଳଣ ପଡିଆ ପରିସରରୁ ହଟାଇ ଅନ୍ୟତ୍ର ବସାଇବା ପାଇଁ ପ୍ରଶାସନ ଓ କମିଟି ପକ୍ଷରୁ ସ୍ଥାନ ନିରୂପଣ କରାଯାଇଥିଲା। ବୈଠକରେ ସରପଞ୍ଚ ପ୍ରତିମା ପାତ୍ର, ଅନ୍ନପୂର୍ଣ୍ଣା ବେହେରା, ସମିତି ସଭ୍ୟା ରାଜଲକ୍ଷ୍ମୀ ବେହେରା, ଆଞ୍ଚଳିକ ସମନ୍ୱୟ କମିଟି ସଭାପତି ପ୍ରକାଶ ପାତ୍ର, ସଦସ୍ୟ ଶଶିଶେଖର ରାଏ, ରବୀନ୍ଦ୍ର ଦାଶ, ରମେଶ ପାଟଶାଣୀ, ପ୍ରଭାତି ବେହେରା, ଘନିପୁର ପଞ୍ଚାୟତର ନିର୍ବାହୀ ଅଧିକାରୀ ଅନିରୁଦ୍ଧ ସ୍ୱାଇଁ, ରାଧାକାନ୍ତ ମଠର ସଭାପତି ପ୍ରକାଶ ମଙ୍ଗରାଜ, ରାଧାମୋହନ ମଠର ସଭାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଠିକା ସଂସ୍ଥା ବିରୋଧରେ ଏତଲା

## ଇଏସ୍‌ଆଇ, ଇପିଏଫ୍ ଅର୍ଥ ଠକିଥିବା ଅଭିଯୋଗ

**ପୁରୀ ଅଫିସ, ୪।୪:**

ଇଏସ୍‌ଆଇ ଏବଂ ଇପିଏଫ୍ ଠକିଥିବା ଠିକା ସଂସ୍ଥା ବିରୋଧରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଠିକା କର୍ମଚାରୀ ସଂଘ ପକ୍ଷରୁ ସୋମବାର କୁମ୍ଭାରପଡ଼ା ଥାନାରେ ଏତଲା ଦିଆଯାଇଛି। ଏଥିସହ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘ ସଭାପତି ଶରତ କୁମାର ରାୟଗୁରୁ, ସମ୍ପାଦକ ଅନିଲ ସୁବୁଦ୍ଧି, ତ୍ରିନାଥ ଭୋଇ, ମଧୁ ସାହୁ, ତପନ ଜେନା, ମାଣିକ ନାୟକ, ଲତା ନାୟକ, ଲଳିତ ଶ୍ରୀଚନ୍ଦନ, ବିଶ୍ୱଜିତ ସେଠୀ, ତପନ ଭୋଇ ଏବଂ ଅନନ୍ତ ରଥ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

ଏତଲାରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ଆଟେଣ୍ଡାଣ୍ଟ, ସୁଇପର, ଡ୍ରାଇଭର, ହେଲ୍ପ ଡେସ୍କ, ଡାଟା ଏଣ୍ଟ୍ରି ଅପରେଟର ପ୍ରଭୃତି ପଦ ପାଇଁ କଟକର ସର୍ଭିସ ପ୍ରୋଭାଇଡର ସଂସ୍ଥା ନିରାକାର ସିକ୍ୟୁରିଟି ସର୍ଭିସ ମାଧ୍ୟମରେ ନିର୍ମଳ ଓ ନିର୍ମଳପ୍ଲସ ଯୋଜନାରେ କର୍ମଚାରୀଙ୍କୁ ଠିକା ନିଯୁକ୍ତି ମିଳିଥିଲା। ଉକ୍ତ ଠିକା ସଂସ୍ଥା ଅଧୀନରେ କର୍ମଚାରୀମାନେ କୋଭିଡ୍ ସମୟରେ କାମ କରିଥିଲେ। ତେଣୁ ନିୟମ ଅନୁଯାୟୀ ଦୁଇଟି ପ୍ରୋତ୍ସାହନ ରାଶି (ଇନ୍‌ସେନଟିଭ) ମିଳିବା କଥା, ମାତ୍ର ଆଜି ପର୍ଯ୍ୟନ୍ତ ଗୋଟିଏ ବି ପ୍ରୋତ୍ସାହନ ରାଶି ମିଳିନାହିଁ। ସେହିପରି ସଂସ୍ଥା ପକ୍ଷରୁ ପ୍ରତି ମାସ ଦରମାରୁ ୪ଦିନ ଦରମା କଟାଯାଉଛି। ସଂସ୍ଥା ଇପିଏଫ୍, ଇଏସ୍‌ଆଇ ଅର୍ଥ ଆନୁପାତିକ ଭାବେ ଭରୁନାହିଁ, ଫଳରେ କର୍ମଚାରୀ ଓ ତା'ର ପରିବାର ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତ୍ୟେକ ମାସରେ ସଂସ୍ଥା ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛି। ପ୍ରଶାସନ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଠିକା କର୍ମଚାରୀମାନେ ଶୋଷଣର ଶିକାର ହେଉଛନ୍ତି ବୋଲି ସଂଘ ଅଭିଯୋଗ କରିଛି।




ମେଡିକାଲ ଠିକା କର୍ମଚାରୀ ସଂଘ ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଉଛି ।

# ଶ୍ରୀଅରବିନ୍ଦଙ୍କ ଜାଗରଣ ରଥକୁ ସ୍ୱାଗତ



ପୁରୀଠାରେ ଶ୍ରୀଅରବିନ୍ଦଙ୍କ ଜାଗରଣ ରଥକୁ ସ୍ୱାଗତ କରାଯାଉଛି ।

**ପିପିଲି/ସାକ୍ଷୀଗୋପାଳ,୪।୪(ସ୍ୱ.ପ୍ର.):**

ଭାରତୀୟ ମୁକ୍ତି ସଂଗ୍ରାମର ମହାନାୟକ, ମହାଯୋଗୀ ଶ୍ରୀଅରବିନ୍ଦଙ୍କର ୧୫୦ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା ଅତିମାନସ ଚେତନା ଜାଗରଣ ରଥକୁ ପିପିଲିରେ ସ୍ୱାଗତ କରାଯାଇଛି। ସୋମବାର ସ୍ଥାନୀୟ ପଣ୍ଡା ବଜାରରେ ଶ୍ରୀଅରବିନ୍ଦଙ୍କ ରଥକୁ ପିପିଲି ମାତୃସଦନ ପରିବାରର ମୁଖ୍ୟ ଇଂ. ରମେଶ ଚନ୍ଦ୍ର ଶତପଥୀଙ୍କ ନେତୃତ୍ୱରେ ପିପିଲି ହାଇସ୍କୁଲ, ଜବାହର ବିଦ୍ୟାପୀଠ ଓ ପିପିଲି କଲେଜର ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ସ୍ୱାଗତ କରିବା ସହ ଏକ ଶୋଭାଯାତ୍ରାରେ ପିପିଲି ନୋଡାଲ ହାଇସ୍କୁଲ ଖେଳପଡିଆକୁ ପାଛୋଟି ନେଇଥିଲେ। ସେଠାରେ ବିଡିଓ ରଶ୍ମିତା ନାଥ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଏନ୍‌ଏସି ପୌରାଧ୍ୟକ୍ଷ ସେକ୍ ବାବୁ, ଦେବାଶିଷ ନନ୍ଦ, ଅଧ୍ୟାପକ ଆଦିତ୍ୟ ପ୍ରସାଦ ରଥଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଆୟୋଜିତ ସଭାରେ ସୁକାନ୍ତ ଜେନା, ସଞ୍ଜୟ ମହାପାତ୍ର, ଗଙ୍ଗୋତ୍ରୀ ପାତ୍ର ପ୍ରମୁଖ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରେ ଏହି ରଥ ସତ୍ୟବାଦୀ ବ୍ଲକକୁ ଯାଇଥିଲା। ସେଠାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ ପଣ୍ଡା, ବିକ୍ରମ ଜେନା, ଶିକ୍ଷକ ବିଜୟ ପ୍ରଧାନଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟମାନେ ରଥକୁ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡକୁ ପାଛୋଟି ନେଇଥିଲେ। ପରେ ବଜାର ପରିକ୍ରମା କରି ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ବିଭିନ୍ନ ସ୍କୁଲର ଏନ୍‌ସିସି ଓ ସ୍କାଉଟ ଛାତ୍ରୀଛାତ୍ରମାନେ ଶ୍ରୀଅରବିନ୍ଦଙ୍କ ସଚେତନତା ବାର୍ତ୍ତା ଥିବା ପ୍ଲାଗକାର୍ଡ ଧରି ସ୍ଲୋଗାନ ଦେଇ ସଚେତନ କରିଥିଲେ।

## ୧୨୭ ୟୁନିଟ ରକ୍ତ ସଂଗ୍ରହ

**ପୁରୀ ଅଫିସ, ୪।୪:**

ଓଡ଼ିଶା ମୋ' ପରିବାରର ଜୀବନବିନ୍ଦୁ ଏବଂ ଆଶ୍ୱସ୍ତି ଫାଉଣ୍ଡେଶନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମଙ୍ଗଳାଘାଟସ୍ଥିତ ଆଶ୍ୱସ୍ତି ଫାଉଣ୍ଡେଶନ ପରିସରରେ ପୁରୀ ବ୍ଲଡ ବ୍ୟାଙ୍କ ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ଜୁଡିସିଆଲ ମାଜିଷ୍ଟ୍ରେଟ ରଜତ କୁମାର ପଣ୍ଡା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି, ବାସେଳିସାହି ଥାନା ଭାରପ୍ରାପ୍ତ ଅଧିକାରୀ କୁଳମଣି ସେଠୀ, ଶ୍ରୀମନ୍ଦିର ସୁପରଭାଇଜର ବଳ୍ପି ରାମଚନ୍ଦ୍ର ପ୍ରତିହାରୀ, ଅନୁଷ୍ଠାନର ପ୍ରତିଷ୍ଠାତା ମିତାରାଣୀ ପଣ୍ଡା ଯୋଗଦେଇଥିଲେ। ୧୨୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଅନୁଷ୍ଠାନର ସଭାପତି ଦୀପକ କୁମାର ପଣ୍ଡା ଓ ଜୀବନବିନ୍ଦୁ ସହସଂଯୋଜକ ଭଗବାନ ପଢ଼ିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ଡେଲାଙ୍ଗ, ୪।୪(ଡି.ଏନ୍.ଏ.):**

ଡେଲାଙ୍ଗ ପଞ୍ଚାୟତର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟଧାରା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅଧ୍ୟକ୍ଷା ବାସନ୍ତୀ ସାହୁଙ୍କ ସଭାପତିତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଡିଡିଆରଡିଏ ଜ୍ୟୋତିଶଙ୍କର ମହାପାତ୍ର, ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ ଷଡଙ୍ଗୀ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ ନାୟକ, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବା ଓ ଅଧାଗଢା ଅବସ୍ଥାରେ ପଡିରହିଥିବା ଅଙ୍ଗନୱାଡି କାର୍ଯ୍ୟ ଶେଷ କରିବା, ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଦିଗରେ ଗୁରୁତ୍ୱ, ପଞ୍ଚାୟତସ୍ତରୀୟ ମିଶନ ଶକ୍ତି ଗୃହଗୁଡିକୁ ଉନ୍ନତମାନର କରିବା, ବିଭିନ୍ନ ପଞ୍ଚାୟତରେ ଥିବା ପାର୍କର ରକ୍ଷଣାବେକ୍ଷଣ ଦିଗରେ ଧ୍ୟାନ ଦେବା ଓ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟାର ସମାଧାନ ଦିଗରେ ପ୍ରତ୍ୟେକ ମିଳିମିଶି କାର୍ଯ୍ୟ କରିବା ଆବଶ୍ୟକ ବୋଲି ପିଡିଡିଆରଡିଏ ଜନପ୍ରତିନିଧିମାନଙ୍କୁ ମନ୍ତବ୍ୟ ଦେଇଥିଲେ। ଖେଲାଡର, ସାଉରିଆ, ଜେନାପୁର, ଗଡମୋଟରୀ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମସ୍ୟା, ଯାତାୟାତ ପାଇଁ ରାସ୍ତାଘାଟ ସମସ୍ୟା ନେଇ ସରପଞ୍ଚମାନେ ଦୃଷ୍ଟି ଆକର୍ଷଣ କରିଥିଲେ।

# ମଦ ଦୋକାନକୁ ଲାଇସେନ୍ସ ପ୍ରତିବାଦରେ ରାସ୍ତାରୋକୋ

**କାକଟପୁର,୪।୪(ଡି.ଏନ୍.ଏ.):**

କାକଟପୁର ବ୍ଲକ କଣ୍ଠାପଡା ପଞ୍ଚାୟତର ବଳରା ଗ୍ରାମରେ  ଠିପି ଖୋଲା ମଦ ଦୋକାନ ଖୋଲିବା ପାଇଁ ସରକାରଙ୍କ ତରଫରୁ ଲାଇସେନ୍ସ ମିଳିବାକୁ ନେଇ ଗ୍ରାମବାସୀ ସୋମବାର ପୁଣିଥରେ ରାସ୍ତାକୁ ଓହ୍ଲାଇ ଅବରୋଧ କରିଥିଲେ। ଖବରପାଇ ତହସିଲଦାର ବିରଞ୍ଚି ନାରାୟଣ ବେହେରା ଅପରାହ୍ନ ପ୍ରାୟ ୪ଟା ପରେ ଘଟଣାସ୍ଥଳରେ ପହଞ୍ଚି ଜିଲାପାଳଙ୍କ ସହିତ ଆଲୋଚନା କରିବା ପରେ ଅନିର୍ଦ୍ଦିଷ୍ଟ ସମୟ ପାଇଁ ମଦ ଦୋକାନ ଖୋଲିବା ଉପରେ ରୋକ ଲଗାଯିବ ବୋଲି କହିଥିଲେ। ଏଥିସହ ପୁନର୍ବାର ତଦନ୍ତ କରାଯାଇ ତା'ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି




ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି ।

ପ୍ରତିଶ୍ରୁତି ଦେବାପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଧାରଣାରୁ ହଟିଥିଲେ। ଏହାପରେ ଯାନବାହନ ଯାତାୟାତ ପରିସ୍ଥିତି ସ୍ୱାଭାବିକ ହେଇଥିଲା। ସୂଚନାଯୋଗ୍ୟ, ବଳରା ଗ୍ରାମରେ ପୂର୍ବରୁ ମଦ ଦୋକାନ ଖୋଲିବା ଯୋଜନା ଚାଲିଥିବା ବେଳେ ଗ୍ରାମବାସୀ ବିରୋଧ କରି ରାସ୍ତାରୋକୋ କରିଥିଲେ। ହେଲେ କିଛି ଦିନ ପରେ ଉକ୍ତ ଗ୍ରାମରେ ମଦ ଦୋକାନ ଖୋଲିବାକୁ ନେଇ ଲାଇସେନ୍ସ ମିଳିଥିବା ଗ୍ରାମବାସୀ ଜାଣିଥିଲେ। ଫଳରେ ସେମାନେ ଉତ୍ତ୍ୟକ୍ତ ହୋଇ ସୋମବାର ବଳରା ଗ୍ରାମର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଧାରଣାର ନେତୃତ୍ୱ ବିପିନି ଜେନା, ତପନ କାଣ୍ଡି, ସୌମ୍ୟକାନ୍ତ ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତି ପ୍ରମୁଖ ନେଇଥିଲେ। ପୋଲିସ ବାହିନୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ପ୍ରାୟ ୬ଘଣ୍ଟା ଧରି ମୁଖ୍ୟ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ଯୋଗୁ ସାଧାରଣ ଲୋକେ ବ୍ୟତିବ୍ୟସ୍ତ ହୋଇପଡିଥିଲେ।

**ସାଲେପୁର ହାଇୱା ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ**

ସାଲେପୁର, (ଡି.ଏନ୍.ଏ.): ବିଶେଶ୍ୱର ମନ୍ଦିର ପରିସରରେ ସାଲେପୁର ହାଇୱା ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଛି। ଦିଲୀପ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସାଲେପୁର ହାଇୱା ସଂଘର ସଭାପତି ଭାବେ ଆଶିଷ ଭୂୟାଁ, ଉପସଭାପତି ସଞ୍ଜିତ୍ କୁମାର, ସମ୍ପାଦକ ଭାଗବତ ପ୍ରସାଦ କର, ସହସମ୍ପାଦକ ଅବଦୁଲ ଜାଫର ଓ କୋଷାଧକ୍ଷ ଭାବେ ହାଡ଼ିବନ୍ଧୁ ବେହେରା ମନୋନୀତ ହୋଇଛନ୍ତି। ଉପଦେଷ୍ଟା ମଣ୍ଡଳୀରେ ନନ୍ଦକିଶୋର ଭୂୟାଁ, ଦିବ୍ୟରଞ୍ଜନ ସାହୁ, ଦିଲୀପ କୁମାର ମଲ୍ଲିକ, ହରିଶ୍ଚନ୍ଦ୍ର ଭୂୟାଁ, ଆନନ୍ଦ ଭୂୟାଁ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ସାଲେପୁର ଅଞ୍ଚଳର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ହାଇୱା ମାଲିକ ଯୋଗଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟ ସ୍ତରୀୟ ବାର୍ଷିକ ବିଜ୍ଞାନ ମେଳା

**ଖୁଣ୍ଟୁଣୀ, ୪।୪(ଡି.ଏନ୍.ଏ.):** ଖୁଣ୍ଟୁଣୀସ୍ଥିତ ରାଧାନାଥ ବିଦ୍ୟାପୀଠରେ ସୋମବାର ବିଦ୍ୟାଳୟ ସ୍ତରୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ପ୍ରଧାନ ଶିକ୍ଷକ ସୌମେନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ମେଳାରେ ସମୁଦାୟ ୨୪ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରୁନୁବାଳା ମହାନ୍ତି, ଶିକ୍ଷକ ସବ୍ୟସାଚୀ ଦାସ, ସୌମ୍ୟଶ୍ରୀ ପ୍ରଧାନ ଓ ଶ୍ରଦ୍ଧାଞ୍ଜଳି ସାମଲ ପ୍ରମୁଖ ମେଳାକୁ ପରିଚାଳନା କରିଥିଲେ। ଡାଲଭାଗ ଅପଗ୍ରେଡ ସ୍କୁଲର ବିଜ୍ଞାନ ଶିକ୍ଷକ ଦୀପ୍ତିରଞ୍ଜନ ଚକ୍ରବର୍ତ୍ତୀ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ଏଥିରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ପ୍ରଥମ, ଫଇଜିନ କମଲ ୨ୟ ଓ ଜ୍ୟୋତିରଞ୍ଜନ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

### ଅରୁଣୋଦୟ ନଗର ନାଗରିକ ପରିଷଦର ନୂତନ କର୍ମକର୍ତ୍ତା

**କଟକ ଅଫିସ, ୪।୪:** ଅରୁଣୋଦୟ ନଗର ନାଗରିକ ପରିଷଦର ନୂତନ ଦ୍ୱିବାର୍ଷିକ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୨ବର୍ଷ ପୂର୍ବେ ଶେଷ ହୋଇଥିଲେ ମଧ କରୋନା ଯୋଗୁ ନିର୍ବାଚନ ହୋଇପାରି ନ ଥିଲା। ଏବେ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ଏକ ନୂତନ କୋର କମିଟି ଗଢ଼ାଯାଇଥିଲା। ଏହି କମିଟିର ଆବାହକ ଶ୍ୟାମସୁନ୍ଦର ସାହୁ ଓ ତାଙ୍କର ୬ ଜଣ ସହଯୋଗୀ ନିର୍ବାଚିତ ହୋଇଥିବା ୮ଜଣ କର୍ମକର୍ତ୍ତା, ୧୦ ଜଣ କାର୍ଯ୍ୟକାରୀ ସଭ୍ୟ ଓ ୧୦ ଜଣ ଉପଦେଷ୍ଟା ମଣ୍ଡଳୀ ସଦସ୍ୟଙ୍କ ନାମ ସୁପାରିସ କରିଥିଲେ। ନିର୍ବାଚନ ଅଫିସର ଆଡଭୋକେଟ୍ ଦେବେନ୍ଦ୍ର କୁମାର ଦ୍ୱିବେଦୀ କର୍ମକର୍ତ୍ତା ଭାବେ, ଶିଶୁଶଲ୍ୟ ଚିକିତ୍ସକ ପ୍ରଫେସର ଡା. ନିରଞ୍ଜନ ପରିଡାଙ୍କୁ ସଭାପତି, ସୁଧୀର କୁମାର ମହାନ୍ତି ଉପସଭାପତି, ଡା. ଦେବଦତ୍ତ ସ୍ୱାଇଁ ଯୁଗ୍ମଉପସଭାପତି, ସମରେନ୍ଦ୍ର ଘୋଷ ସମ୍ପାଦକ, ଆଡଭୋକେଟ ଲକ୍ଷ୍ମୀଧର ଦାଶ ଯୁଗ୍ମ ସମ୍ପାଦକ, ମହେଶ୍ୱର ମହାନ୍ତି ଯୁଗ୍ମ ସମ୍ପାଦକ (ସାଂସ୍କୃତିକ), ପରମେଶ୍ୱର ପଣ୍ଡା କୋଷାଧକ୍ଷ ଏବଂ ମାନଗୋବିନ୍ଦ ସାମଲଙ୍କୁ ମନ୍ଦିର କମିଟି ଆବାହକ ଭାବେ ଶପଥ ପାଠ କରାଇଥିଲେ।

### ରେଭେନ୍‌ଶା ବାଳିକା ବିଦ୍ୟାଳୟରେ ବିଜ୍ଞାନ ପ୍ରଦର୍ଶନୀ

**କଟକ ଅଫିସ, ୪।୪:** ରେଭେନଶା ବାଳିକା ବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ପ୍ରଦର୍ଶନୀ ମେଳା ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମେଳାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଭିଜିତା ଭାସ୍କର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଜୟନ୍ତୀ ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୮୧ଜଣ ପ୍ରତିଯୋଗୀ ୫୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରକଳ୍ପରେ ସିନିୟର ବିଭାଗରେ ଅଲକା ନନ୍ଦ ଭୋଇ ପ୍ରଥମ, ତାପସୀ ଦାସ ଦ୍ୱିତୀୟ ଓ ରାଜଲକ୍ଷ୍ମୀ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ସାଇଶ୍ରୀ ଦତ୍ତ ପ୍ରଥମ, ଶ୍ରାବଣୀ ପଲେଇ ଦ୍ୱିତୀୟ ଏବଂ ଅନ୍ନପୂର୍ଣ୍ଣା ସାହୁ ଓ କୀର୍ତ୍ତି ପ୍ରିୟଦର୍ଶିନୀ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଜ୍ଞାନ ଗବେଷକ ଅମରେନ୍ଦ୍ର ନାୟକ, ମନୀଷା ଦାସ ଏବଂ ଶିକ୍ଷୟିତ୍ରୀ ରୀନା ବିଶ୍ୱାଳ ବିଚାରକ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ମମତା ପଣ୍ଡା ପରିଚାଳନା କରିଥିବାବେଳେ ସମସ୍ତ ବିଜ୍ଞାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସେକ୍ କଲିମୁଦ୍ଦିନ ଧନ୍ୟବାଦ ଦେଇଥିଲେ।

# ଧାରଣାରେ ବସିଲେ ଅଭିଭାବକ, ଶିଶୁ

### ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ

**ନିଶ୍ଚିନ୍ତକୋଇଲି,୪।୪(ସ୍ୱ.ପ୍ର.)**


ଝାରପଡ଼ା ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତରକୁ ବିରୋଧ କରି ଧାରଣା ଦିଆଯାଇଛି।

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଫଗୋଳ ପଞ୍ଚାୟତ ଝାରପଡ଼ା ଅଙ୍ଗନୱାଡି କେନ୍ଦ୍ର ଅନ୍ୟତ୍ର ସ୍ଥାନାନ୍ତରକୁ ଅଭିଭାବକମାନେ ବିରୋଧ କରିଛନ୍ତି। ସେମାନେ ଏହାର ପ୍ରତିବାଦରେ ଧାରଣାରେ ବସିଛନ୍ତି। ଶିଶୁମାନେ ଅନ୍ୟ କେନ୍ଦ୍ରକୁ ଯାତାୟାତ କରିବାରେ ବିପଦ ରହିଛି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ଗତ ୧୫ ବର୍ଷ ହେଲା ଝାରପଡ଼ା ପ୍ରାଥମିକ ବିଦ୍ୟାଳୟରେ ଝାରପଡ଼ା ଅଙ୍ଗନୱାଡି କେନ୍ଦ୍ର ଚାଲି ଆସୁଥିଲା। ଗତକିଛି ଦିନ ହେଲା ସମ୍ପୃକ୍ତ ଅଙ୍ଗନୱାଡି କର୍ମୀ କେନ୍ଦ୍ରକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏପରିକି ଏହି କେନ୍ଦ୍ରକୁ କୋମଳମତି ଶିଶୁମାନେ ଯାଇ ନିରାଶ ହୋଇ ଫେରୁଛନ୍ତି। ଏପରି କି ଶିଶୁମାନଙ୍କୁ ଏହି କେନ୍ଦ୍ରରେ ଠିକ୍ ଭାବେ ଖାଦ୍ୟ, ପୋଷାକ ଦିଆଯାଉନାହିଁ। ଅଙ୍ଗନୱାଡି କର୍ମୀ ତାଙ୍କ ନିଜ ଗ୍ରାମ ଫଗୋଳରେ ଅଙ୍ଗନୱାଡି କେନ୍ଦ୍ର ମନମୁଖୀ ଭାବେ ଚଲାଇଥିବାର ସାଧାରଣରେ ଅଭିଯୋଗ ହୋଇଛି। ଏପରିକି ଅଙ୍ଗନୱାଡି କର୍ମୀ ଏହି କେନ୍ଦ୍ରକୁ ମନମୁଖୀ ଭାବେ ଫଗୋଳ ଗ୍ରାମକୁ ଉଠାଇ ନେଇଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ର ଫଗୋଳ ଗ୍ରାମକୁ ସ୍ଥାନାନ୍ତର କରାଯାଇଥିବା ପ୍ରତିବାଦରେ ସୋମବାର ସ୍ଥାନୀୟ ଲୋକେ ଏସମ୍ପର୍କରେ ସିଡିପିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ପ୍ରତିବାଦରେ ବହୁ ମହିଳା,ପୁରୁଷ ଓ ସେମାନଙ୍କ କୋମଳମତୀ ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ସୋମବାର ଧାରଣାରେ ବସିଥିଲେ। ତୁରନ୍ତ ଏଠାରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯିବା ନିମନ୍ତେ ଦାବି କରିଥିଲେ। ଅଙ୍ଗନୱାଡି କର୍ମୀ ଗୀତାଞ୍ଜଳି ମଲିକ କୁହନ୍ତି , ସିଡିପିଓଙ୍କ ନିର୍ଦ୍ଦେଶକ୍ରମେ ସେ ଅଙ୍ଗନୱାଡି କେନ୍ଦ୍ର ସ୍ଥାନାନ୍ତର କରିଛନ୍ତି। ତେବେ ସେ ଅଙ୍ଗନୱାଡି କେନ୍ଦ୍ରର କୌଣସି ସାମଗ୍ରୀ ବଣ୍ଟନରେ ଅନିୟମିତତା କରାଯାଇ ନ ଥିବା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ସିଡିପିଓ ଲୀଳାବତୀ ସେଠୀ କୁହନ୍ତି, ପୂର୍ବରୁ ଏହି ଅଙ୍ଗନୱାଡି କେନ୍ଦ୍ର ଝାରପଡ଼ାରେ ଚାଲୁଥିଲା। ସେହିପଡ଼ାରେ ଶିଶୁମାନଙ୍କ ସଂଖ୍ୟା କମ ଓ କେନ୍ଦ୍ର ପରିସର ଅସ୍ୱାସ୍ଥ୍ୟକର ପରିବେଶ ହୋଇଥିବାରୁ ଉକ୍ତ କେନ୍ଦ୍ରକୁ ଫଗୋଳ ଗ୍ରାମକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ କଟକ ଡିଏସ୍‌ଡବ୍ଲୁ ନିରୁପମା ବେହେରା କୁହନ୍ତି ଏହି ଅଭିଯୋଗର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍କୁଲ ଆଗରେ ଛାତ୍ରୀଛାତ୍ର, ଅଭିଭାବକଙ୍କ ଧାରଣା

### ମାଟ୍ରିକ ପରୀକ୍ଷା କେନ୍ଦ୍ର ଉଚ୍ଛେଦ ପ୍ରତିବାଦ



**ସାଲେପୁର,୪।୪(ଡି.ଏନ.ଏ.)**

ସାଲେପୁର ବ୍ଲକ ଓଡ଼ାସିଂହ ପଞ୍ଚାୟତସ୍ଥିତ ଯତୀନ୍ଦ୍ରନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ ବଞ୍ଚିତ କରାଯାଇଛି। ଏହାର ପ୍ରତିବାଦରେ ସୋମବାର ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗ ଅନୁଯାୟୀ ଦୀର୍ଘବର୍ଷ ହେବ ଉକ୍ତ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇ ଆସୁଥିଲା। ହେଲେ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟକୁ ବାଦ ଦିଆଯାଇଛି। ବିଦ୍ୟାଳୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ମାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇ ପାରିଲା ନାହିଁ ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ଯଦି ଗଣଶିକ୍ଷା ବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆ ନ ଯାଏ ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଅପରପକ୍ଷେ ମାଟ୍ରିକ ପରୀକ୍ଷା କେନ୍ଦ୍ର ଉଚ୍ଛେଦ ଘଟଣାରେ ବିଦ୍ୟାଳୟର କୌଣସି ଭୂମିକା ନାହିଁ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୁଷମା ଓଝା କହିଛନ୍ତି। ଏହାର ପୁନଃ ବିଚାର କରିବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ସେ ଜଣାଇବେ ବୋଲି କହିଛନ୍ତି।

# ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରେ ସ୍କାଉଟ୍ସ, ଗାଇଡ୍ସ



ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲରେ ଅନୁଷ୍ଠିତ ଜାତୀୟ ସଂହତି ଶିବିରରେ ଉପସ୍ଥିତ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅତିଥି।

**କଟକ ଅଫିସ, ୪।୪**

### ତ୍ରିଦିବସୀୟ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ

କଟକ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ପକ୍ଷରୁ ସୋମବାର ତୁଳସୀପୁରସ୍ଥିତ ଓଡ଼ିଶା ପୋଲିସ ହାଇସ୍କୁଲଠାରେ ତ୍ରିଦିବସୀୟ ଜାତୀୟ ସଂହତି ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ମୋ' ସ୍କୁଲ ଅଭିଯାନର ଅଧକ୍ଷା ସୁସ୍ମିତା ବାଗ୍‌ଚୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ସ୍କାଉଟ୍ସ ଓ ଗାଇଡ୍ସ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ଏବଂ ନୀତିବାନ କରିଥାଏ ବୋଲି କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କ ପାଇଁ ସ୍କାଉଟ୍ସ ଓ ଗାଇଡ୍ସର ଭୂମିକା ଏବଂ ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତ, ଦିପ୍ତୀମୟୀ ଶୁଭଦର୍ଶିନୀ, ସୋନାମିକା ରାୟ, ଜିଲା ସମ୍ପାଦକ ସୌଦାମିନୀ ଖାଡେଙ୍ଗା, ଜିଲା ସଂଗଠନ ଆୟୁକ୍ତ ପ୍ରଦୀପ୍ତ କୁମାର ମହାନ୍ତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଯୁଗ୍ମ ସମ୍ପାଦକ ଅକ୍ଷୟ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଏବଂ ଗାଇଡ୍ କମିଶନର ନିରୁପମା ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ଜିଲାର ବହୁ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି। ଶିବିରରେ ଗ୍ରାମ୍ୟମେଳା, ପିଜାଣ୍ଟ ଶୋ, କ୍ୟାମ୍ପ ଫାୟାର ଆଦି ପ୍ରଦର୍ଶନ କରାଯିବାର କାର୍ଯ୍ୟକ୍ରମ ରହିଛି।

### ଆଇନଜୀବୀ ପ୍ରମୋଦଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ

**କଟକ ଅଫିସ, ୪।୪**

ବିଶିଷ୍ଟ ଆଇନଜୀବୀ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୭୩ତମ ଜୟନ୍ତୀ ଉତ୍ସବ କ୍ରିମିନାଲ୍ କୋର୍ଟସ ବାର୍ ଆସୋସିଏଶନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇଥିଲେ। ସ୍ମୃତି କମିଟିର ସଭାପତି ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ନାରାୟଣ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଆସୋସିଏଶନର ସଭାପତି ମନୋରଞ୍ଜନ ମିଶ୍ର ଓ ସମ୍ପାଦକ ମନୋଜ ମହାପାତ୍ର ଯୋଗଦେଇଥିଲେ। ସୌରଭ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଅକ୍ଷୟ ପତି ଅତିଥି ପରିଚୟ ଓ ପ୍ରଦୀପ ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ପ୍ରମୋଦ କୁମାର ପାଇକରାୟଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିରେ ନୀଳଚକ୍ର ନୀଳାଦ୍ରି ପଣ୍ଡା, ବ୍ରଜକିଶୋର ନନ୍ଦ, ଆଇନଜୀବୀ ଦେବାଶିଷ ପଣ୍ଡା, ରଞ୍ଜିତ କେଶରୀ ରାଏ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ଅନନ୍ତପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା, ୪ ଗିରଫ

**ଖୁଣ୍ଟୁଣୀ, ୪।୪(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଅନନ୍ତପୁର ଗ୍ରାମରେ ଶନିବାର ରାତିରେ ଜଣେ ଯୁବତୀଙ୍କୁ କମେଣ୍ଟମରାକୁ କେନ୍ଦ୍ର କରି ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ସୋମବାର ଖୁଣ୍ଟୁଣୀ ଥାନା ପୋଲିସ ଅଟକ ଥିବା ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ବାଦଲ ଭୋଇ , ଯୁଗଳ ଭୋଇ, ଭକ୍ତଭୂଷଣ ଭଞ୍ଜ ଓ ସୂର୍ଯ୍ୟ ଖଟୁଆ। ପୋଲିସ ଅନନ୍ତପୁର ଗ୍ରାମର ରଶ୍ମି ଭଞ୍ଜଙ୍କ ଅଭିଯୋଗକ୍ରମେ ନଂ. ୮୩/୨୨ ଓ ପ୍ରଭାତୀ ସେଠୀଙ୍କ ଅଭିଯୋଗକ୍ରମେ ନଂ. ୮୪/୨୨ ଦୁଇଟି ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଶନିବାର ଅନନ୍ତପୁର ଗ୍ରାମର ଜଣେ ଯୁବତୀ ତାଙ୍କ ସାଙ୍ଗମାନଙ୍କ ସହ ବ୍ରହ୍ମପୁର ଗ୍ରାମକୁ ବାରୁଣୀ ଯାତ୍ରା ଦେଖିବାକୁ ଯାଇଥିଲେ। ଏହି ସମୟରେ ଉକ୍ତ ଗ୍ରାମର ଜଣେ ଯୁବକ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ। ଏ କଥା ଯୁବତୀ ଘରେ କହିବାରୁ ତାଙ୍କ ବାପା ସମ୍ପୃକ୍ତ ଗ୍ରାମର ଭଦ୍ରଲୋକଙ୍କୁ ନେଇ ଯୁବକ ଘରକୁ ଯାଇ ପଚରାଉଚରା କରୁଥିବା ବେଳେ ସେଠାରେ ଗଣ୍ଡଗୋଳର ସୂତ୍ରପାତ ହୋଇ ଗୋଷ୍ଠୀ ସଂଘର୍ଷରେ ପରିଣତ ହୋଇଥିଲା। ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଢେଲା ମାଡ଼ ହେବାରୁ ଜଣେ ଗୁରୁତର ଓ ୪ଜଣ ଆହତ ହୋଇଥିଲେ। ଜଣଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାର ଏକ ସମାଧାନ ପାଇଁ ରବିବାର ରାତିରେ ସ୍ଥାନୀୟ ଜନ ପ୍ରତିନିଧି ଓ ଭଦ୍ରଲୋକଙ୍କ ସହ ଉଭୟ ପକ୍ଷର ବସିଥିଲେ ମଧ କୌଣସି ସମାଧାନ ହୋଇପାରି ନ ଥିଲା। ସୋମବାର ମଧ ସେଠାରେ ପୋଲିସ ଫୋର୍ସ ମୁତୟନ ଥିଲେ ବୋଲି ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ଆଠଗଡ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

**ଆଠଗଡ,୪।୪ (ସ୍ୱ.ପ୍ର.)**

### ଓଡ଼ିଶା ଦିବସରେ ଦଳୀୟ କାର୍ଯ୍ୟକ୍ରମକୁ ବିରୋଧ

ଆଠଗଡ଼ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ପାଇଁ ପୂର୍ବରୁ ପ୍ରସ୍ତୁତି ବୈଠକ କରାଯାଇ କିପରି କାର୍ଯ୍ୟକ୍ରମ ହେବ ସେସମ୍ପର୍କରେ ନିଷ୍ପତ୍ତି ହୋଇଥିଲା। ମାତ୍ର ଏହି ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇ ଶାସକ ଦଳ ପକ୍ଷରୁ ଦଳୀୟ କାର୍ଯ୍ୟକ୍ରମ କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସୋମବାର ଆଠଗଡ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଓଡ଼ିଶା ଦିବସ ପାଳନ ପାଇଁ ପୂର୍ବରୁ ସ୍ଥିର କରାଯାଇଥିବା ବେଳେ କାହା ନିର୍ଦ୍ଦେଶରେ ସ୍ଥାନ ପରିବର୍ତ୍ତନ କରାଯାଇ ଏହାକୁ ମହୋତ୍ସବ ପଡିଆରେ ପାଳନ କରାଗଲା। ଏନେଇ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ସେହିପରି ଉପଜିଲାପାଳଙ୍କ ଉପସ୍ଥିତିରେ ମଞ୍ଚରେ ଓଡ଼ିଶାର ବରପୁତ୍ରଙ୍କ ବଦଳରେ ଶାସକ ଦଳର କାର୍ଯ୍ୟକ୍ରମ କରାଯିବାକୁ ନିନ୍ଦା କରାଯାଇଛି। ଏହାକୁ ମହାପୁରୁଷମାନଙ୍କ ପ୍ରତି ଅପମାନ ବୋଲି ଭାଜପା ପକ୍ଷରୁ କୁହାଯାଇଛି। ଏନେଇ ଆଗାମୀ ୭ ଦିନ ମଧ୍ୟରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଭାଜପା ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏଥିପାଇଁ ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଦାୟୀ ରହିବେ ବୋଲି ଭାଜପା ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କଟକ ଜିଲାସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ଭାଜପା ନେତା ବଜେନ୍ଦ୍ର ରାଏ, ହେମନ୍ତ କୁମାର ମହାନ୍ତି, ଇଲା ପଣ୍ଡା, ରମାକାନ୍ତ ସେନାପତି ଏବଂ ତପନ କୁମାର ଲେଙ୍କା ପ୍ରମୁଖ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗକୁ ଏଭଳି ଭୁଲ ହେବ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଏହି ସମୟରେ ସ୍ୱାଇଁ ପ୍ରକାଶ କରିଛନ୍ତି।

### ଶୈଳବାଳା କଲେଜରେ ଆଲୋଚନାଚକ୍ର

**କଟକ ଅଫିସ, ୪।୪**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ନାଇଜର ଭୁବନେଶ୍ୱର ଓ ଶୈଳବାଳା ମହାବିଦ୍ୟାଳୟ ମଧ୍ୟରେ ଏକ ଚୁକ୍ତିନାମା ନିମନ୍ତେ ସେ ପ୍ରସ୍ତାବ ଆଗତ କରିଥିଲେ। ମୁଖ୍ୟ ଅତିଥି ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ନାଇଜର ବୈଜ୍ଞାନିକ ଡ. ଚନ୍ଦନ ଗୋସ୍ୱାମୀ ଆଇଓଏନ୍ ଚ୍ୟାନେଲର ଉପଯୋଗିତା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆବାହକ ରତ୍ନପ୍ରଭା ପୃଷ୍ଟି, ଡ. ପ୍ରଶାନ୍ତ କୁମାର ସାମନ୍ତରାୟ ଏବଂ ସରସ୍ୱତୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ପରିଦର୍ଶନ

**ସାଲେପୁର, ୪।୪(ଡି.ଏନ୍.ଏ.)**

କେନ୍ଦ୍ରାଞ୍ଚଳ ଆରଡିସି ସୋମବାର ହଠାତ୍ ସାଲେପୁର ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ପରିଦର୍ଶନରେ ଆସି ବିଭିନ୍ନ ପ୍ରକାର କାଗଜପତ୍ର ତନଖି କରିଛନ୍ତି। କାର୍ଯ୍ୟାଳୟକୁ ଆସୁଥିବା ବିଭିନ୍ନ ଲୋକଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଆରଡିସି ସୁରେଶ ଚନ୍ଦ୍ର ଦଳାଇ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ସବ୍‌ରେଜିଷ୍ଟ୍ରାର ଅନୁପସ୍ଥିତ ଥିବାବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଧାନବସ୍ତା ରଖି ବୃଦ୍ଧାଙ୍କ ଧାରଣା

**ସାଲେପୁର, ୪।୪ (ଡି.ଏନ୍.ଏ.)**



ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ସମବାୟ ସମିତିରେ ଧାନ ବିକ୍ରି କରି ନ ପାରି ସୋମବାର ଜଣେ ବୃଦ୍ଧା ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାନବସ୍ତା ରଖି ଧାରଣା ଦେଇଥିଲେ। ସେ ହେଲେ ବ୍ଲକ ଅନ୍ତର୍ଗତ ବଲ୍ଲଭପୁର ଗ୍ରାମର ତିଳୋତ୍ତମା ମହାନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଧାନ ବିକ୍ରି ପାଇଁ ବାରମ୍ବାର ସମିତି କାର୍ଯ୍ୟାୟକୁ ଆସି ନିରାଶ ହୋଇଥିଲେ। ଶେଷରେ ଧାରଣା ଦେଇଛନ୍ତି ବୋଲି କହିଛନ୍ତି। ସମିତି କର୍ମଚାରୀ ଆସି ବୁଝାଶୁଝା କରିବା ପରେ ସେ ଧାରଣାରୁ ଉଠିଥିଲେ। ଏହି ସମିତିରେ ଏଭଳି ବହୁ ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗୋବିନ୍ଦ ଦାଶଙ୍କୁ ଶ୍ରଦ୍ଧାଞ୍ଜଳି

**କଟକ ଅଫିସ, ୪।୪**

ସମ୍ବାଦପତ୍ର ବିକ୍ରେତା ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସୋମବାର ବାରବାଟୀ ଷ୍ଟାଡିୟମରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢ଼ିହାରୀ ଯୋଗଦେଇ ସଂଘ କିଭଳି ସୁଦୃଢ ହେବ ସେଥିପ୍ରତି ଦାଶ ସର୍ବଦା ତତ୍ପର ଥିଲେ ବୋଲି କହିଥିଲେ। ସଂଘ ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁଚରଣ ଦାଶ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ମନୋଜ ପାଲ୍, ପ୍ରଶାନ୍ତ ସାହୁ, ପ୍ରଦ୍ୟୁମ୍ନ ବିଶୋଇ, ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ଼ି, ସୁବାସ ପ୍ରଧାନ, ହାଡ଼ିବନ୍ଧୁ ବେହେରା, ରବି ପାଲ୍ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।


ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ସ୍ମୃତିସଭାରେ ଉପସ୍ଥିତ ସଂଘ ସଭାପତି ବିଜୟ ପଢ଼ିହାରୀ ଓ ଅନ୍ୟମାନେ।

# ୭୦୦ ଦିନ ପରେ ବି ମିଳିପାରିଲାନି ସୂଚନା

**କଟକ ସଦର,୪।୪(ଡି.ଏନ୍.ଏ.)**

### ସୂଚନା ଅଧିକାର ଆଇନର ନିୟମ ଉଲ୍ଲଂଘନ

କୌଣସି ସରକାରୀ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ବଳରେ ତଥ୍ୟ ଜାଣିବାକୁ ହେଲେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବାକୁ ପଡ଼େ। ସମ୍ପୃକ୍ତ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀ ଦରଖାସ୍ତ ଗ୍ରହଣ କରିବାର ୩୦ଦିନ ମଧ୍ୟରେ ଆବଶ୍ୟକ ସୂଚନା ଦେବା ପାଇଁ ବାଧ ଅଟନ୍ତି। ମାତ୍ର କଟକ ସଦର ବ୍ଲକ କାର୍ଯ୍ୟାଳୟର ଲୋକସୂଚନା ଅଧିକାରୀ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ଅଧିକାରୀଙ୍କ ନିକଟରେ ୨୦୨୦ ମାର୍ଚ୍ଚରେ ଜଣେ ଆବେଦନକାରୀ ଫନୀ କ୍ଷୟକ୍ଷତି ସମ୍ପର୍କୀୟ ତଥ୍ୟ ଜାଣିବା ପାଇଁ ଆବେଦନ କରିଥିଲେ। ଇତି ମଧ୍ୟରେ ୭୦୦ ଦିନ ବିତି ଯାଇଥିଲେ ସୁଦ୍ଧା ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେବାରେ ବ୍ୟର୍ଥ ହୋଇଛନ୍ତି।

ସୂଚନା ଅନୁଯାୟୀ, କଟକ ସଦର ବ୍ଲକ ଅୟତପୁର ପଞ୍ଚାୟତର ତତ୍କାଳୀନ ସମିତି ସଭ୍ୟ ଗୋକୁଳଚନ୍ଦ୍ର ପ୍ରଧାନ ଆର୍‌ଟିଆଇର ନିର୍ଦ୍ଧାରିତ ଫର୍ମରେ ବ୍ଲକରେ ଫନୀ କ୍ଷୟକ୍ଷତି ଜାଣିବା ସମ୍ପର୍କରେ ଆବେଦନ କରିଥିଲେ। ହେଲେ ବିଭିନ୍ନ ଆଳ ଦେଖାଇ ଏପର୍ଯ୍ୟନ୍ତ ଆବେଦନକାରୀଙ୍କୁ ସୂଚନା ଦିଆଯାଉ ନାହିଁ। ଏହାବ୍ୟତୀତ ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ଦୁର୍ନୀତି, ସରକାରୀ ଜାଗାରେ ଜବରଦସ୍ତ କୋଠାଘର ନିର୍ମାଣ, ଗୋଚର ଜମିରେ ଘର କରିବା ଆଦି ପାଇଁ ଜିଲାପାଳଙ୍କ ଆଦେଶନାମା ସଂକ୍ରାନ୍ତୀୟ ତଥ୍ୟ ପାଇବା ପାଇଁ ଅନେକ ଆବେଦନକାରୀ ଅପେକ୍ଷାରେ ଅଛନ୍ତି। ହେଲେ ସୂଚନା ଦେବା ପାଇଁ ସମ୍ପୃକ୍ତ ଲୋକ ସୂଚନା ଅଧିକାରୀ ଗିରିଜା ପ୍ରସାଦ ବାରିକ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସ୍ପଷ୍ଟ ହୋଇଯାଇଛି। କଟକ ଜିଲାପାଳଙ୍କ ନିୟନ୍ତ୍ରଣାଧୀନ ସମସ୍ତ ସରକାରୀ କାର୍ଯ୍ୟାଳୟର ଲୋକ ସୂଚନା ଅଧିକାରୀମାନେ ଗୁରୁତ୍ୱର ସହ ଆବେଦନକାରୀଙ୍କୁ ନିର୍ଦ୍ଧାରିତ ସମୟରେ ସୂଚନା ଦେବାପାଇଁ ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ପତ୍ର ସଂଖ୍ୟା ୪୧୪୫୮/୨୩.୧୧.୨୦ ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୁଖ୍ୟ ସୂଚନା ଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ମଧ କଟକ ସଦର ବ୍ଲକର ଲୋକ ସୂଚନା ଅଧିକାରୀଙ୍କୁ ନଂ. ୨୦୩୦୪ / ୪.୪.୨୧ରେ ପତ୍ର ଲେଖାଯାଇ ଆବେଦନକାରୀଙ୍କୁ ସୂଚନା ଅଧିକାର ଆଇନ ବଳରେ ଶୀଘ୍ର ତଥ୍ୟ ଦେବାପାଇଁ ପତ୍ର ଲେଖାଯାଇଥିଲା। କିନ୍ତୁ ସୂଚନା ଅଧିକାରୀ ବାରିକଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁନାହିଁ। ଏପରିକି କୌଣସି ସୂଚନା ଦେଲେ ସମ୍ପୃକ୍ତ ଅଧିକାରୀ ନିଜରପଦବୀ ସହ ନାମ ମଧ ଲେଖୁନାହାନ୍ତି। ଏଭଳି ପରିସ୍ଥିତିରେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଆବେଦନକାରୀମାନେ ସୂଚନା ଦେଇଛନ୍ତି। ଅଭିଯୋଗ ସମ୍ପର୍କରେ ଲୋକ ସୂଚନା ଅଧିକାରୀ ବାରିକଙ୍କୁ ପଚାରିବାରୁ ଆବେଦନ ପତ୍ରଗୁଡ଼ିକ ବିଭିନ୍ନ ସେକ୍ସନକୁ ତଥ୍ୟ ଦେବାପାଇଁ ପଠାଇ ଦିଆଯାଇଛି। କିନ୍ତୁ ସେମାନେ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଠିକ ସମୟରେ ତଥ୍ୟ ଦେବା ସମ୍ଭବ ହେଉ ନାହିଁ ବୋଲି ସେ କହିଥିଲେ।

### ସମାଜ ହିତ ପାଇଁ ବିବେକାନନ୍ଦଙ୍କ ସାଧନା ଉଦ୍ଦିଷ୍ଟ

**କଟକ ଅଫିସ, ୪।୪**

ସ୍ୱାମୀ ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଶାଖା ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତାର ପ୍ରାସଙ୍ଗିକତା ଶୀର୍ଷକ ଆଲୋଚନାଚକ୍ର ସିଡିଏ ସେକ୍ଟର-୮ ଶିବଶକ୍ତି ଯୋଗ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାମୀ ଆଦ୍ୟାନନ୍ଦ ଯୋଗଦେଇ କହିଥିଲେ, ସମଗ୍ର ମାନବ ସମାଜର ହିତ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ସାଧନା ଓ ବାଣୀ ଉଦ୍ଦିଷ୍ଟ ଥିଲା। ଜ୍ଞାନ ଓ କର୍ମ ଯୋଗ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରି ଜଗତର କଲ୍ୟାଣ ନିମନ୍ତେ ସ୍ୱାମୀଜୀ ସତ୍ୟନିଷ୍ଠ ଭାବେ ସାଧନା କରି ଯାଇଛନ୍ତି ବୋଲି ଆଦ୍ୟାନନ୍ଦ କହିଥିଲେ। ଆଶ୍ରମ ପରିଚାଳନା କମିଟି ସଭାପତି ଇଂ ଶଶିଭୂଷଣ ସ୍ୱାଇଁଙ୍କ ଅଧକ୍ଷତାରେ ଖବରଦାତା କିଶୋର ଶତପଥୀ, ଡ. ସତ୍ୟ ରାୟ, ରାଜକିଶୋର ଦାଶ, ଡ. ଶୈଳଜା ନନ୍ଦିନୀ ଜେନା, କେଦାର ନାଥ ଜାଲି ପ୍ରମୁଖ ଯୋଗଦେଇଥିଲେ। ରଶ୍ମିତା ନାୟକ ସ୍ୱାଗତ ଭାଷଣ ଦେଇଥିଲେ।